

'ଦ ରାଜା ସାବ୍'ରେ କରିନା
▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-13 •MONDAY •7 JULY 2025 •PAGE-12 •₹ 6.00 | JEYPORE | •ବର୍ଷ-୪୩ •ସଂଖ୍ୟା-୧୩ •ସୋମବାର •୭ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

# ରଥରେ ଝଟକିଲେ ସୁନା ଠାକୁର







■ **ପୁରୀ,୬।୭(ସମିସ):** ସରିସରି ଆସୁଛି ଶ୍ରୀଗୁଣ୍ଡିଚା ମହୋତ୍ସବ। ଆଉ ଦିନକ ପରେ ନୀଳକନ୍ଦରକୁ ବାହୁଡ଼ିଯିବେ ନୀଳାଦ୍ରିନାଥ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁଙ୍କର ଅନୁଷ୍ଠିତ ହୋଇଛି ସୁନାବେଶ। ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଝଲସିଛନ୍ତି ବିଶ୍ୱନିୟନ୍ତା। ଦାରୁବିଗ୍ରହଙ୍କ ଦୁର୍ଲଭ ସୁନାବେଶ ବା ବଡ଼ତଡ଼ାଉ ବେଶ ଦର୍ଶନ କରିଛନ୍ତି ଅଗଣିତ ଭକ୍ତ। ପ୍ରାୟ ୧୨ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବିଶ୍ୱନିୟନ୍ତାଙ୍କ ଦିବ୍ୟବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ଆସନ୍ତାକାଲି (ସୋମବାର) ରଥ ଉପରେ

**ବଡ଼ଦାଣ୍ଡ ପାଲଟିଲା ଜନସମୁଦ୍ର**

**ରଥାରୂଢ଼ ଠାକୁରଙ୍କୁ ଦର୍ଶନ କଲେ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ**

ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ ହେବ। ସେଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ନୀଳାଦ୍ରିବିଜେ। ଏହିଦିନ ରତ୍ନସିଂହାସନକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ବୁଧବାରଠାରୁ ଭକ୍ତ ପାଇବେ ନୀଳାଚଳ ଅବଢ଼ା।

ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ରବିବାର ସକାଳୁ ପୁରୀକୁ ଭକ୍ତଙ୍କ ଧାଡ଼ି ଲାଗିଥିଲା। ସଅଳ ନୀତିକାନ୍ତି ସାଙ୍ଗକୁ ପାଗ ବି ବେଶ୍ ଅନୁକୂଳ ରହିଥିଲା। ଆକାଶ ଥିଲା ମେଘାଚ୍ଛନ୍ନ। ହେଲେ ବର୍ଷା ନ ଥିଲା। ମଝିରେ ମଝିରେ ଯଦିଓ ଝିପିଝିପି ବର୍ଷା ହେଉଥିଲା, ତାହା କିନ୍ତୁ ବାଧକ ସାଜିନଥିଲା। ତେଣୁ ଶ୍ରୀକ୍ଷେତ୍ରମୁହାଁ ହୋଇଥିଲେ ଶ୍ରଦ୍ଧାଳୁ। ହରିବୋଲ, ହୁଳହୁଳି ଧ୍ୱନିରେ ▸ପୃଷ୍ଠା-୭

## ଆଜି ରଥ ଉପରେ ଅଧରପଣା ନୀତି | ତିନି ରଥରେ ଭାଙ୍ଗିବ ୯ ଅଧରହାଣ୍ଡି

ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ସୋମବାର ଅଧରପଣା ନୀତି ସମ୍ପନ୍ନ ହେବ। ଏହି ନୀତି ପାଇଁ ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ ହୋଇଛି। ତାହାକୁ ଅଧର ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଦାରୁବିଗ୍ରହଙ୍କ ପାଖରେ ଲାଗି ହେବ। ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏଁ ପଣା ଭୋଗ ହେବ। ଦାରୁବିଗ୍ରହଙ୍କ ନିକଟରେ ପଣା ଭୋଗ ପରେ ଏହି ପଣାହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣା ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ▸ପୃଷ୍ଠା-୭

# 'ଏକ ଦେଶ-ଏକ ନିର୍ବାଚନ'ରେ କେଁ

## ଆପତ୍ତି ଉଠାଇଲେ ପୂର୍ବତନ ପ୍ରଧାନ ବିଚାରପତି

■ **ନୂଆଦିଲ୍ଲୀ, ୬।୭(ଏଜେନ୍ସି):** 'ଏକ ଦେଶ, ଏକ ନିର୍ବାଚନ' ପ୍ରସଙ୍ଗ ନେଇ ଭାରତର ଅନେକ ପ୍ରଧାନ ବିଚାରପତି ସେମାନଙ୍କର ମତାମତ ଦେଇଛନ୍ତି। ଏଭଳି ପ୍ରସ୍ତାବ ସାମ୍ବିଧାନିକ ଦୃଷ୍ଟିରୁ ଯୁକ୍ତିଯୁକ୍ତ ବୋଲି ସେମାନେ କହିଛନ୍ତି। ତେବେ ଏଥିରେ ଏଭଳି କେତେକ ବ୍ୟବସ୍ଥା ରହିଛି ଯାହାକି ଭାରତୀୟ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ବିଶେଷ କରି ନିର୍ବାଚନ କମିସନଙ୍କୁ ଯେଭଳି ଅଖଣ୍ଡ କ୍ଷମତା ଦିଆଯାଇଛି ତାହାକୁ ନେଇ ସେମାନେ ଘୋର ଆପତ୍ତି ଉଠାଇଛନ୍ତି। କେବଳ ସେତିକି ନୁହେଁ, ଏଭଳି ପ୍ରସ୍ତାବକୁ ନେଇ ବିଭିନ୍ନ ଆଞ୍ଚଳିକ ଦଳ ଯେଉଁ ଉଦ୍‌ବେଗ ଜଣାଇଛନ୍ତି ତାହା ସହିତ ଏମାନେ ମଧ୍ୟ ଏକମତ ହୋଇଛନ୍ତି।



**ନିର୍ବାଚନ କମିସନଙ୍କୁ ଅଖଣ୍ଡ କ୍ଷମତା ଦିଆ ନ ଯାଉ**

**କ୍ଷତିଗ୍ରସ୍ତ ହେବେ ଆଞ୍ଚଳିକ ଓ କ୍ଷୁଦ୍ର ରାଜନୈତିକ ଦଳ**

ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତ ଯୁଗ୍ମ ସଂସଦୀୟ କମିଟିକୁ ତାଙ୍କର ମତାମତ ଦେଇ କହିଛନ୍ତି ଯେ ପ୍ରସ୍ତାବିତ ନିର୍ବାଚନ ବ୍ୟବସ୍ଥା ସମ୍ବିଧାନର ମୌଳିକ ଢାଞ୍ଚାର ବିରୋଧାଚରଣ କରୁନାହିଁ। ଏସଂପର୍କରେ ବିଭିନ୍ନ ବିରୋଧୀ ଦଳ କରିଥିବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି ସେ କହିଛନ୍ତି ପୃଥକ ପୃଥକ ସମୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ କରିବା ଲାଗି ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ। ତେବେ ଭାରତର ନିର୍ବାଚନ କମିସନଙ୍କୁ ପ୍ରସ୍ତାବିତ ବ୍ୟବସ୍ଥାରେ ଯେପରି ଅଖଣ୍ଡ କ୍ଷମତା ଦିଆଯାଇଛି ତାହା ଗ୍ରହଣୀୟ ନୁହେଁ। ଏସଂପର୍କରେ ଅନ୍ୟତମ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ରଂଜନ ଗୋଗଇ ଦେଇଥିବା ମତାମତକୁ ସମର୍ଥନ କରି ଜଷ୍ଟିସ ଚନ୍ଦ୍ରଚୂଡ କହିଛନ୍ତି ଯେ କମିସନଙ୍କ କ୍ଷମତାରେ ଅଙ୍କୁଶ ଲଗାଇବା ପାଇଁ କୌଣସି ଗାଇଡଲାଇନ୍ସ ନାହିଁ। ଲୋକସଭା ସହିତ ଏକ ସମୟରେ ନିର୍ବାଚନ କରିବା ଲାଗି ବିଧାନସଭାମାନଙ୍କର କାର୍ଯ୍ୟକାଳ ବୃଦ୍ଧି କରିବା ବା ହ୍ରାସ କରିବା ଲାଗି କମିସନଙ୍କୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଏଭଳି ପରିସ୍ଥିତିରେ କମିସନ ନିଜ ମର୍ଜି ମୁତାବକ ନିଷ୍ପତ୍ତି ନେଇପାରିବେ। ବିଧାନସଭାର କାର୍ଯ୍ୟକାଳ ୫ ବର୍ଷ ରହିବ ବୋଲି ସମ୍ବିଧାନରେ ବ୍ୟବସ୍ଥା ଥିବା ବେଳେ କମିସନ ଚାହିଁଲେ ଏହାର କାର୍ଯ୍ୟକାଳ ବୃଦ୍ଧି କରିପାରିବେ ବୋଲି 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବରେ ବ୍ୟବସ୍ଥା କରାଯାଇଛି। କମିସନଙ୍କୁ ଏଭଳି କ୍ଷମତା ଦିଆଯିବା ଠିକ୍ ନୁହେଁ। କେଉଁ ପରିସ୍ଥିତିରେ ଏବଂ କିଭଳି କମିସନ ଏହି କ୍ଷମତାର ▸ପୃଷ୍ଠା-୭

# ସୃଷ୍ଟିହେଲା ଲଘୁଚାପ | ଆଜି ଅଧା ଓଡ଼ିଶାରେ ପ୍ରବଳ ବର୍ଷା

■ **ଭୁବନେଶ୍ୱର, ୬।୭ (ସମିସ):** ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରବିବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଗାମୀ ୨ରୁ ୩ ଦିନ ଯାଏ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ ଦେଇ ଗତି କରିବାର ସମ୍ଭାବନା ରହିଛି। ଫଳରେ ଆଗାମୀ ୧୨ ତାରିଖ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

**୧୨ ଯାଏଁ ନିସ୍ତାର ନାହିଁ**

କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ ଅନୁଯାୟୀ ଆସନ୍ତାକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ଅନୁଗୋଳ, ଦେବଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ବଲାଙ୍ଗୀର, ସୋନପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୟାଗଡ, କଟକ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ସତର୍କ ସୂଚନା ଜାରି କରାଯାଇଛି। ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର ଓ ମୟୂରଭଞ୍ଜରେ ମଧ୍ୟ ବର୍ଷା ସମ୍ଭାବନା ଥିବା ▸ପୃଷ୍ଠା-୭

## ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

**ଆଈଶାଶୂ, ନାତୁଣୀବୋହୂ ମୃତ**

**ଅଳ୍ପକେ ବର୍ତ୍ତିଗଲା ୬ ବର୍ଷର ଶିଶୁ**



■ **ନୂଆପଡ଼ା,୬।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଲଖନା ଥାନା ଅଧୀନ ପଟକରପାଲି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ନିର୍ମାଣାଧୀନ କୁକୁଡ଼ା ଫାର୍ମ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ରୂପେ ଶବର (୬୧) ଏବଂ ତାଙ୍କ ନାତୁଣୀ ବୋହୂ ବାଲମିତି ଶବର (୩୫)। ଲଖନା ଥାନା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗାଁ ଶ୍ମଶାନରେ ଏକାଠି ଆଈଶାଶୂ, ନାତୁଣୀବୋହୂଙ୍କ ଜୁଇ ଜଳିଛି। ଏଭଳି ହୃଦୟବିଦାରକ ଘଟଣା ଗାଁକୁ ସ୍ତବ୍ଧ କରିଦେଇଛି। ଗୋଟିଏ ଘରୁ ଦୁଇ ଦୁଇଟି ଶବ ଉଠିବା ପଟକରପାଲି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଗାଁର ଦିବାକର ଶବର (୩୮) ନାମକ ଜଣେ କ୍ଷୁଦ୍ର ଚାଷୀ ସରକାରୀ ଯୋଜନାରେ ୫ଶହ ବ୍ରଏଲର କୁକୁଡ଼ା ପାଳନ ସକାଶେ ଏକ କୁକୁଡ଼ା ଫାର୍ମ ତିଆରି କରୁଛନ୍ତି। ଫାର୍ମର କାନ୍ଥ ଉଠି ସାରିଥିଲା। ତେବେ ▸ପୃଷ୍ଠା-୭

# ହୀରାକୁଦ ଖୋଲିଲା ୨୦ ଗେଟ୍

## ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୦.୦୪ ଫୁଟ୍



■ **ସମ୍ବଲପୁର, ୬।୭ (ସମିସ):** ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୧୦ଟାରେ ପ୍ରଥମେ ୭ ନମ୍ବର ଗେଟ୍ ଖୋଲାଯାଇଥିଲା। ପରେ ପର୍ଯ୍ୟାୟକ୍ରମେ ୧୨ଟି ଗେଟ୍ ଖୋଲାଯାଇଥିଲା। ପରେ ଅପରାହ୍ଣରେ ଆଉ ୮ଟି ଗେଟ୍ ଖୋଲାଯାଇଥିଲା। ସେଥିମଧ୍ୟରୁ ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣ ପଟର ୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୧୦.୦୪ ଫୁଟ୍ ରହିଥିଲା। ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା ଓ ଯନ୍ତ୍ରୀମାନେ ଏହାକୁ ପରିଚାଳନା କରିଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବୀଶ ଶୁଭ୍ରା ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୫୦,୧୦୨ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୩୬,୫୦୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୭,୨୮୦ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୫୭୭୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୨୨୩ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୦୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୫୨୬୨ ▸ପୃଷ୍ଠା-୭

# ବାହୁଡ଼ାରେ ବାହୁଡ଼ିଗଲେ ୪ ସାଙ୍ଗ

■ **ମାଲକାନଗିରି/କୋରାପୁଟ, ୬।୭ (ସମିସ):** ସାଙ୍ଗ ହୋଇ ବିଶ୍ୱନିୟନ୍ତାଙ୍କ ବାହୁଡ଼ା ଯାତ୍ରା ଦେଖିବାକୁ ଯାଇଥିଲେ। ରଥ ଟାଣିବା ସହ ପରିବାରଲୋକଙ୍କ ପାଇଁ ଆଶିଷ ଭିକ୍ଷା କରିଥିଲେ। କିନ୍ତୁ ସେଠାରୁ ଘରେ ପହଞ୍ଚିବା ପୂର୍ବରୁ ଅଫେରା ରାଇଜକୁ ବାହୁଡ଼ିଗଲେ। ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଦୁଇ ପୃଥକ୍ ଦୁର୍ଘଟଣାରେ ୪ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ବାହୁଡ଼ା ଯାତ୍ରା ଦେଖି ଫେରୁଥିବା ବେଳେ ଏହି ଅଘଟଣ ଘଟିଛି।

ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ଏମ୍‌ଭି-୮୪ ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତିରେ ଟ୍ରାକ୍ଟର୍ ଧକ୍କାରେ ଦୁଇ ସାଙ୍ଗଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ତଙ୍ଗପାଲ ଗ୍ରାମର ରାଜେଶ ସୋଡ଼ି(୨୦), ବସନ୍ତ କବାସୀ(୧୯)। ସେହିପରି ଏହି ଦୁର୍ଘଟଣାରେ ବବୁଲୁ ମାଡ଼ି (୧୮) ନାମକ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି।

ଗତକାଲି ୩ ସାଙ୍ଗ ରାଜେଶ, ବସନ୍ତ ଓ ବବୁଲୁ ମାଡ଼ି ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବାକୁ ଏକ ବାଇକ୍‌ରେ ମାଲକାନଗିରି ଯାଇଥିଲେ। ତିନିଜଣଯାକ ରାତିରେ ଘରକୁ ଫେରୁଥିବା ବେଳେ ଏମ୍‌ଭି-୮୪ ଗ୍ରାମ ନିକଟରେ ଏକ ଟ୍ରାକ୍ଟର୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ରାଜେଶ ଓ ବସନ୍ତକୁ ମୃତ ଘୋଷଣା କରିଥିଲେ। ବବୁଲୁର ଗୁରୁତର ଅବସ୍ଥାରେ ଚିକିତ୍ସା ଜାରି ରହିଛି। ମୃତ ରାଜେଶଙ୍କ ବାପା କମଲଙ୍କ ଲିଖିତ ଅଭିଯୋଗ ମାଲକାନଗିରି ଆଦର୍ଶ ଥାନା ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି। ସେହିପରି କୋରାପୁଟ ▸ପୃଷ୍ଠା-୭

# ବିଜେପି ଅଧ୍ୟକ୍ଷ ଦୌଡ଼ | ଶିବରାଜ, ଧର୍ମେନ୍ଦ୍ର, ଖଟ୍ଟର ଆଗରେ

■ **ନୂଆଦିଲ୍ଲୀ, ୬।୭ (ସମିସ):** ବିଜେପିର ଜାତୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ସ୍ଥାନରେ ନିଯୁକ୍ତ ହେବେ ସ୍ଥାୟୀ ଅଧ୍ୟକ୍ଷ। କାର୍ଯ୍ୟକାଳ ଶେଷ ସତ୍ତ୍ୱେ ୨୦୨୩ରୁ ଶ୍ରୀ ନଡ୍ଡା ଦଳର କାମଚଳା ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ପରିବର୍ତ୍ତନ କରାଯାଇ ନ ଥିଲା, ମାତ୍ର ଏବେ ନୂଆ ଅଧ୍ୟକ୍ଷ ନିଯୁକ୍ତି ନିମନ୍ତେ ନୂତନ କମିଟି ଗଠନ ପରେ ଖୁବ୍ ଶୀଘ୍ର ନୂଆ ଅଧ୍ୟକ୍ଷ ନିଯୁକ୍ତି ପାଇ ପାରନ୍ତି ବୋଲି କୁହାଯାଉଛି। ବିଶେଷ ଭାବରେ ଜାତିଗତ ଓ ଆଞ୍ଚଳିକ ସମୀକରଣ ସହ ଅଭିଜ୍ଞତା ଓ ଗ୍ରହଣୀୟତାକୁ ଦଳ ବିଶେଷ ଗୁରୁତ୍ୱ ଦେଉଛି। ଏହା ସହ ଜାତୀୟ ସଭାପତି ନିଯୁକ୍ତିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ଭୂମିକା କେଉଁ ପର୍ଯ୍ୟନ୍ତ ରହିବ ତାହା ସ୍ଥିର ହୋଇ ନ ଥିବାରୁ ଏହି ପ୍ରକ୍ରିୟା ଶେଷ ହେବାକୁ କିଛିମାସ ଲାଗିବ ବୋଲି ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ସୂଚନା ମିଳିଛି।

**ସନ୍ତୋଷ, ପୁରନ୍ଦେଶ୍ୱରୀ ଓ ଭୂପେନ୍ଦ୍ରଙ୍କ ନାମ ବି ଚର୍ଚ୍ଚାରେ**

**ଅଭିଜ୍ଞତା ସହିତ ଜାତିଗତ, ଆଞ୍ଚଳିକ ସମୀକରଣକୁ ଗୁରୁତ୍ୱ**



ଗଣମାଧ୍ୟମଗୁଡ଼ିକରେ ବିଜେପି ସଭାପତି ନିର୍ବାଚନକୁ ନେଇ ଯାବତୀୟ ଆଲୋଚନା ଚାଲିଛି। ବଙ୍ଗାରୁ ଲକ୍ଷ୍ମଣଙ୍କ ପରେ ପ୍ରାୟ ଗତ ୨୦ ବର୍ଷ ଧରି ଦକ୍ଷିଣ ଭାରତରୁ କେହି ବିଜେପିର ଜାତୀୟ ସଭାପତି ହୋଇ ନାହାନ୍ତି। ସେହିପରି ଆଗାମୀ ଦିନରେ ତାମିଲନାଡୁ, ତେଲଙ୍ଗାନା, କେରଳରେ ନିର୍ବାଚନ ହେବ। ତେଣୁ ବିଜେପିର ପରବର୍ତ୍ତୀ ଜାତୀୟ ଅଧ୍ୟକ୍ଷ ଦକ୍ଷିଣ ଭାରତରୁ ହୋଇ ପାରନ୍ତି ବୋଲି କୁହାଯାଉଛି ଏବଂ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ଓ ଦଳର ବରିଷ୍ଠ ନେତ୍ରୀ ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍‌ଟି ରାମାରାଓଙ୍କ ଝିଅ ପୁରନ୍ଦେଶ୍ୱରୀଙ୍କ ନାମ ମଧ୍ୟ ଏଥିପାଇଁ ଚର୍ଚ୍ଚା ହେଉଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷ ବିହାର ବିଧାନସଭା ▸ପୃଷ୍ଠା-୭

## ରାଜ୍ୟ ସଭାପତି ନାମାଙ୍କନ ଆଜି

■ **ଭୁବନେଶ୍ୱର,୬।୭(ସମିସ):** ରାଜ୍ୟ ବିଜେପି ସଭାପତି ପଦକୁ ନେଇ ଦୀର୍ଘଦିନ ଧରି କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ସୋମବାର ଏହାଉପରୁ ପରଦା ଉଠିବ। ସୋମବାର ସଭାପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ହେବ। ସଭାପତି ଦୌଡ଼ରେ ମନମୋହନ ସାମଲ ସବୁଠାରୁ ଆଗରେ ରହିଥିବା ବେଳେ ଦଳର ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନାମ ମଧ୍ୟ ସଭାପତି ରେସରେ ଥିବା ଚର୍ଚ୍ଚା ହେଉଛି। ତେବେ ଏକାଧିକ ନାମାଙ୍କନ ପରିବର୍ତ୍ତେ ଦଳୀୟ ସଭାପତି ଚୟନ ସହମତି ଭିତ୍ତିରେ ହେବା ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ ୨ଟା ସୁଦ୍ଧା ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପଦ ପାଇଁ ନାମାଙ୍କନପତ୍ର ଦାଖଲ ହେବ। ଅପରାହ୍ଣ ୩ଟା ସୁଦ୍ଧା ନାମାଙ୍କନ ସଂକ୍ରାନ୍ତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟାରେ ଅନ୍ତିମ ସୂଚୀ ପ୍ରକାଶ କରାଯିବ। ଆବଶ୍ୟକ ହେଲେ ୮ ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ।



# ଦାରୁ ଦିଅଁଙ୍କ ସୁନାବେଶ

## ପୁରୀ ବଡ଼ଦାଣ୍ଡ ଜନସମୁଦ୍ର















ଶୟନ ଗଲେ ହରି

## ଆରମ୍ଭ ହେଲା ଅଶୁଭ କାଳ

ସନାତନ ପରମ୍ପରାରେ ସୁନାବେଶ ଦିନ ଅର୍ଦ୍ଧରାତିରୁ ଚତୁର୍ମାସ୍ୟା ବ୍ରତ ଆରମ୍ଭ ହୁଏ। ଏହି ଦିନଠାରୁ ମହାପ୍ରଭୁ ଶୟନ ଯାଇଥା'ନ୍ତି। ଏହାକୁ ହରିଶୟନ ଏକାଦେଶୀ କୁହାଯାଏ। ରବିବାରଠାରୁ ହରି ଶୟନ କରିଛନ୍ତି। ୪ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥା'ନ୍ତି। ଠାକୁରଙ୍କ ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନୀ, ସାଧୁସନ୍ଥ, ମହାପୁରୁଷ, ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକମାନେ ଚତୁର୍ମାସ୍ୟା ବ୍ରତ ପାଳନ କରିଥା'ନ୍ତି। ଏହି ସମୟରେ ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥା'ନ୍ତି। ଏଥିସହ ପଠନ ଓ ପାଠନରେ ସମୟ ବିତାଇଥା'ନ୍ତି। ମହାପ୍ରଭୁଙ୍କ ଶୟନ କାଳ ମଣିଷମାନଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ସୂର୍ଯ୍ୟ ଦକ୍ଷିଣାୟନ ଗତି କରନ୍ତି।

ଜ୍ୟୋତିଷ ଶାସ୍ତ୍ର ମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭକାର୍ଯ୍ୟ ଅର୍ଥାତ୍ ଯଜ୍ଞ, ବିବାହ, ଗୋଦାନ ଆଦି ହୁଏ ନାହିଁ। ସୂର୍ଯ୍ୟଙ୍କର ଉତ୍ତରାୟଣ ହେଲେ ପୁଣି ଶୁଭ କାର୍ଯ୍ୟ ଆରମ୍ଭ ହୁଏ। ମହାପ୍ରଭୁଙ୍କର ରଥ ଉପରେ ସୁନାବେଶ ଓଲାଗି ପରେ ଚନ୍ଦନ ଲାଗି, ବଡ଼ସିଂହାର ବେଶ ଓ ଭୋଗ ହୋଇଥାଏ। ମହାସ୍ନାନ ପୂଜା ଠା ପରେ ଶୟନ ଠାକୁର ରଥକୁ ବିଜେ ହୋଇଥା'ନ୍ତି। ରଥରେ ନୀତି ସରିବା ପରେ ଅର୍ଦ୍ଧରାତିରେ ମହାପ୍ରଭୁଙ୍କଠାରୁ ଆଜ୍ଞା ନେଇ ଶୟନ ଯାଇଥା'ନ୍ତି। ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ଠାକୁର ପାର୍ଶ୍ୱ ପରିବର୍ତ୍ତନ ଅର୍ଥାତ୍ କଡ଼ ଲେଉଟାଇଥାନ୍ତି। ତେଣୁ ଏହାକୁ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ କୁହାଯାଏ। କାର୍ତ୍ତିକ ମାସ ବଡ଼ ଏକାଦଶୀରେ ଠାକୁର ନିଦ୍ରା ତ୍ୟାଗ କରି ଉଠିଥା'ନ୍ତି। ଏହାକୁ ଦେବ ଉତ୍ଥାପନ ଏକାଦଶୀ କୁହାଯାଏ। ଶାସ୍ତ୍ର ଅନୁସାରେ, ଯେଉଁମାନେ ପବିତ୍ର ମନରେ ହରିଶୟନ ଏକାଦଶୀ ବ୍ରତ ପାଳନ କରିଥାନ୍ତି, ତାଙ୍କର ମନସ୍କାମନା ପୂର୍ଣ୍ଣ ହେବା ସହ ସମସ୍ତ ପାପ କ୍ଷୟ ହୋଇଥାଏ। ସେହିପରି ହରିଶୟନ ଏକାଦଶୀ କଥା ପଢ଼ିବା ଓ ଶୁଣିବା ଦ୍ୱାରା ସହସ୍ର ଗୋଦାନ ତୁଲ୍ୟ ପୁଣ୍ୟ ଫଳପ୍ରାପ୍ତି ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ସୋମବାରଠାରୁ ଗରୁଡ଼ ଶୟନ ଯିବେ। ଏହାକୁ ଗରୁଡ଼ ଶୟନ ନୀତି କୁହାଯାଏ।

■ ସୁନାବେଶରେ ଅଘଟଣ

## ମଠରୁ ଖସି ଭକ୍ତ ଗୁରୁତର

ରଥାରୂଢ଼ ଠାକୁରଙ୍କ ସୁନାବେଶ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତ ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠରୁ ଖସି ପଡ଼ି ଗୁରୁତର ହୋଇଛନ୍ତି। ଜଗତସିଂହପୁର ଜିଲ୍ଲା ପାଟେଲୀ ଗାଁର ବାବାଜୀ ବେହେରା ରଥ ଉପରେ ଠାକୁରଙ୍କ ସୁନାବେଶ ଦର୍ଶନ ଲାଗି ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ଉପରକୁ ଯାଇଥିଲେ। ହେଲେ କୌଣସି କାରଣରୁ ସେ ହଠାତ୍ ମଠ ଉପରୁ ତଳକୁ ଖସି ପଡ଼ିଥିଲେ।

ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବାବାଜୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପାଟି ଓ ନାକରୁ ରକ୍ତ ବାହାରୁଛି। ତେବେ ସେ କେଉଁ ପରିସ୍ଥିତିରେ ସେ ମଠ ଉପରକୁ ଯାଇଥିଲେ ଓ କିଭଳି ଖସିପଡ଼ିଲେ, ତାହା ସ୍ପଷ୍ଟ ହୋଇନାହିଁ।

ରଥ ଉପରେ ଅଧରପଣା

## ପୂର୍ବେ ହେଉଥିଲା ୧୨ ହାଣ୍ଡି, ଏବେ ୯ ହାଣ୍ଡି

ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ିଛନ୍ତି ଚତୁର୍ଦ୍ଧା ବିଗ୍ରହ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ରବିବାର ସୁନାବେଶ ଅନୁଷ୍ଠିତ ହୋଇଛି। ସୋମବାର ତିନିରଥ ଉପରେ ଅନୁଷ୍ଠିତ ହେବ ଅଧରପଣା ନୀତି। ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧରପଣା କୁହାଯାଏ। ଏହି ନୀତି ପାଇଁ ପୂର୍ବରୁ ୧୨ ହାଣ୍ଡି ଅଧରପଣା ହେଉଥିଲା। କିନ୍ତୁ ଏବେ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ଗବେଷକଙ୍କ ମତରେ, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନିହାଣ୍ଡି, ଏକାଦଶୀ ତିଥିରେ ତିନିହାଣ୍ଡି, ଦ୍ୱାଦଶୀ ଦିନ ତିନିହାଣ୍ଡି ଏହିପରି ୯ ହାଣ୍ଡି ଏବଂ ଶ୍ରୀବଳଭଦ୍ରଙ୍କ ରଥରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ), ଶ୍ରୀଜଗନ୍ନାଥଙ୍କ ରଥରେ ମଦନମୋହନଙ୍କ ପାଇଁ ୧ ହାଣ୍ଡି (ସାନ) ଏହିପରି ୧୨ ହାଣ୍ଡି ଅଧରପଣା ଭୋଗ ହେଉଥିଲା। ସମ୍ପ୍ରତି ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦେଉଛନ୍ତି।

ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତ ଓ ନୀତି ଆରମ୍ଭ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ, ରାଘବ ଦାସ ମଠ ଓ ବଡ଼ଓଡ଼ିଆ ମଠ ପ୍ରଦତ୍ତ ଛେନା, ସର, କଦଳୀ, ଛାତି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଣା ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖନ୍ତି। ପ୍ରତି ଠାକୁରଙ୍କ ସମ୍ମୁଖରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ତୁମ୍ବାକାର ମୃତ୍ତିକା ନିର୍ମିତ ତିନିଗୋଟି ହାଣ୍ଡି ରଖାଯାଏ। କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇନଥାଏ। ପୂର୍ବରୁ ପାଣିଆପଟ୍ଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂଅରୁ ଗରାମାନଙ୍କରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥା'ନ୍ତି। କୂଅରୁ ଜଳ ବୋହିବା ସମୟରେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡ଼େଇଥା'ନ୍ତି, ଯେପରି କେହି ପବିତ୍ର ଜଳକୁ ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ହେବା ପୂର୍ବରୁ ମହାସୁଆରମାନେ ଥାଇ ଭିତରଚ୍ଛ, ତଳୁଚ୍ଛ ଓ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ଗାମୁଛା ଟେରା ଧରିଥା'ନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା କରିଆ (ଜାଲି କନା) ପକାଯାଏ। ପବିତ୍ର ଜଳକୁ ଛାଣିବା ଉଦ୍ଦେଶ୍ୟରେ ଏହା ପକାଯାଇଥାଏ। ମହାସୁଆରମାନେ ପ୍ରତି ରଥ ଉପରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥା'ନ୍ତି। ଏହାକୁ ପତ୍ରୀବଡୁ, ସୁଆରବଡୁ, ଗରାବଡୁ ପାଳିଆ ସେବକ ତିନିରଥ ଉପରେ ପୂଜା କରନ୍ତି। ଏହାପରେ ପାଳିଆ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ଲଗାଇଥା'ନ୍ତି। ଭୋଗ ହେବା ପରେ ଠାକୁରମାନଙ୍କ ସମ୍ମୁଖରେ ଏହି ପାତ୍ରମାନଙ୍କୁ ଭାଙ୍ଗି ଦିଆଯାଇଥାଏ।

ଜନଶ୍ରୁତିରୁ ଜଣାଯାଏ, ତିନିରଥ ଉପରେ ଠାକୁରମାନଙ୍କୁ ଅର୍ପିତ ଅଧରପଣା ଭୋଗ ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡି ଚାମଣ୍ଡା ଓ ଅର୍ଦ୍ଧଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। କାରଣ ସଚରାଚର ବିଶ୍ୱବ୍ରହ୍ମାଣ୍ଡର ହିତ ସାଧନ ନିମନ୍ତେ ମହାପ୍ରଭୁ ନବଦିନାତ୍ମକ ଯାତ୍ରା କରିଥା'ନ୍ତି। ଏହି ଚଣ୍ଡି ଚାମଣ୍ଡା ପ୍ରଭୃତିଙ୍କ ପାଇଁ ସମର୍ପଣର ପ୍ରଥା ନାହିଁ। ଏଣୁ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେମାନଙ୍କୁ ତୃପ୍ତ କରିବା ପାଇଁ ଏଭଳି ବିଧାନ ବହୁ ପ୍ରାଚୀନକାଳରୁ ରହି ଆସିଛି। ଏଥିପାଇଁ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହି କାରଣରୁ ସାଧାରଣତଃ ଅନ୍ୟ କେହି ଏହି ଅମୃତୋପମ ପଣାକୁ ସେବନ କରି ନ ଥା'ନ୍ତି।

### ଅଧରପଣା ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ-ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶ ଶେଷ | ୯ଟା |
| ଗୋପଳବଲ୍ଲଭ | ପୂର୍ବାହ୍ଣ ୧୦ରୁ ୧୦ଟା ୩୦ |
| ସକାଳଧୂପ | ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ |
| ମଇଲମ | ଅପରାହ୍ଣ ୧ଟା |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ଣ ୧ଟା ୩୦ |
| ବେଶ ଶେଷ | ୨ଟା |
| ମଧ୍ୟାହ୍ନ ଧୂପ | ଅପରାହ୍ଣ ୩ଟା ୩୦ରୁ ୪ଟା ୩୦ |
| ଅଧରପଣା ଶେଷ | ରାତି ୮ଟା |
| ମହାସ୍ନାନ ଶେଷ | ୯ଟା |
| ମଇଲମ ଓ ବେଶ | ୧୦ଟା |
| ସନ୍ଧ୍ୟା ଆଳତି | ୧୦ଟା ୩୦ |
| ସନ୍ଧ୍ୟାଧୂପ | ରାତି ୧୧ଟାରୁ ୧୨ଟା |
| ମଇଲମ, ଚନ୍ଦନଲାଗି | ୧୨ଟା ୩୦ |
| ବଡ଼ସିଂହାର ବେଶ | ୧ଟା |
| ବଡ଼ସିଂହାର ଭୋଗ | ୧ଟା ୩୦ |
| ଶ୍ରୀଗରୁଡ଼ ଶୟନ | ୧ଟା ୩୦ |
| ରାତ୍ର ପହୁଡ଼ | ରାତି ୨ଟା |



ଆକାଶେ ହସୁଛି କଳା ବଉଦ, ସୁନାବେଶ ଦେଖି ଭକ୍ତ ବିମୁଗ୍ଧ (ଫଟୋ-ଅନିଲ)

■ ବିନିକାରେ ଅଘଟଣ

# ରଥଚକ୍କ ତଳେ ଚାପି ହୋଇ ୬ ଗୁରୁତର

ବିନିକା, ୬।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରରେ ରବିବାର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ବେଳେ ଏକ ଅଘଟଣ ଘଟିଛି । ରଥଟଣା ବେଳେ ୪ ଜଣ ନାବାଳକ ସହ ଅନ୍ୟ ୨ଜଣ ଭକ୍ତ ରଥ ତଳେ ଚାପି ହୋଇ ଗୁରୁତର ହୋଇଛନ୍ତି । ୪ ନାବାଳକ ହେଲେ, ପିଙ୍କୁ ମେହେର(୧୨), ପ୍ରତ୍ୟଶ ମାହାଣା, ଆଦର୍ଶ ଦାସ(୯), ସରୋଜ ଦାସ (୯) ।ଅନ୍ୟ ୨ ଭକ୍ତଙ୍କ ପରିଚୟ ଜଣାପଡ଼ିନାହିଁ । ତେବେ ୪ ନାବାଳକଙ୍କ ଭିତରୁ ଜଣେ ନାବାଳକଙ୍କ ସଂକଟାପନ୍ନ ରହିଛି । ତାକୁ ବୁର୍ଲା ଭିମ୍‌ସାର୍ ସ୍ଥାନାନ୍ତର କରାଯାଇଛି । ଅନ୍ୟମାନେ ବିନିକା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି ।



ସୂଚନାନୁଯାୟୀ, ରବିବାର ଅପରାହ୍ଣ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା । ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ଗୁଣ୍ଡିଚା ମନ୍ଦିରକୁ ନିକଟରେ ରଥ ପହଞ୍ଚିଲା ବେଳକୁ ୪ ନାବାଳକ ସହ ଅନ୍ୟ ୨ଜଣ ଭକ୍ତ ରଥ ତଳେ ଚାପି ହୋଇଯାଇଥିଲେ । ତୁରନ୍ତ ଉପସ୍ଥିତ ଭକ୍ତ ସମସ୍ତଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

**ଗୁଣି ସନ୍ଦେହରୁ ପୁଣି ଗଡ଼ିଲା ମୁଣ୍ଡ**

# ପଥରରେ ଛେଚି ଯୁବକଙ୍କୁ ହତ୍ୟା

ରାଉରକେଲା/କୋଇଡ଼ା, ୬।୭ (ସମିସ): ଗୁଣି ସନ୍ଦେହରେ ପଥରରେ ଛେଚି ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ରବିବାର କୋଇଡ଼ା ଥାନା ଅନ୍ତର୍ଗତ ମାଲଦା ପଞ୍ଚାୟତର କାକରପାଣି ଗ୍ରାମରେ ଏହି ଘଟଣା ଘଟିଛି । ମୃତ ଯୁବକ ହେଲେ, ଉକ୍ତ ଗ୍ରାମରେ ରହୁଥିବା ଝାଡ଼ଖଣ୍ଡ ଅଞ୍ଚଳର ଅମ୍ରିତ ଯୋଯୋ । ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ଗାବ୍ରିଏଲ୍ ସୁରିନ(୨୧)କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ।



ସୂଚନାନୁଯାୟୀ, ଉଭୟ ଗାବ୍ରିଏଲ ଓ ଅମ୍ରିତର ଘର ଝାଡ଼ଖଣ୍ଡ ଅଞ୍ଚଳରେ । ପ୍ରାୟ ୨୦ବର୍ଷ ହେବ ସେମାନେ କାକରପାଣି ଗ୍ରାମରେ ରହି ଆସୁଛନ୍ତି । ଉଭୟ ମିତ୍ତଲ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । କିଛି ଦିନ ହେବ ଗାବ୍ରିଏଲ ଅସୁସ୍ଥ ହୋଇପଡ଼ିଥିଲେ । ବହୁ ଚିକିତ୍ସା ପରେ ମଧ୍ୟ ସେ ଆରୋଗ୍ୟ ନ ହେବାରୁ ତାଙ୍କର ଚିନ୍ତା ବଢ଼ିଥିଲା । ତେବେ ଅମ୍ରିତ ତନ୍ତ୍ରମନ୍ତ୍ର ତଥା ଗୁଣିଗାରେଡ଼ି କରୁଥିବାରୁ ଏପରି ହେଉଥିବା ସେ ସନ୍ଦେହ କରିଥିଲା । ଶନିବାର ସକାଳେ ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇଥିଲା । ଏଥିରେ ଗାବ୍ରିଏଲ ରାଗିଯିବା ସହ ଅମ୍ରିତଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲା । କେବଳ ସୁଯୋଗ ଅପେକ୍ଷାରେ ରହିଥିଲା । ଶନିବାର ରାତି ପ୍ରାୟ ୧୦ଟାରେ କୋଇଡ଼ାରୁ ବାହୁଡ଼ା ଯାତ୍ରା ଦେଖି ଉଭୟ ଗାଁକୁ ଫେରିବା ବେଳେ ପୁନର୍ବାର ପୂର୍ବ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ମାରପିଟ୍ ଠେଲାପେଲା ପରେ ଅମ୍ରିତ ତଳେ ପଡ଼ିଯିବାରୁ ଗାବ୍ରିଏଲ ଏକ ବଡ଼ ପଥର ଅମ୍ରିତର ମୁଣ୍ଡରେ ଛେଚି ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରିଥିଲା । କିଛି ଗ୍ରାମବାସୀ ସେହି ରାସ୍ତା ଦେଇଆସୁଥିବା ବେଳେ ଅମ୍ରିତର ରକ୍ତାକ୍ତ ଶରୀର ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ । ଘଟଣାସ୍ଥଳରେ କୋଇଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ପହଞ୍ଚି ଶବ ଜବତ କରିଥିଲେ । ରବିବାର ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ କରିବା ପରେ ଶବ ବ୍ୟବଚ୍ଛେଦ ହୋଇଥିଲା । ପୁଲିସ ଅଭିଯୁକ୍ତ ଗାବ୍ରିଏଲକୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି ।

**ବିଏଡ୍ ପ୍ରବେଶିକା ଜାଲିଆତି**

# ଏସ୍‌ଏସ୍‌ବିର ଭୁଲ୍; ତଣ୍ଡ ଗଣିବେ ପରୀକ୍ଷାର୍ଥୀ

■ ଗୋଟିଏ ଚ୍ୟାଲେଞ୍ଜ ପାଇଁ ୨ଶହ ଟଙ୍କାକୁ ବିରୋଧ
■ ଉଚ୍ଚଶିକ୍ଷା ବିଭାଗ ଏକ୍ସରେ ବର୍ଷିଲେ ପରୀକ୍ଷାର୍ଥୀ

ଭୁବନେଶ୍ୱର,୬।୭(ସମିସ): ବିଏଡ୍ ପ୍ରବେଶିକା ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ନମ୍ବର ନେଇ ଆରମ୍ଭ ହୋଇଥିବା ବିବାଦ ସରିବାର ନା ନେଉନି । ଗୋଟିଏ ପରେ ଗୋଟିଏ ଅଭିଯୋଗ ପରୀକ୍ଷା ପରିଚାଳନା କରିଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ଏବଂ ଉଚ୍ଚଶିକ୍ଷା ବିଭାଗର ମୁଣ୍ଡବ୍ୟଥାର କାରଣ ହୋଇଛି । ନମ୍ବର ବଢ଼ାଇବାକୁ ଶତାଧିକ ଛାତ୍ରଛାତ୍ରୀ ଆବେଦନ କରିବା ପରେ ପ୍ରୋଭିଜିନାଲ୍ ଆନ୍‌ସାର୍ କି' ପ୍ରକାଶ କରିବାକୁ ବିଜ୍ଞପ୍ତି ଜାରି କରିଛି । ଉତ୍ତରକୁ ନେଇ ଦ୍ୱନ୍ଦ୍ୱ ଥିଲେ ପରୀକ୍ଷାର୍ଥୀଙ୍କୁ ଅଭିଯୋଗ କରିବା ପାଇଁ ସୁଯୋଗ ଦିଆଯାଇଛି । ହେଲେ ପ୍ରତିଟି ଉତ୍ତର ପାଇଁ ୨ଶହ ଟଙ୍କା ଲେଖାଏଁ ଅଣଫେରସ୍ତ ଫି ଧାର୍ଯ୍ୟକୁ ନେଇ ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକିୟା ପ୍ରକାଶ କରିଛନ୍ତି । ଏସ୍‌ଏସ୍‌ବିର ଭୁଲ୍ ପାଇଁ ପରୀକ୍ଷାର୍ଥୀମାନେ କାହିଁକି ତଣ୍ଡ ଗଣିବେ ବୋଲି ପ୍ରଶ୍ନ କରିଛନ୍ତି ।

ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନ ୧୧ଟା ରେ ବିଏଡ୍ ପରୀକ୍ଷାର ଆନ୍‌ସାର୍ କି' ପ୍ରକାଶ ପାଇବ । ତହିଁରେ ଦର୍ଶାଯାଇଥିବା ଉତ୍ତରକୁ ୮ରୁ ୧୦ ତାରିଖ ମଧ୍ୟରେ ପରୀକ୍ଷାର୍ଥୀମାନେ ଚ୍ୟାଲେଞ୍ଜ କରିପାରିବେ । ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨ଶହ ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହାକୁ ନେଇ ପରୀକ୍ଷାର୍ଥୀ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି । ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ), ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରି ବିଭିନ୍ନ ପ୍ରବେଶିକା ଓ ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପ୍ରୋଭିଜିନାଲ୍ ଆନ୍‌ସାର୍ କି' ପ୍ରକାଶ ପରେ କୌଣସି ଦ୍ୱନ୍ଦ୍ୱ ଥିଲେ ପରୀକ୍ଷାର୍ଥୀଙ୍କ ଠାରୁ ଆବେଦନ ଆହ୍ୱାନ କରିଥାନ୍ତି । ଏଥିପାଇଁ ଫି' ନିର୍ଦ୍ଧାରଣ କରିବା ସହ ଅଭିଯୋଗ ସତ୍ୟ ହେଲେ ସେହି ଫି' ତାଙ୍କୁ ଫେରସ୍ତ କରାଯାଏ । ସତ୍ୟତା ନ ଥାଇ ଅଭିଯୋଗ କଲେ ଫି' ଫେରସ୍ତ ହୋଇନଥାଏ । ଫଳରେ ଅଭିଯୋଗ ସଂଖ୍ୟା କମାଇବାକୁ ଲକ୍ଷ୍ୟ ଥାଏ । ହେଲେ ଅଭିଯୋଗରେ ସତ୍ୟତା ଥିଲେ ଏସ୍‌ଏସ୍‌ବି କାହିଁକି ଫି' ଫେରସ୍ତ କରିବ ନାହିଁ? ଅପରପକ୍ଷରେ ଅନେକ ପିଲା ୨୦ରୁ ୩୧.୨୫ ମାର୍କ ଯାଏଁ ବଢ଼ିବ ବୋଲି ଦାବି କରିଛନ୍ତି । ସର୍ବାଧିକ ୩୧.୨୫ ମାର୍କ ମଧ୍ୟ ବଢ଼ିଛି । ତାହେଲେ ପ୍ରତି ପ୍ରଶ୍ନ ପିଛା ୨ଶହ ଟଙ୍କା ହିସାବରେ ୬,୨୫୦ଟଙ୍କା ଫି' ଦାଖଲ କରିବାକୁ ହେବ । ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ନୁହେଁ । ଏସ୍‌ଏସ୍‌ବି ପକ୍ଷରୁ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପାଇଁ ପିଲାଙ୍କ ମାର୍କ କମିଛି । ସେହି ତ୍ରୁଟିକୁ ସଜାଡ଼ିବାକୁ ପରୀକ୍ଷାର୍ଥୀମାନେ କାହିଁକି ଆର୍ଥିକ ଦଣ୍ଡ ପାଇବେ?

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତିକୁ ଗତ ୩ତାରିଖରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରାଯାଇଥିବାବେଳେ ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଆବେଦନ କଲାବେଳେ ୫ଶହ ଏବଂ ଗୋଟିଏ ଚ୍ୟାଲେଞ୍ଜ ପାଇଁ ୨ଶହ ଟଙ୍କା ଆଦାୟ କରିବା ଏସ୍‌ଏସ୍‌ବିର ବ୍ୟବସାୟିକ ମନୋଭାବ ଜଣାପଡୁଥିବା ଜଣେ ୟୁଜର୍ ଲେଖିଛନ୍ତି । ସେହିପରି ଗୌରିମଣୀ ଦାସ୍ ନାମକ ଜଣେ ପରୀକ୍ଷାର୍ଥୀ ତାଙ୍କ ପାଖରେ ଟଙ୍କା ନାହିଁ, ତାଙ୍କୁ ନ୍ୟାୟ ଦେବାକୁ ଅପିଲ୍ କରିଛନ୍ତି । ରଶ୍ମିରଞ୍ଜନ ଦାସ୍ ନାମକ ଜଣେ ୟୁଜର୍ ଲେଖିଛନ୍ତି ଯେ ପ୍ରଥମେ ଭୁଲ୍ ଉତ୍ତର ଦେବେ, ତା ପରେ ପ୍ରତିଟି ଚ୍ୟାଲେଞ୍ଜ ପାଇଁ ୨ଶହ ଲେଖାଏଁ ଆଦାୟ କରିବେ । ଗରିବ ମେଧାବୀଙ୍କ କଣ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି । ଅନେକ ୟୁଜର୍ ଏହି ନିଷ୍ପତ୍ତିକୁ ପାଗଳାମି କହି ଉଭୟ ଏସ୍‌ଏସ୍‌ବି ଓ ବିଭାଗ ଉପରେ ବର୍ଷିଛନ୍ତି । ଏଣୁ ଏହି ନିଷ୍ପତ୍ତିର ପୁନଃ ବିଚାର କରିବା ସହ ଅଭିଯୋଗ ସତ୍ୟ ହେଲେ ଫି' ଫେରସ୍ତ କରିବାକୁ ଦାବି କରିଛନ୍ତି । ବିଏଡ୍ ପରୀକ୍ଷା ପରିଚାଳନାରେ ଅନିୟମିତତା ନେଇ ସନ୍ଦେହ ଥିବାରୁ ଆନ୍‌ସାର୍ କି' ପ୍ରକାଶ ପାଇବା ପରେ ବହୁ ପରୀକ୍ଷାର୍ଥୀ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ମଧ୍ୟ ପ୍ରକାଶ କରିଛନ୍ତି ।

# ବିଷାକ୍ତ ଛତୁ ଖାଇ ୧୧ ଅସୁସ୍ଥ



ରାୟଗଡ଼ା/ଟିକିରି, ୬।୭(ସମିସ): ବିଷାକ୍ତ ଜଙ୍ଗଲୀ ଛତୁ ଖାଇ କାଶୀପୁର ବ୍ଲକ୍ କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ ଟିକରାପଡ଼ା ଗାଁର ତିନି ପରିବାରର ୧୧ଜଣ ଅସୁସ୍ଥ ହୋଇଛନ୍ତି । ସମସ୍ତଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଅସୁସ୍ଥଙ୍କ ମଧ୍ୟରେ ଗୋଟିଏ ପରିବାରର ୬ଜଣ ରହିଛନ୍ତି । ସେମାନେ ହେଲେ, ରେଙ୍ଗୁ ନାଏକ, କୁମାରୀ ନାଏକ, ଅଞ୍ଜନା ନାଏକ, ଧନମଣି ନାଏକ, ଲାକେବତୀ ନାଏକ ଓ ଦୁର୍ଯ୍ୟୋଧନ ନାଏକ । ସମସ୍ତଙ୍କୁ ଟିକିରି ଓଷାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି । ସେହିଭଳି ଅନ୍ୟ ଦୁଇ ପରିବାରର ୫ ଜଣଙ୍କୁ ପ୍ରଥମେ ଓଷାପଡ଼ା ଓ ସେଠାରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେମାନେ ହେଲେ, ଦାମୁ ଝୋଡ଼ିଆ, ଚମ୍ପା ଝୋଡ଼ିଆ ଓ ତାଙ୍କ ୮ବର୍ଷର ପୁଅ ଏବଂ ଧନୁ ଗୌଡ଼ ଓ ତାଙ୍କ ପତ୍ନୀ କବିଲା ଗୌଡ଼ । ଗାଁର ତିନିଜଣ ମହିଳା ଶନିବାର ସକାଳେ ନିକଟସ୍ଥ ଜଙ୍ଗଲକୁ ଯାଇ ଛତୁ ଗୋଟାଇ ଆଣିଥିଲେ । ସମସ୍ତେ ଛତୁ ରୋଷେଇ କରି ଖାଇଥିଲେ । ସନ୍ଧ୍ୟାରେ ସମସ୍ତଙ୍କ ବାନ୍ତି ହେବା ସହ ମୁଣ୍ଡ ବୁଲାଇଥିଲା । ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା । ଦାମୁ କହିଛନ୍ତି ଯେ ଏହି ଛତୁ ପୂର୍ବରୁ ବହୁତଥର ଖାଇଛନ୍ତି, ହେଲେ କେବେ କିଛି ହୋଇନଥିଲା ।

# ମୀନାକ୍ଷୀ ବାହିନୀପତି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ


ଭୁବନେଶ୍ୱର,୬।୭(ସମିସ): ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ପୁନର୍ବାର ନିଯୁକ୍ତି ପାଇଛନ୍ତି ମିନାକ୍ଷୀ ବାହିନୀପତି । ଅଖିଳ ଭାରତ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ୍‌ଗେ ଶ୍ରୀମତୀ ବାହିନୀପତିଙ୍କ ନିଯୁକ୍ତିକୁ ଅନୁମୋଦନ ପ୍ରଦାନ କରିଥିବା ନେଇ ଏଆଇସିସି ସାଧାରଣ ସମ୍ପାଦକ କେସି ଭେଣୁ ଗୋପାଳ ଘୋଷଣା କରିଛନ୍ତି । ଶ୍ରୀମତୀ ବାହିନୀପତି ପୂର୍ବରୁ ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି । ଏତଦଭିନ୍ନ ସେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ସଭାପତି, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି । କୋରାପୁଟ ପୌରାଞ୍ଚଳର ଅଧ୍ୟକ୍ଷା ଭାବରେ ସେ ଦୁଇଥର ନିର୍ବାଚିତ ହୋଇଥିଲେ । ଏହି ନିଯୁକ୍ତି ପାଇଁ ଶ୍ରୀମତୀ ବାହିନୀପତି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ଏଆଇସିସି ମହିଳା ସଭାନେତ୍ରୀ ଅଲକା ଲାମ୍ବାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖରଗେ ଏବଂ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶ ଓ ମହିଳାମାନଙ୍କ ପ୍ରତି ଥିବା ସେମାନଙ୍କର ପ୍ରତିବଦ୍ଧତାକୁ ଅନୁସରଣ କରି ରାଜ୍ୟରେ ମହିଳା ସଂଗଠନକୁ ସୁଦୃଢ଼ କରାଯିବ । ଏହାସହ ନାରୀନ୍ୟାୟ ସଂଗ୍ରାମକୁ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀମତୀ ବାହିନୀପତି ନିଜ ପ୍ରତିକ୍ରିୟାରେ କହିଛନ୍ତି ।



# ମଝି ସମୁଦ୍ରରେ ଡଙ୍ଗାରୁ ଖସିପଡ଼ିଲେ ମତ୍ସ୍ୟଜୀବୀ

ଚନ୍ଦନେଶ୍ୱର,୬।୭(ସମିସ): ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବେଳେ ଡ଼ଙ୍ଗାରୁ ଖସି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି । ମୃତ ମତ୍ସ୍ୟଜୀବୀ ହେଲେ, ଭୋଗରାଇ ବ୍ଲକ କୀର୍ତ୍ତନିଆ ପଞ୍ଚାୟତ ଅଧୀନ ସେହି ଗ୍ରାମର ଜଗନ୍ନାଥ ବଢ଼ାଇ (୫୦) । ଗ୍ରାମର ଭୀମ ଚରଣ ବଢ଼ାଇଙ୍କ ପୁଅ ଜଗନ୍ନାଥ ଆଜି ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବେଳେ ଅସାବଧାନତାବଶତଃ ଡଙ୍ଗାରୁ ଖସି ପାଣିରେ ପଡ଼ି ଯାଇଥିଲେ । ସଙ୍ଗେସଙ୍ଗେ ଡଙ୍ଗାରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ତାଙ୍କୁ ବହୁତ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ । ପାଖାପାଖି ୨୦ ମିନିଟ୍ ପରେ ସମୁଦ୍ର ଭିତରୁ ତାଙ୍କୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଭୋଗରାଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି । ଜଗନ୍ନାଥ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ । ସେ ମାଛ ଧରି ପରିବାର ପ୍ରତିପୋଷଣ କରୁଥିଲେ । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ସ୍ଥାନୀୟ ସରପଞ୍ଚ ରାଧାରାଣୀ ବେହେରା, ସମିତି ସଦସ୍ୟ ବିଜୟ ଗିରି, ପୂର୍ବତନ ଜିଲ୍ଲା ପରିଷଦ ପ୍ରଦୀପ ବେହେରା ପ୍ରମୁଖ ଦାବି କରିଛନ୍ତି ।

# ଦୁଇ ମାଓବାଦୀ ଗିରଫ



ମାଲକାନଗିରି, ୬।୭ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେରରେ ଜଣେ ମହିଳା ମାଓବାଦୀ ସମେତ ଦୁଇ ମାଓବାଦୀ ଗିରଫ ହୋଇଛନ୍ତି । କାଙ୍କେର ଜିଲ୍ଲା ମିଞ୍ଜି ଜଙ୍ଗଲରେ ପୁଲିସ ଏବଂ ବିଏସ୍ଏଫ ବାହିନୀ ପକ୍ଷରୁ ମାଓ ଦମନ ନିମନ୍ତେ ତଲାସି ଅଭିଯାନ ଜାରି ରହିଥିବା ବେଳେ ଯବାନଙ୍କୁ ଦେଖି ଜଣେ ମହିଳା ଓ ପୁରୁଷ ଦୌଡ଼ିଥିଲେ । ସନ୍ଦେହ ହେବାରୁ ସେମାନଙ୍କୁ ଯବାନମାନେ କାବୁ କରିଥିଲେ । ସେମାନଙ୍କ ନିକଟରୁ ୪ଟି ବନ୍ଧୁକ ଜବତ କରାଯାଇଛି । ସେମାନେ ମାଓବାଦୀ କାର୍ଯ୍ୟରେ ଜଡ଼ିତ ଥିବା ପ୍ରକାଶ କରିଛନ୍ତି । ଅଧିକ ତଦନ୍ତ ପରେ ମହିଳା ମାଓବାଦୀର ନାମ ସୁକମି ପଦା ଏବଂ ପୁରୁଷ ମାଓବାଦୀର ଲଖମୁ ପଦା ବୋଲି ଜଣାପଡ଼ିଥିଲା । ଗିରଫ ମହିଳା ମାଓବାଦୀ ସୁକମି ନାମରେ ୫୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିବା ବେଳେ ଉଭୟ ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ ।

# ମହିଳାଙ୍କୁ ପୋଡ଼ି ମାରିଦେଲେ!

**ଘର ଭିତରୁ ଅର୍ଦ୍ଧଦଗ୍ଧ ଶବ ଜବତ; ୩ ଅଟକ**

ବାଲେଶ୍ୱର, ୬।୭ (ସମିସ): ବାଲେଶ୍ୱର ଟାଉନ ଥାନା କାଦ୍ରାବାଦ ଅଞ୍ଚଳର ଏକ ଘର ମଧ୍ୟରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି । ମୃତ ମହିଳାଜଣଙ୍କ ହେଲେ, ମଧୁସ୍ମିତା ପାତ୍ରୀ । ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ୱାମୀ ହିମାଂଶୁ ପାତ୍ରୀଙ୍କ ସମେତ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଅପରପକ୍ଷେ, ମଧୁସ୍ମିତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଇ ଦିଲ୍ଲୀପ କୁମାର ଦାସ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ମଧୁସ୍ମିତା ୧୮ ବର୍ଷ ତଳେ ହିମାଂଶୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ପରେ ସେମାନେ କାଦ୍ରାବାଦ ଅଞ୍ଚଳରେ ଘର କରି ରହୁଥିଲେ । ସେମାନଙ୍କର ୧୭ ବର୍ଷର ଏକ ପୁଅ ମଧ୍ୟ ରହିଛି । ଆଜି ସକାଳେ ମଧୁସ୍ମିତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଘର ମଧ୍ୟରେ ଥିବା ଶିଡ଼ି ନିକଟ ଗାଧୁଆ ଘରଠାରେ ପଡ଼ିଥିଲା । ଘରୁ ପୋଡ଼ା ଗନ୍ଧ ବାହାରୁଥିବା ଜାଣି ସ୍ଥାନୀୟ ଲୋକେ ଟାଉନ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚିଥିଲା । ତେବେ କେଉଁ ପରିସ୍ଥିତିରେ ମଧୁସ୍ମିତାଙ୍କ ମୃତ୍ୟୁ ଘଟିଲା ଓ ତାଙ୍କ ଦେହରେ କିଏ ନିଆଁ ଲଗାଇଲା, ସେନେଇ ପୁଲିସ୍ ତଦନ୍ତ ଚଳାଇଛି ।

**ଜଗନ୍ନାଥ ନିଆଁରେ ସନ୍ତୋଷ ଘିଅ**

# ଅଗ୍ନିପରୀକ୍ଷାରେ ବିଜେପି 'ଅସ୍ମିତା'

■ ଜଗନ୍ନାଥ ପ୍ରସଙ୍ଗରେ ଦଳର ବରିଷ୍ଠ ନେତାଙ୍କ ମଧ୍ୟରେ ଫାଟ
■ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟକୁ ନେଇ ନେତା ଅସୁଖୀ
■ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ
■ ଅପରାଜିତାଙ୍କ ପାଇଁ ମହଙ୍ଗା ହେବ କି ଜଗା ବିରୋଧୀ ବୟାନ

ଭୁବନେଶ୍ୱର,୬।୭(ସମିସ): ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଭୂମିକା ଏବଂ ଗିରଫଦାରୀକୁ ନେଇ ବିଜେପିରେ ଅସନ୍ତୋଷ କୁହୁଳୁଛି । ଜଗନ୍ନାଥଙ୍କ ଗିରଫଦାରୀକୁ ଗୋଟିଏ ଗୋଷ୍ଠୀ ସଠିକ୍ ବୋଲି ଦର୍ଶାଉଥିବା ବେଳେ ଅନ୍ୟ ଗୋଷ୍ଠୀଗୁଡ଼ିକ ଏହାର ବିରୋଧ କରୁଛନ୍ତି । ବିଜେପିରେ ଥିବା ଫାଟକୁ ଜଗନ୍ନାଥ ପ୍ରସଙ୍ଗ ଆହୁରି ମେଲାଇ ଦେଇଥିବାବେଳେ ଆଗକୁ ଏହା ଭୟଙ୍କର ଗୋଷ୍ଠୀକନ୍ଦଳର ରୂପ ନେଇପାରେ ବୋଲି ରାଜନୈତିକ ସମୀକ୍ଷକ ଆଶଙ୍କା କରୁଛନ୍ତି । ଏହି ସମୟରେ ସନ୍ତୋଷ ଖଟୁଆଙ୍କ ଅରୁଚିକର ଓ ଅତ୍ୟନ୍ତ ଘୃଣ୍ୟ ମନ୍ତବ୍ୟ ଦଳ ପାଇଁ ବଡ଼ ସମସ୍ୟା ଭାବରେ ଉଭା ହୋଇଛି । ଓଡ଼ିଆ ଅସ୍ମିତାର କାହାଣୀ ଗାଇ କ୍ଷମତାକୁ ଆସିଥିବା ବିଜେପି ଏବେ ଏହି ପ୍ରସଙ୍ଗଗୁଡ଼ିକ ପାଇଁ ଅଗ୍ନିପରୀକ୍ଷା ପରି ହୋଇଛି । ଜଗନ୍ନାଥ ନିଆଁରେ ସନ୍ତୋଷଙ୍କ ପ୍ରସଙ୍ଗ ଘିଅ ହୋଇ ଦଳ ଓ ସରକାର ବିରୋଧରେ ଲୋକଙ୍କ ଅସନ୍ତୋଷକୁ ଆହୁରି ତୀବ୍ର କରିଛି । କେବଳ ଜଗନ୍ନାଥ ନୁହନ୍ତି, ସନ୍ତୋଷ ଖଟୁଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଥିବା ବିଜେପିର କିଛି ଟାଣୁଆ ନେତା ଦଳୀୟ ନେତୃତ୍ୱଙ୍କ ନିକଟରେ ଦାବି କରିଛନ୍ତି । ସନ୍ତୋଷଙ୍କ ବିରୋଧରେ ଦଳୀୟ କିମ୍ବା ଆଇନଗତ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ବେଳେ ଏହାକୁ ନେଇ ଅନେକ ନେତା ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି । ଏପରିକି ସନ୍ତୋଷଙ୍କୁ କିଏ ସୁରକ୍ଷା ଦେଉଛି ବୋଲି ଏବେ ଖୋଦ୍ କର୍ମୀମାନେ ପ୍ରଶ୍ନ କରିଛନ୍ତି ।

ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ଜଗନ୍ନାଥଙ୍କ ବିରୋଧରେ ସାର୍ବଜନୀନ ଭାବେ ବୟାନ ରଖିଥିଲେ ବିଜେପି ଭୁବନେଶ୍ୱର ସାଂସଦ ତଥା ଦଳର ପାୱାରଫୁଲ ନେତ୍ରୀ ଅପରାଜିତା ଷଡ଼ଙ୍ଗୀ । ଜଗନ୍ନାଥ ପ୍ରଧାନ ଭୁଲ କରିଛନ୍ତି ବୋଲି ସେ କହିବା ସହ ଭୁଲକୁ ଭୁଲ ବୋଲି କହିବା ପାଇଁ ସତସାହସର ଆବଶ୍ୟକ ବୋଲି କହିଥିଲେ । ଅପରାଜିତାଙ୍କ ଏପରି ମନ୍ତବ୍ୟ ସିଧାସଳଖ ଦଳର ରାଜ୍ୟସ୍ତରୀୟ ନେତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଉଚି । ଜଗନ୍ନାଥଙ୍କୁ ଦଳର କିଛି କ୍ଷମତାଶାଳୀ ନେତା ସୁରକ୍ଷା ଦେଉଥିବା ବେଳେ ଅପରାଜିତା ନିଜ ବୟାନ ମାଧ୍ୟମରେ ସିଧାସଳଖ ସେମାନଙ୍କୁ ନିଶାଣ କରିଥିଲେ ବୋଲି କୁହାଯାଉଛି । ସେଥିପାଇଁ ଅପରାଜିତା ଏହି ପ୍ରସଙ୍ଗକୁ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି । ଅପରପକ୍ଷେ ଅପରାଜିତାଙ୍କ ଏପରି ଟିପ୍ପଣୀ ପରେ ବିଜେପିର ଅନେକ ନେତା ତାଙ୍କ ସହ ଦୂରତା ଅବଲମ୍ବନ କରୁଛନ୍ତି । ଯାହା ଆଗାମୀ ଦିନରେ ବିଜେପି ରାଜନୀତିରେ ରୋଚକ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ଜଗନ୍ନାଥଙ୍କ ଗିରଫଦାରୀକୁ ନାପସନ୍ଦ କରିଛନ୍ତି ଦଳର ଅନ୍ୟତମ ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର । ତାଙ୍କ ଗିରଫଦାରୀକୁ ମୁଁ ବିଲକୁଲ ପସନ୍ଦ କରୁନାହିଁବୋଲିସେକହିବାସହଓଲଟାଓଏଏସରତ୍ନାକରଙ୍କ ଉପରେ ଦୋଷ ଲଦିଛନ୍ତି । ଯଦିଓ ଶ୍ରୀ ମିଶ୍ରଙ୍କ ମନ୍ତବ୍ୟକୁ ଦଳ ସେତେ ଗୁରୁତ୍ୱ ଦେଇନାହିଁ, ତଥାପି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଜୟନାରାୟଣଙ୍କୁ ସମର୍ଥନ କରୁଥିବା ସୂଚନା ମିଳିଛି ।

ଏହି ସମୟରେ ବିଜେଡି ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ପ୍ରତି ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ବୟାନ ମଧ୍ୟ ଖୁବ ବିବାଦ ସୃଷ୍ଟି କରିଛି । ଉଭୟ ବିଜେଡି ଓ କଂଗ୍ରେସ ସନ୍ତୋଷଙ୍କ ଟିପ୍ପଣୀକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି । ତାଙ୍କ ବିରୋଧରେ ବିଜେପି ତୁରନ୍ତ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବାକୁ ଦାବି କରିଛନ୍ତି । ସନ୍ତୋଷଙ୍କ ନିମ୍ନରୁଚିର ଟିପ୍ପଣୀ ଦଳର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିଥିବା ବେଳେ ଏହାଯୋଗୁଁ ରାଜ୍ୟ ବିଜେପି ଜାତୀୟସ୍ତରରେ ନିନ୍ଦିତ ହୋଇଛି । ବିଜେପିର ନେତ୍ରୀଙ୍କ ପ୍ରତି ଏପରି ମନ୍ତବ୍ୟ ଦେଇଥିଲେ ଦଳ ସହ୍ୟ କରିଥାଆନ୍ତା କି ବୋଲି ମଧ୍ୟ ବିରୋଧୀ ପ୍ରଶ୍ନ କରିଛନ୍ତି । ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳର ଅନେକ ନେତା ଓ କର୍ମୀ ସିଧାସଳଖ ନହେଲେ ମଧ୍ୟ ବାହାରେ ମତ ପ୍ରକାଶ କରୁଛନ୍ତି । ମାତ୍ର ରାଜ୍ୟ ବିଜେପି ନେତୃତ୍ୱ ଏନେଇ ମୁହଁ ନ ଖୋଲିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି । ଦଳର ଶୃଙ୍ଖଳା କମିଟି ବୈଠକ ବସିଲେ ଏନେଇ ବିଚାର କରାଯିବ ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଥିଲେ ହେଁ ଏହା ଦଳର କର୍ମୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ । ସନ୍ତୋଷଙ୍କ କ୍ଷେତ୍ରରେ ରାଜ୍ୟ ନେତୃତ୍ୱଙ୍କ ନିରବତା ଆଗକୁ ଦଳରେ ବିଶୃଙ୍ଖଳାକୁ ପ୍ରଶ୍ରୟ ଦେବ ବୋଲି ବିଜେପିର ଅନେକ ନେତା ଓ କର୍ମୀ ସାଧାରଣରେ ମତ ରଖୁଥିବା ଶୁଣିବାକୁ ମିଳୁଛି ।

# ଶାବର ଶ୍ରୀକ୍ଷେତ୍ରରେ ସୁନାବେଶରେ ଦର୍ଶନ ଦେଲେ ମହାବାହୁ





**■ ଦର୍ଶନ କଲେ ହଜାର ହଜାର ଶ୍ରଦ୍ଧାଳୁ**
**■ ୩ ରଥରେ ଲାଗିହେଲା ଅଧରପଣା**

**କୋରାପୁଟ,୬।୭(ସମିସ) :** କାଳିଆର କେତେ ଅବତାର ପୁଣି କେତେ ବେଶ। ମନ୍ତ୍ର ମୁଗ୍ଧକର, ଚିତ୍ତାକର୍ଷକ ରୂପ ଦେଖି ଭକ୍ତ ମୁଖରୁ ସ୍ୱତଃ ନିସୃତ ହୋଇଯାଏ ଆହାକି ସୁନ୍ଦର ମୋ କାଳିଆ ସୁନା। କାଳିଆ ସୁନାର ଶତ ଶତ ରୂପ ବେଶ ମଧ୍ୟରୁ ସୁନାବେଶ ସ୍ୱତନ୍ତ୍ର। ଏହି ବେଶରେ ଭରି ରହିଛି ରହସ୍ୟ, ଦେଖିଲେ ପୁରି ଯାଏ ନୟନ। ରଥରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରେ କୋଟି, ପାପ ତାପ ନାଶନ ସହ ପିତୃ, ପିତାମହ ମଧ ଏହି ପୂଣ୍ୟର ଭାଗିଦାରୀ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ପବିତ୍ର ବଡ଼ ଏକାଦଶୀ ବା ହରିଶୟନ ଏକାଦଶୀ ଅବସରରେ ଶାବର ଶ୍ରୀକ୍ଷେତ୍ର କୋରାପୁଟର ବଡ଼ଦାଣ୍ଡରେ ମହାବାହୁ ସୁନାବେଶରେ ଦର୍ଶନ ଦେଇଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ୩ ରଥରେ ସୁସଜ୍ଜିତ ସୁନାବେଶରେ ଯଥା ହାତରେ ସୁନାର ଶଙ୍ଖ ଚକ୍ର ଗଦା ପଦ୍ମ, ମଥାରେ ମଣି, ପାଦରେ ପୟର, ହାତରେ କଙ୍କଣ, କାନରେ କୁଣ୍ଡଳ, ମଥାରେ କିରଟୀ ଓ ବେକରେ ବିଭିନ୍ନ ପ୍ରକାର ସୁନାର ମାଳିରେ ଝଟକୁଥିଲେ ଚୁତୁର୍ଧାମୁର୍ତ୍ତୀ। ଅପରାହ୍ନରେ ମନ୍ଦିରରୁ ସୁରକ୍ଷା ବଳୟ ଭିତରେ ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଅଣାଯାଇଥିଲା ସୁନାବେଶର କିରଟୀ, ନୋଥ, କଙ୍କଣ, ପାହୁର, ମାଳି ଭଳି ସମସ୍ତ ଅଳଙ୍କାର। ସନ୍ଧ୍ୟା ୫ଟାରୁ ୩ଟି ରଥରେ ସୁନାବେଶରେ ଶ୍ରୀବିଗ୍ରହଙ୍କୁ ଭକ୍ତମାନେ ଦର୍ଶନ କରିଥିଲେ। ଭକ୍ତ ମାନଙ୍କର ମନୋରଞ୍ଜନ ପାଇଁ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟ୍ରାଫିକ ନିୟନ୍ତ୍ରଣ ଓ ଭିଡକୁ ଆଖି ଆଗରେ ରଖି ବ୍ୟାପକ ପୁଲିସ ମୃତୟନ କରାଯାଇଥିଲା। ଶାବର ଶ୍ରୀକ୍ଷେତ୍ର ପରିଚାଳନା କମିଟି କାର୍ଯ୍ୟକର୍ତ୍ତାଙ୍କ ସହ ଜିଲ୍ଲାପାଳ ଭି କିର୍ତ୍ତୀ ଭାସନ, ଏସପି ଅଭିନବ ସୋନକାର ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅନ୍ୟପଟେ ନୀତି ଅନୁସାରେ ୩ ରଥରେ ୩୦।କୁରଙ୍କର ଅଧରପଣା ଭୋଗ ଲାଗି କରାଯାଇଥିଲା। ପ୍ରବଳ ଜନ ସମାବେଶ ମଧ୍ୟରେ ଭକ୍ତଗଣ ସନ୍ଧ୍ୟା ଆଳତି ପରେ ରଥ ଉପରେ ଅନୁଷ୍ଠିତ ଅଧରପଣା ନୀତିକୁ ମଧ ସ୍ୱଚକ୍ଷୁରେ ଦର୍ଶନ କରିବାର ସୁଯୋଗ ପାଇଥିଲେ। ରଥ ଉପରେ ଦୁର୍ଲଭ ସୁନାବେଶ ଦେଖି ଶ୍ରଦ୍ଧାଳୁ ଅତ୍ୟନ୍ତ ଆନନ୍ଦିତ ହୋଇଥିବା ବେଳେ ମନ୍ଦିର ପ୍ରଶାସନ ତରଫରୁ ରଥ ନିକଟରେ ବଣ୍ଟା ଯାଉଥିବା ପ୍ରସାଦ ଭକ୍ତଙ୍କ ଆନନ୍ଦ ଦ୍ୱିଗୁଣିତ ହୋଇଯାଇଥିଲା। ସୋମବାର ରଥ ଉପରେ ସନ୍ଧ୍ୟା ଆଳତୀ ପରେ ଗୋଟି ପହଣ୍ଡରେ ଶ୍ରୀଜିଉ ନୀଳାଦ୍ରୀ ବିଜେ କରିବେ ବୋଲି ଜଣାପଡିଛି।

## ଲଗାଣ ବର୍ଷା ରେ ଘରର କାନ୍ଥ ପଡି ମହିଳା ମୃତ

ଡାବୁଗାଁ, ୬।୭ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଜାମୁଗୁଡା ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ରବିବାର ଘରର କାନ୍ଥ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି।
ସୂଚନା ଅନୁସାରେ ଡାବୁଗାଁ ଥାନା ଅଧୀନ ଜାମୁଗୁଡା ଗ୍ରାମର ଅର୍ଜୁନ ପନକା ଓ ତାଙ୍କ ସ୍ତ୍ରୀ ରିବା ପନକା ଶନିବାର ରାତ୍ରିରେ ରାତ୍ର ଭୋଜନ ସାରି ଶୋଇଥିଲେ। ରାତିରେ ପ୍ରବଳ ବର୍ଷା ହେବାରୁ ରବିବାର ପ୍ରାୟ ଭୋର ୪ଟା ସମୟରେ ଅର୍ଜୁନ ତାଙ୍କ ସ୍ତ୍ରୀ ଶୋଇଥିବା ଘରର କାନ୍ଥ ଭୁଷୁଡି ପଡିବାର ଶବ୍ଦ ହେଲା । ଶବ୍ଦ ଶୁଣି ପରିବାର ଅନ୍ୟ ଲୋକେ ଉଠି ଦେଖିବା ବେଳକୁ ରିବା ପନକା (୬୦) କାନ୍ଥ ତଳେ ଚାପି ହୋଇଥିଲେ। ମାଟି କାଢି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକର ପୁଅ ନହଲୁ ପନକା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସଆଇ ସସ୍ମିତା ଦାଶ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୧୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ

ରାମନାଗୁଡ଼ା,୬।୭(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଓଡିଶା ସାହିତ୍ୟ ଏକାଡେମୀର ବ୍ଲକସ୍ତରୀୟ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ରାୟଗଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ପ୍ରବନ୍ଧ, କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ, ବକ୍ତୃତା ଓ ଇଂରାଜୀ ସାହିତ୍ୟକୁ ଓଡ଼ିଆରେ ଅନୁବାଦ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଷଷ୍ଠ,ସପ୍ତମଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ କନିଷ୍ଠ ବର୍ଗ ଓ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବରିଷ୍ଠବର୍ଗରେ ଭାଗ କରି ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୪୫ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏବିଇଓ ଦାମୋଦର ହିମିରିକାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ, ରମେଶ ମିଶ୍ର, ତାଉଡୁ ଗୋବିନ୍ଦ, ଜାମି ନାଗରାଜ ଓ ଶରତ ନେମାଲୀପୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ୧୫ ଜଣ ଶିକ୍ଷକ,ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗ ଦେଇ ପ୍ରଥମ,ଦ୍ୱି ତୀୟ, ତୃତୀୟ ସ୍ଥାନ ପାଇଥିବା ପିଲାଙ୍କୁ ଚୟନ କରିଥିଲେ।

## ଭୌରାଞ୍ଚଳ ପରିମଳ ନେଇ ନାଗରିକ କମିଟିର ଆଲୋଚନା



**ନବରଙ୍ଗପୁର,୬।୭(ସମିସ):**
ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ଡଃ ଅଶୋକ କୁମାର କର୍ଣ୍ଣଙ୍କୁ ଜିଲ୍ଲା ନାଗରିକ କମିଟି ତରଫରୁ ପୂର୍ବରୁ ସ୍ମାରକପତ୍ର ଦିଆଯାଇଥିଲା। ପରବର୍ତ୍ତୀ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ସଭାପତି ତଥା ନବରଙ୍ଗପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ରଙ୍କ ସହ ସମ୍ପାଦକ ରାମ ପ୍ରସାଦ ପାତ୍ର, କିଶୋରୀ ପଟ୍ଟନାୟକ, ତପନ କୁମାର ବିଷୋୟୀ, ସୁବ୍ରତ ବେହେରା, ପ୍ରଦୀପ କୁମାର ସାହୁ ଓ ଶ୍ରୀନିବାସ ପାତ୍ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଉକ୍ତ ସ୍ମାରକପତ୍ରରେ ନବରଙ୍ଗପୁର ପୌରାଞ୍ଚଳର ୧୭ ଟି ୱାର୍ଡର ନାଳ ନର୍ଦ୍ଦମାର ମରାମତି, ରାସ୍ତା ଘାଟର ନିର୍ମାଣ ଓ ଡମ୍ପିୟାର୍ଡର ଅବ୍ୟବସ୍ଥା ସମ୍ବନ୍ଧରେ ଉଲ୍ଲେଖ କରାଯାଇଥିଲା। ଆଗାମୀ କାଉନ୍‌ସିଲ ବୈଠକରେ ନିଶ୍ଚିତ ଭାବେ ଉପସ୍ଥାପିତ କରି ସମସ୍ତ ସମସ୍ୟାର ପ୍ରତିକାର କରାଯିବ ବୋଲି ସେ କହିଥିଲେ। ପାଇଖାନା ସଫେଇ ଯାନ ପାଇଁ ପୌରସଂସ୍ଥା ଅତ୍ୟଧିକ ଦେୟ ନେଉଥିବା ଅଭିଯୋଗର ଉତ୍ତରରେ ନିର୍ବାହୀ ଅଧିକାରୀ କହିଛନ୍ତି ଯେ, ଆଗାମୀ ଦିନରେ ସରକାରୀ ଧାର୍ଯ୍ୟ ଦର ହିଁ ନିଆଯିବ।

## ବିଜେଡି ନଗର ଓ ବ୍ଲକ୍ ସଭାପତି ନିଯୁକ୍ତ

ଉମରକୋଟ,୬।୭(ସମିସ): ବିଜୁ ଯୁବ ଜନତା ଦଳ, ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ନୂତନ ନଗର ସଭାପତି ଭାବେ ଚନ୍ଦନ ବେହେରାଙ୍କୁ ମନୋନୀତ କରାଯାଇଛି। ସେହିପରି ଉମରକୋଟ ବ୍ଲକ ସଭାପତି ଭାବେ ଶୋଭାର ମାଝୀଙ୍କୁ ବିଜୁଜନତା ଦଳ ପକ୍ଷରୁ ମଧ ମନୋନୀତ କରାଯାଇଛି। ଜିଲ୍ଲାର ଯୁବଗୋଷ୍ଠୀଙ୍କୁ ନେଇ ଦଳ ମଜବୁତ ହେବା ସହ ନିର୍ବାଚନରେ ବିଜେଡି ଦଳ ଭଲ ପ୍ରଦର୍ଶନ କରି ବିକାଶକୁ ଆଗେଇ ନେବାକୁ ଲକ୍ଷ୍ୟ ରଖିଛି। ଉମରକୋଟ ବ୍ଲକ୍ ଓ ପୌରାଞ୍ଚଳଠାରେ ସଂଗଠନ କିଭଳି ମଜବୁତ କରାଯାଇପାରିବ ସେଥିପ୍ରତି ଦଳ ଗୁରୁଦାୟିତ୍ୱ ଦେଇଥିବାରୁ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ମାଝୀଙ୍କୁ ଉଭୟ କୃତଜ୍ଞତା ଜ୍ଞାପନ କରିଛନ୍ତି।

**● ନାଗେଶ୍ୱରୀ ପାହାଡ ଉପରକୁ ପର୍ଯ୍ୟଟକଙ୍କୁ ନା**

## ପଥର ରଖି ରାସ୍ତା ଅବରୋଧ, ପୋଲିସ ନିରବ



ନନ୍ଦପୁର,୬।୭(ସମିସ): ବହୁ ଲୋକ ପ୍ରିୟ ପର୍ଯ୍ୟଟନ ସ୍ଥଳୀ ନାଗେଶ୍ୱରୀ ପାହାଡ଼ ଉପରକୁ ପର୍ଯ୍ୟଟକ ଯିବାକୁ ବିରୋଧ କରାଯାଇଛି। ପୁଣି ପଥର ରଖି ରାସ୍ତା ଅବରୋଧ କରାଯାଇଥିବା ଦେଖିବାକୁ ମିଳିଛି । ତେବେ ପୂର୍ବରୁ ତିନି ମାସ ପର୍ଯ୍ୟନ୍ତ ରାସ୍ତା ଅବରୋଧ ରହିଥିବା ବେଳେ ଏକ ମାସ ହେବ ରାସ୍ତା ଅବରୋଧ ହଟିଥିଲା। ଅବରୋଧ ରାସ୍ତା କିଏ ଆସି ହଟାଇ ଥିଲେ ଆଜି ପର୍ଯ୍ୟନ୍ତ ଜଣା ପଡି ନଥିବା ବେଳେ ଏକ ମାସ ପରେ ପୁଣି ପାହାଡ ତଳ ମୁଣ୍ଡରେ ପଥର ରଖି ରାସ୍ତା ଅବରୋଧ ହୋଇଛି। ତେବେ ପୁଣି ପର୍ଯ୍ୟଟନ ସ୍ଥଳୀ ନା ନାଗେଶ୍ୱରି ପାହାଡ଼ ଉପରକୁ ଯିବାକୁ ଦ୍ୱିତୀୟ ଥର ରାସ୍ତା ଅବରୋଧ ହୋଇଥିବା ବେଳେ ପାଡୁଆ ପୁଲିସ ପାଖରେ ଖବର ନଥିବା ସୂଚନା ମିଳିଛି। ଏ ନେଇ ପାଡୁଆ ଆଇଆଇସି ଶ୍ରୀ ବିଶୋଇଙ୍କୁ ଫୋନ୍ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କିଛି ଉତ୍ତର ମିଳି ପାରିନାହିଁ। ତେବେ ପ୍ରଶ୍ନ ଉଠୁଛି ବାରମ୍ବାର ଏପରି ଘଟଣାକୁ ନେଇ ଅଞ୍ଚଳରେ ଅଶାନ୍ତି ଲାଗି ରହିଥିବା ବେଳେ ପାଡୁଆ ଆଇଆଇସିଙ୍କ ନଜର ନ ଆସିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଅଞ୍ଚଳରେ ଘଟୁଥିବା ଗତିବିଧି ଉପରେ ପୁଲିସ ନିକଟରେ ଖବର ନଥିବା କେତେ ଦୂର ସତ ସେନେଇ ଅନେକ ପ୍ରଶ୍ନ ଉଠୁଛି। ମିଳିଥିବା ସୂଚନା ଅନୁସାରେ ପୁଣି ନାଗେଶ୍ୱରୀ ସୁରକ୍ଷା କମିଟି ରାସ୍ତା ଅବରୋଧ କରିଥିବା କୁହାଯାଉଛି। ତେବେ ପାହାଡ ଅଞ୍ଚଳକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଦୁଃଖର ଖବର ବୋଲି କୁହାଯାଉଛି।

## ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ କୋରାପୁଟ ପର୍ଯ୍ୟନ୍ତ ଚଳାଚଳ ପାଇଁ ଦାବିପତ୍ର

ଜୟପୁର, ୬।୭(ସମିସ): ଭୁବନେଶ୍ୱର ଠାରୁ ବିଶାଖପାଟଣା ପର୍ଯ୍ୟନ୍ତ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନକୁ କୋରାପୁଟ ପର୍ଯ୍ୟନ୍ତ ବୃଦ୍ଧି କରିବା ଦାବି ନେଇ ଜୟପୁର ବିଧାୟକା ତାରା ପ୍ରସାଦ ବାହିନୀପତି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ବାହିନୀପତି ଉଲ୍ଲେଖ କରିଛନ୍ତି ଯେ, ଭୁବନେଶ୍ୱର ଠାରୁ ବିଶାଖପାଟଣା ପର୍ଯ୍ୟନ୍ତ ୪୪୨ କିଲୋମିଟର ରାସ୍ତା ୫ଘଣ୍ଟାରେ ବନ୍ଦେ ଭାରତ ଏକ୍ସପ୍ରେସ ପହଞ୍ଚିଯାଉଥିବା ବେଳେ ୪ ଘଣ୍ଟା ବିଶାଖପାଟଣାରେ ରହଣି କରୁଛି। କିନ୍ତୁ ଏହି ଟ୍ରେନ ସର୍ବାଧିକ ୮୦୦ କିଲୋମିଟର ଯାତ୍ରା କରିବା ନେଇ ପ୍ରାବଧାନ ରହିଛି। ତେଣୁ ଏହି ଟ୍ରେନକୁ ଭାୟା ଆରକୁ ଦେଇ କୋରାପୁଟ ପର୍ଯ୍ୟନ୍ତ ବୃଦ୍ଧି କରାଗଲେ କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ପ୍ରଭୃତି ଉପାନ୍ତ ତଥା ଅନୁସୂଚିତ ଜନଜାତି ଲୋକମାନେ ଏହାର ସୁବିଧା ସୁଯୋଗ ପାଇବା ସହ ଭୁବନେଶ୍ୱରକୁ ଯଥାଶିଘ୍ର ଯାତ୍ରା କରିବାକୁ ସୁବିଧା ପାଇପାରିବେ। ଏହିପରି ବିଶାଖପାଟଣା ଠାରୁ କୋରାପୁଟ ପର୍ଯ୍ୟନ୍ତ ୨୧୫ କିଲୋମିଟର ରହିଥିବା ବେଳେ ଭୁବନେଶ୍ୱର ଠାରୁ କୋରାପୁଟ ଦୂରତା ୬୫୭ କିଲୋମିଟର ରହିବ। ଏହା ପୁଣି ବିଶାଖପାଟଣା ଠାରେ ୪ ଘଣ୍ଟା ରହଣି ମଧ୍ୟରେ ଯାତ୍ରା କରିବା ସହ ଫେରିଆସିପାରିବ । ତେଣୁ ଏଥିନେଇ ବିଚାର କରିବା ସହ କେନ୍ଦ୍ର ସରକାର ଏବଂ ରେଳମନ୍ତ୍ରାଳୟକୁ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ଭାଷଣ ପ୍ରତିଯୋଗିତା

ସେମିଳିଗୁଡ, ୬।୭ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦ ତରଫରୁ ମହାବିଦ୍ୟାଳୟର ଅଧକ୍ଷା ଡଃ ଝାନ୍ସୀ ସିଂ ଙ୍କ ନେତୃତ୍ୱରେ ଏକ ଭାଷଣ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡିଆ ବିଭାଗର ଅଧାପିକା ଶ୍ରୀମତୀ ବବିତା ମିଶ୍ର, ଶିକ୍ଷା ବିଭାଗର ଅଧାପକ ଶ୍ରୀ ଦେବାନନ୍ଦ ନାୟକ ଏବଂ ବାଣିଜ୍ୟ ବିଭାଗର ଅଧାପକ ଶ୍ରୀ ଅସିତ୍ କୁମାର ମିଶ୍ର ପରିଚାଳନା କରିଥିଲାବେଳେ ଅଧାପିକା ସ୍ନିଗ୍ଧା ପଟନାୟକ ଓ ଦିଗେଶ୍ୱରୀ ଶିଖା ପ୍ରତିଯୋଗୀତାରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଇଂରାଜୀ ଭାଷଣରେ ସୋନାଲି ରାୟ ପ୍ରଥମ, କାଜଲ ଜେନା ଦ୍ୱିତୀୟ ଓ କିରନ ଦାମୀ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଆରେ କୁମାରୀ ଡୋମେଇ ପୋଡାଲ, ଖଗେଶ୍ୱରୀ ସାଗର, ଶୁଭଙ୍କର ସ୍ୱର୍ଣ୍ଣପତି ଯଥାକ୍ରମେ ୧ମ,୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ।

## ରାଜ୍ୟ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତିଙ୍କୁ ସମ୍ବର୍ଦ୍ଧନା



**କୋରାପୁଟ/ଜୟପୁର, ୬।୭(ସମିସ):** ପ୍ରଦେଶ କଂଗ୍ରେସ କମିଟିର ମହିଳା ଶାଖାର ରାଜ୍ୟ ସଭାପତି ଭାବେ ମିନାକ୍ଷୀ ବାହିନୀପତିଙ୍କୁ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତି ଦେଇଛି। ଆଜି ଏଆଇସିସିର ସାଧାରଣ ସମ୍ପାଦକ କେ.ସି. ଭେଣୁଗୋପାଳ ଚିଠି ମାଧ୍ୟରେ ରାଜ୍ୟ ମହିଳା କଂଗ୍ରେସର ସଭାପତି ଶ୍ରୀମତି ବାହିନୀପତିଙ୍କୁ ପୁଣି ସଭାପତି ଭାବେ ନିଯୁକ୍ତ କରାଯାଇଥିବା ନେଇ ଘୋଷଣା କରିଛନ୍ତି। ରାଜ୍ୟ କଂଗ୍ରେସର ସଭାପତି ଭକ୍ତ ଚରଣ ଦାଶଙ୍କୁ ନିଯୁକ୍ତି ପରେ ରାଜ୍ୟ କଂଗ୍ରେସର ଅନ୍ୟାନ୍ୟ ଶାଖାରର ସଭାପତି ନିଯୁକ୍ତି ପ୍ରକ୍ରୟା ଆରମ୍ଭ କରାଯାଇଛି। ଏହିପରି ରାଜ୍ୟରେ ମହିଳା, ଯୁବତୀ, ନାବାଳିକାଙ୍କୁ ଉପରେ ବୃଦ୍ଧି ହେଉଥିବା ନିର୍ଯାତନା ବିରୋଧରେ ସାରା ରାଜ୍ୟରେ ମହିଳା କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଓ ଲଢେଇ ଜାରୀ ରହିବ ବୋଲି ନବ ନିଯୁକ୍ତ ରାଜ୍ୟ ମହିଳା ସଭାନେତ୍ରୀ ଶ୍ରୀମତୀ ବାହିନୀପତି କହିଛନ୍ତି। ଏହି ଅବସରରେ କୋରାପୁଟ, ରାୟଗଡା, ମାଲକାନଗିରି ଜିଲ୍ଲାର ସମସ୍ତ ବିଧାୟକ, ଜିଲ୍ଲା କଂଗ୍ରେସ, ମହିଳା, ଯୁବ ଓ ଛାତ୍ର କଂଗ୍ରେସ ସମେତ କର୍ମୀ ମାନେ ଶ୍ରୀମତି ବାହିନୀପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ମିନାକ୍ଷୀଙ୍କ ନାମ ଘୋଷଣା ପରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା କଂଗ୍ରେସ ସଭାପତି ଶଶି ଭୂଷଣ ପାତ୍ର, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ଜଗଦୀଶ ଜଗଦୀଶ ଖୋସଲା,ପିସିସି ସମ୍ପାଦକ ରୂପକ ତୁରୁକ୍, ସାଂସଦ ପ୍ରତିନିଧି ବାବୁଲା ବେନିଆ, ଜିଲ୍ଲା କଂଗ୍ରେସ ସମ୍ପାଦକ ମନୋଜ ହିଆଲ, କଂଗ୍ରେସ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ, ବ୍ଲକ ସଭାପତି ରମେଶ ବାଖିଆ, କଂଗ୍ରେସ ନେତା ସୁକାନ୍ତ ନାୟକ ଏବଂ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ନିଯୁକ୍ତି ସୂଚନା ପାଇବା ପରେ ଶ୍ରୀମତି ବାହିନୀପତି ପିସିସି ମୁଖ୍ୟ ଭକ୍ତ ଚରଣ ଦାସ, ସାଂସଦଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଓଷ୍ଟାର ଦାବିପତ୍ର

ସେମିଳିଗୁଡା, ୬।୭ (ସମିସ): କୋରାପୁଟ ଜିଲ୍ଲା ଓଷ୍ଟା ସଂଘର ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ଦଳ ଦାମନଯୋଡି ସ୍ଥିତ ନାଲକୋ ଅତିଥି ଭବନ ଠାରେ ରବିବାର ସକାଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ମାନଙ୍କ ଦାବି ମଧ୍ୟରେ ପ୍ରମୁଖ ଦାବି ହେଲା, ଅନୁଦାନରୁ ବାଦ ପଡ଼ିଥିବା ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା, ୧୯୪ ବିଦ୍ୟାଳୟ ମଧ୍ୟରୁ କୋରାପୁଟ ଜିଲ୍ଲାର ତିନୋଟି ବାଳିକା ବିଦ୍ୟାଳୟ ଅନୁଦାନରୁ ବଞ୍ଚିତ, ଆଲୁମିନା ବାଳିକା ବିଦ୍ୟାଳୟ, ଲିଟିଗୁଡା, ସେମିଲିଗୁଡାର, ଅର.କେ. ବାଳିକା ବିଦ୍ୟାଳୟ, ଲକ୍ଷ୍ମୀପୁର ସ୍ଥିତ,ୟୁଏନ. ରାଜୁ ବାଳିକା ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ପାଇଁ ଦାବି ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। କୋରାପୁଟ ବ୍ଲକ ଓଷ୍ଟା ର କାଯ୍ୟକାରିଣୀ ସଦ୍ୟସ ତଥା ଆଲୁମିନା ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ସେମିଲିଗୁଡା ଆରେ. କେ. ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଲୋତମା କନ୍ଧପାନ, ଜୟନ୍ତୀକା ପରିଡା, ଅଞ୍ଜୁବାଳା ଗୌଡ଼,ମାନସୀ ଖେମୁଣ୍ଡୁ, ବଳରାମ ଖରା, ଚନ୍ଦ୍ରକାନ୍ତ ରଥ, କାଶୀନାଥ ଦାସ, ଶିଶିର କୁମାର ମହାପାତ୍ର, ନାଗେଶ୍ୱର ରାଓ ଏବଂ ଆନନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ



ବୈପାରିଗୁଡା,୬।୭ (ସମିସ): ରାଞ୍ଚି-ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥର ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଟାଙ୍ଗିଣିଗୁଡା ନିକଟସ୍ଥ କୋଲନୀଗୁଡା ରାସ୍ତାରେ ଗଛ ଉପୁଡ଼ି ପଡ଼ିବା ଯୋଗୁ ଦୀର୍ଘ ୩ ଘଣ୍ଟା କାଳ ରାସ୍ତା ଅବରୋଧ ହୋଇଥିଲା। ଫଳରେ ମାଲକାନଗିରି, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଛତିଶଗଡ଼କୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ୩ ଘଣ୍ଟା ସମୟ ଧରି ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ଅଗ୍ନିଶମ କର୍ମଚାରୀ ଏବଂ ବୈପାରିଗୁଡା ପୁଲିସ ମିଶି ରାସ୍ତା ସଫା କରିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ସେହିପରି ମାଳିଗୁଡା ଗ୍ରାମର ମୁଖ୍ୟ ରାସ୍ତାରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ପୂଜାରୀଗୁଡା ପଞ୍ଚାୟତର ଲିମ୍ବାଗୁଡାରେ ଗଛ ଉପୁଡ଼ି ପଡ଼ିବା ଯୋଗୁ ଜଣକ ଘରର ଆଜବେଷ୍ଟସ ଭାଙ୍ଗି ଯାଇଥିଲା। ବୈପାରିଗୁଡା ଅଗ୍ନିଶମ ବାହିନୀର ଓଆଇସି ସୁକାନ୍ତ ପ୍ରଧାନ, ଗାଡ଼ି ଚାଳକ ଅଚ୍ୟୁତ ଓରାମ, ଆଗ୍ନିକ ରାଜେଶ ପ୍ରଧାନ, ଗୋବର୍ଦ୍ଧନ ହିକିମ୍ ଏବଂ ବୃଷଭ ସାହୁ ସମସ୍ତ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ। ଯାହାଫଳରେ ମାଲକାନଗିରି ଜିଲ୍ଲାକୁ ଗମନାଗମନ ସ୍ୱାଭାବିକ ହୋଇଥିଲା।

## ଚାରାରୋପଣ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ



କୋରାପୁଟ,୬।୭(ସମିସ): କୋରାପୁଟ ବନଖଣ୍ଡ ଦ୍ୱାରା ଜିଲ୍ଲାସ୍ତରୀୟ ୭୬ ତମ ବନ ମହୋତ୍ସବ ପାଳିତ ହୋଇଛି। ଡିଏଫଓ ଭାସ୍କର ରାଓଙ୍କ ଅଧକ୍ଷତାରେ ଓଏସଏପି ୩ୟ ବାଟାଲିୟନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ମା' କେ ନାମ ଏକ୍ ପେଡ୍ ଥିମ୍ ଉଦ୍ଦେଶ୍ୟରେ ଏକ ବଟ ବୃକ୍ଷ ରୋପଣ କରିବା ସହ ମାଟି ଗୋଳାରେ ମଞ୍ଜି ପୋତି ଚାରା ହୋଇଥିବା (ସିଡବଲ) ମେଳା ବୁଲି ଦେଖିଥିଲେ। ଜୀବନ ପାଇଁ ଗଛ ଅମୂଲ୍ୟ ସଂପଦ, ପ୍ରକୃତି ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ରହିଛି। ବୃକ୍ଷ ରହିଲେ ପ୍ରକୃତିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ,ପରିବେଶ ସୁରକ୍ଷିତ ରହିବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାଇ ତାର ଯତ୍ନ ନେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଉଦବୋଧନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ, ନିତ୍ୟାନନ୍ଦ ଗଣ୍ଡ, ଗୋକୂଳା ନନ୍ଦ ମଲ୍ଲିକ, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ନବରଙ୍ଗପୁର ସାଂସଦ ବଳ ଭଦ୍ର ମାଝୀ, ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୂର ବିଧାୟକ ପବିତ୍ର ସାଉନ୍ତା, ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଆଖିଲେଶ୍ୱର୍ ସିଂ, ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ଏସପି ରୋହିତ ବର୍ମା, ବିଏସଏଫ କୋରାପୁଟ ସେକ୍ଟର ଡିଆଇଜି ସତ୍ୟବାନ କାଞ୍ଚି, ଓଏସଏପି, ଆଇଆରବି ବାଟାଲିୟନ କମାଣ୍ଡାନ୍ଟଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଛାତ୍ର ଛାତ୍ରୀ ସାମିଲ ହୋଇ ବର, ଓସ୍ତ, ଫାସୀ, ପଣସ, ଆମ୍ବ, ବଉଳ, ବିଜା, ରକ୍ତ ଚନ୍ଦନ, କାଞ୍ଚନ,ଗମ୍ଭାରୀ, ଶାଳ ଭଳି ଏକ ହଜାର ଚାରା ରୋପଣ କରିଥିଲେ। ଏହି ଅବସରରେ ଗଛର ଯତ୍ନ ଓ ଜଙ୍ଗଲ ସୁରକ୍ଷା ପାଇଁ କାମ କରୁଥିବା ଗଡପଦର୍ ଓ ଗୁମାଗୁଡ଼ା ବନ ସୁରକ୍ଷା ସମିତିକୁ ସମ୍ମାନିତ କରାଯାଇଥିଲା। କୋରାପୁଟ ବନାଞ୍ଚଳ ଅଧିକାରୀ ଏସ, କେ, ପାହାଡ଼ସିଂ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ଜମି ପ୍ରଦାନ**

## ଆଇନ ମହାବିଦ୍ୟାଳୟକୁ ସରକାରୀ ଘୋଷଣା ଦାବି

**ଜୟପୁର, ୬।୭(ସମିସ):** ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ନୂତନ ଭବନ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ପାଇଁ ଆମ୍ବାଗୁଡା ଠାରେ ରହିଥିବା ଜମି ପ୍ରଦାନ ଏବଂ ଜୟପୁରଆଇନମହାବିଦ୍ୟାଳୟକୁସରକାରୀମହାବିଦ୍ୟାଳୟ ମାନ୍ୟତା ଘୋଷଣା କରିବା ଦାବି ନେଇ ବିଧାୟକ ତାରା ପ୍ରସାଦ ବାହିନୀପତି ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜୟପୁର ଗସ୍ତ ବେଳେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜୟପୁର ବିକ୍ରମଦେବ ମହାବିଦ୍ୟାଳୟ ପ୍ରଥମେ ୧୯୪୭ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହାକୁ ୨୦୨୩ ମସିହାରେ ତତ୍କାଳୀନ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ଏହିପରି ଏହାର ନୂତନ ଭବନ ଏବଂ ଭିତ୍ତିଭୂମିର ବିକାଶ ନେଇ ସ୍ଥାନୀୟ ରଣ୍ଡାପାଲ୍ଲୀ ଗ୍ରାମ ନିକଟରେ ୪୦ ଏକର ଜମି ପ୍ରଦାନ କରାଯାଇଥିଲା। କିନ୍ତୁ ଅଧିକ ଜମି ଆବଶ୍ୟକତା ରହିଥିବା ଯୋଗୁଁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ତେଣୁ ୧୯୭୨ ମସିହାରେ ଜୟପୁର ସହରରୁ ୧୦ କିଲୋମିଟର ଦୂରତାରେ ଆମ୍ବାଗୁଡା ଗ୍ରାମ ଠାରେ ବଙ୍ଗଳାଦେଶୀ ଶରଣାର୍ଥୀଙ୍କୁ ଥଇଥାନ ନିମନ୍ତେ ଡିଏସକେ ପ୍ରକଳ୍ପ ନାମରେ ୧୧୨ ଏକ ସରକାରୀ ଜମି ପ୍ରଦାନ କରାଯାଇଥିଲା। ଗତ ବହୁବର୍ଷ ହେଲାଣି ଉକ୍ତ ପ୍ରକଳ୍ପ ବନ୍ଦ ହୋଇଯାଇଥିବା ବେଳେ ଉକ୍ତ ଜମି ଖାଲି ରହିଛି ଏବଂ କିଛି ଜବରଦଖଲକାରୀଙ୍କ କବଜାରେ ରହିଛି। ତେଣୁ ତୁରନ୍ତ ପଦକ୍ଷପ ଗ୍ରହଣ କରାଯାଇ ଉକ୍ତ ଜମିକୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନିର୍ମାଣ ହେବାକୁ ଥିବା ଭିତ୍ତିଭୂମି ଓ ଭବନ ପାଇଁ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଗତ ୪୪ ବର୍ଷ ପୂର୍ବେ ଜୟପୁର ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହାପରେ ଆଇନ ମହାବିଦ୍ୟାଳୟର ନିଜସ୍ୱ ଭବନ ୧୯୮୯ ମସିହାରେ ସ୍ଥାନୀୟ ବାମୁଣି ଗାଁଠାରେ ନିର୍ମିତ ହୋଇଥିଲା। କିନ୍ତୁ ବର୍ତ୍ତମାନ ଉକ୍ତ ଭବନ ପୁରାତନ ହୋଇଯାଇଥିବା ଯୋଗୁଁ ଏହାର ମରାମତି ଏବଂ ଅନ୍ୟାନ୍ୟ ଆବଶ୍ୟକ ଶ୍ରେଣୀ ଗୃହ ଶୌଚାଳୟ , ସମ୍ମିଳନୀ କକ୍ଷ, ଉଭୟ ଛାତ୍ର ଓ ଛାତ୍ରୀଙ୍କ ପାଇଁ ପୃଥକ ପୃଥକ ହଷ୍ଟେଲ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ କକ୍ଷ ନିର୍ମାଣ ପାଇଁ ୧୫ କୋଟି ଟଙ୍କାର ଆବଶ୍ୟକତା ରହିଛି। ବିଗତ ଦିନରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଏହି ଆଇନ ମହାବିଦ୍ୟାଳୟ ଗସ୍ତ ବେଳେ ତୁରନ୍ତ ନିର୍ମାଣପାଇଁ ଟଙ୍କା ଆବଶ୍ୟକତା ନେଇ କହିଥିଲେ। କିନ୍ତୁ ଏହି ମହାବିଦ୍ୟାଳୟ ବର୍ତ୍ତମାନ ସୁଦ୍ଧା ଘରୋଇ ମହାବିଦ୍ୟାଳୟ ଭାବେ କାର୍ଯ୍ୟ କରୁଥିବା ଯୋଗୁଁ ଆବଶ୍ୟକ ଟଙ୍କା ନଥିବା ସହ ସରକାରୀ ସହାୟତା ମିଳିପାରୁନାହିଁ। ତେଣୁ ତୁରନ୍ତ ଏହି ପୁରାତନ ମହାବିଦ୍ୟାଳୟକୁ ସରକାରୀ ମହାବିଦ୍ୟାଳୟ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇ ଉନ୍ନତୀକରଣ କାର୍ଯ୍ୟ କରିବାକୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସମୀକ୍ଷା ବୈଠକ

କୋରାପୁଟ,୬।୭ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତ ରବିବାର ଶେଷ ହୋଇଥିବାବେଳେ ସନ୍ଧ୍ୟାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅଧିକାରୀ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଅବିଭକ୍ତ କୋରାପୁଟ ଆକାଂକ୍ଷା ଜିଲ୍ଲାର ଶିକ୍ଷା ବିଭାଗ ସହ ଅନ୍ୟାନ୍ୟ ବିଭାଗର ମନ୍ତ୍ରୀଙ୍କ ସହିତ ଶ୍ରୀ ପ୍ରଧାନ ସମୀକ୍ଷା କରି ଲୋକଙ୍କ ସେବା ପାଇଁ ଯତ୍ନର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆକାଂକ୍ଷା ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମହିଳା ସଶକ୍ତିକରଣ ଉପରେ ଜିଲ୍ଲାପାଳ ମାନେ ଉପସ୍ଥାପନା କରିଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାର ବିକାଶ ହେଲେ ଓଡ଼ିଶା ଓ ଭାରତର ବିକାଶ ହୋଇପାରିବ। ତେଣୁ ସରକାରଙ୍କ ସମସ୍ତ ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡିକ ତଳସ୍ତରରେ ରହୁଥିବା ଲୋକମାନେ ଯେପରି ପାଇପାରିବେ ସେଥିପ୍ରତି ସମସ୍ତ ସରକାରୀ ଅଧିକାରୀ ମାନେ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟକରିବାକୁ ସେ ପରାମର୍ଶ ଦେଇଛନ୍ତି। ସମୀକ୍ଷା ବୈଠକରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, କେନ୍ଦ୍ର ଶିକ୍ଷା ବିଭାଗ ସଚିବ ଭିନିତ ଯୋଶୀ, ରାଜ୍ୟ ଶିକ୍ଷା କମିଶନର ତଥା ସଚିବ ଶାଳିନି ପଣ୍ଡିତ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରୂପା ରୋସନ ସାହୁ, ରାଜ୍ୟ ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶକ ମନିଷା ବାନାର୍ଜୀ ପ୍ରମୁଖଙ୍କ ସହ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ଓସେପା ନିର୍ଦ୍ଦେଶକ ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଓ ଏସପି ରୋହିତ ବର୍ମାଙ୍କ ସହ ନବରଙ୍ଗପୁର ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ,ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟୱାରିଙ୍କ ସହ ଚାରୋଟି ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# କୋରାପୁଟର ବିକାଶ ହେଲେ ଦେଶ ବିକଶିତ ହେବ: ଧର୍ମେନ୍ଦ୍ର



ଜୟପୁର, ୬।୭ (ସମିସ): କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୁଇଦିନିଆ କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ଆଜି ଦ୍ୱିତୀୟ ଦିବସରେ ଜୟପୁର ଗସ୍ତ ଅବସରରେ ସହରର ଉଦଘାଟନ, ଭିତ୍ତିପ୍ରସ୍ତର ସହ ସାଧାରଣ ସଭା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଜି ପୂର୍ବାହ୍ନ ସାଢେ ୧୧ ଟା ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଜୟପୁର ପହଞ୍ଚିବା ପରେ ପ୍ରଥମେ ଜଗନ୍ନାଥ ସାଗରରୁ ଗ୍ଲୋବାଲ ଛକକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ୮ ଏକର ପରିବେଷ୍ଟିତ ଜମିରେ ୪୦ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ସ୍ଥାୟୀ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ଏହାପରେ କେନ୍ଦ୍ରୀୟ ଶ୍ରୀ ପ୍ରଧାନ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱରେ ରହିଥିବା ସମ୍ବନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥାର ଭବନରେ ଅସ୍ଥାୟୀ ଭାବେ ବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ପ୍ରଥମରୁ ୫ମ ପର୍ଯ୍ୟନ୍ତ ସୋମବାର ଠାରୁ ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ଘୋଷଣା କରିଥିଲେ। ଏହି ଅବସରରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନ୍ଦ ମଲ୍ଲିକ, କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର, ରାଜ୍ୟ ଶିକ୍ଷା ସଚିବ ଶାଳିନୀ ପଣ୍ଡିତ, କେନ୍ଦ୍ରୀୟ ବିଦ୍ୟାଳୟ ଉପ କମିଶନର ଡଃ. ଶିହରନ ବୋଷ, ଜିଲ୍ଲାପାଳ ଭି.କିର୍ତ୍ତୀଭାସନ, ଏସ୍‌ପି ରୋହିତ ବର୍ମା, ଜୟପୁର ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୟାନ୍ୟ ଅଧିକାରୀ, ଅଧ୍ୟକ୍ଷ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଏହାପରେ ମନ୍ତ୍ରୀ ଶ୍ରୀପ୍ରଧାନ ଏବଂ ଅନ୍ୟାନ୍ୟ ଅତିଥି ମାନେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଠାରେ ପହଞ୍ଚି ଏକ ସାଧାରଣ ସଭାରେ ଉଦବୋଧନ ଦେଇଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷାର ବିକାଶରେ ରାଜ୍ୟ ଓ କେନ୍ଦ୍ର ଶିକ୍ଷା ବିକଶିତ ହେବ ବୋଲି କହିଥିଲେ। କୋରାପୁଟ ଜିଲ୍ଲାକୁ ଶିକ୍ଷାକ୍ଷେତ୍ରରେ ବିକାଶ ସହ ସଂସ୍କୃତି, ଆନୁସଙ୍ଗିକ ବ୍ୟବସ୍ଥା ଉନ୍ନତୀକରଣ ପାଇଁ ପ୍ରଥମେ ୨୦ କୋଟି ଏବଂ ବର୍ତ୍ତମାନ ୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କହିଥିଲେ। ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ମଲ୍ଲିକ ଅବିଭକ୍ତ କୋରାପୁଟ ଜିଲ୍ଲାର

## କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ

ପର୍ଯ୍ୟଟନ,ଶିଳ୍ପ, କୃଷି, ବୟନଶିଳ୍ପ ପ୍ରଭୃତି କ୍ଷେତ୍ରରେ ମଧ୍ୟ ବିକାଶ କରାଯିବ ବୋଲି କେନ୍ଦ୍ର ଓ ରାଜ୍ୟସରକାର ପ୍ରତିଶ୍ରୁତିବଦ୍ଧ ବୋଲି ନିଜ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଏହି ଅବସରରେ ରାଜ୍ୟ ଶିକ୍ଷାମନ୍ତ୍ରୀ ଶ୍ରୀ ଗଣ୍ଡ ନିଜ ବକ୍ତବ୍ୟ ମାଧ୍ୟମରେ କେନ୍ଦ୍ରୀୟ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଦେଶର ଜଣେ ଦକ୍ଷମନ୍ତ୍ରୀ ଭାବେ ସମ୍ବୋଧିତ କରିଥିବା ବେଳେ ତାଙ୍କ ପ୍ରତିଶୃତ ରକ୍ଷା କରିବା ସହ କେବଳ କୋରାପୁଟ ଜିଲ୍ଲାରେ କେନ୍ଦ୍ରୀୟ ଓ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ବିକାଶ ଉପରେ ରାଜ୍ୟ ଓ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ପ୍ରଦାନ କରୁଥିବା ନେଇ କହିଥିଲେ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ କୋରାପୁଟ ଏବଂ ଜୟପୁର ଠାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଏବଂ ବିକାଶ ପାଇଁ ପ୍ରଚେଷ୍ଟା ଏବଂ ଆଗାମୀ ଦିନରେ ଯୋଜନା କରାଯାଇଥିବା କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଏସ.ପି ଶ୍ରୀ ବର୍ମା ଏବଂ ଏସଡିପିଓ ପାର୍ଥ କାଶ୍ୟପ ନିଜେ ଉପସ୍ଥିତ ରହି ସୁରକ୍ଷା ଟ୍ରାଫିକ ଦାୟିତ୍ୱର ନେତୃତ୍ୱ ନେଉଥିଲେ।

# ଉପ ନିର୍ଦ୍ଦେଶକଙ୍କ ଉପର ଜୁମୁରୁଗୁଡା ପରିଦର୍ଶନ



ପଦ୍ମପୁର,୬।୭ (ସମିସ): ଓସେପା ଉପ ନିର୍ଦ୍ଦେଶକ ଦୀପକ ରାୟ ରାୟଗଡା ଜିଲ୍ଲାର ପଦ୍ମପୁର ବ୍ଲକରେ ଅବସ୍ଥିତ ଉପର ଜୁମୁରୁଗୁଡା ସରକାରୀ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ତାଙ୍କ ସହିତ ସମଗ୍ର ଶିକ୍ଷା ବିଭାଗର କନିଷ୍ଠ ଇଞ୍ଜିନିୟର ସ୍ନେହାଶିଷ ପଣ୍ଡା, ଏବିଇଓ ପଦ୍ମପୁର ଚନ୍ଦ୍ରସେନ ଲିମା ଏବଂ ସିଆରସିସି ଅଜିତ ଚୌଧୁରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ଆତ୍ମବିଶ୍ୱାସର ସହିତ ମୌଳିକ ସଂଖ୍ୟା ଜ୍ଞାନ (ମୂଳ ସଂଖ୍ୟା) ଏବଂ ଶବ୍ଦ ଜ୍ଞାନ (ଶବ୍ଦ ଚିହ୍ନଟ) ରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଯାହା ପରିଦର୍ଶକମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ବିଦ୍ୟାଳୟ ପରିସରରେ ଓ ବାହାରେ, ସ୍କୁଲ କ୍ୟାମ୍ପସ ସ୍ୱଚ୍ଛତା, ସୃଜନଶୀଳତା ଏବଂ ଶାନ୍ତ ପରିବେଶରେ ପ୍ରସ୍ଫୁଟିତ ହୋଇଥିଲା। ଏହାର ସୁନ୍ଦର ପରିବେଶ ଏବଂ ସୁପରିଚାଳିତ ଭିତ୍ତିଭୂମି ପାଇଁ ପ୍ରଶଂସା ଅର୍ଜନ କରିଥିଲା। ଏହି ସ୍ଥାନ କେବଳ ବିଷୟ ପଢ଼ାଏ ନାହିଁ, ଏହା ସମର୍ପଣ ଶିକ୍ଷା ଦିଏ, ବୋଲି ଶ୍ରୀ ରାୟ ଗର୍ବର ସହିତ ମନ୍ତବ୍ୟ ଦେଇଥିଲେ। ଉପ ନିର୍ଦ୍ଦେଶକଙ୍କ ଗସ୍ତ ବେଳେ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଦିଲୀପ କୁମାର କର, ବର୍ତ୍ତମାନର ପ୍ରଧାନ ଶିକ୍ଷକ ଭୁବନାନନ୍ଦ ଖାଡଙ୍ଗା ଏବଂ ସହକାରୀ ଶିକ୍ଷକ ହୃଷୀକେଶ ପରିଡାଲା, ବନିତା ନାୟକ ଏବଂ ରେଣୁମାଳା ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍କୁଲ କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର, କାହ୍ନୁ ମହାପାତ୍ର ଏବଂ ବିଷ୍ଣୁ ସାହୁ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ରାୟ କଠିନ ପରିଶ୍ରମର ଏକ ମଡେଲ ହେବା ପାଇଁ ସ୍କୁଲକୁ ପ୍ରଶଂସା କରିଥିଲେ।

● ନିଖିଳ ଓଡ଼ିଶା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ କର୍ମକର୍ତ୍ତା ଚୟନ

# ମଳୟ ନାୟକ ହେଲେ ସଭାପତି



ରାୟଗଡ଼ା/ମୁନିଗୁଡା, ୬।୭ (ସମିସ): ରାୟଗଡ଼ା ଜିଲ୍ଲା ନିଖିଳ ଓଡ଼ିଶା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହେବା ସହ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମ ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଦାୟିତ୍ୱରେ ଥିବା ସଂଘର ସଭାପତି ଓ ସଂପାଦକ ନିଜ କର୍ମ କ୍ଷେତ୍ରରୁ ଅବସର ନେବା ପରେ ସର୍ବ ସମ୍ମତି କ୍ରମେ ମଳୟ ନାୟକଙ୍କୁ ସଭାପତି ଓ ମଦନ ମୋହନ ନାୟକଙ୍କୁ ଉପ ସଭାପତି ଦାୟିତ୍ୱ ଦିଆଯାଇଥିବା ବେଳେ ସଂପାଦକ ଭାବେ ସୁନିଲ କୁମାର ବ୍ରହ୍ମା, ସହ ସମ୍ପାଦକ ରାଧା ମୋହନ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ଦେଓ, ରାୟଗଡ଼ା ଜୋନ ସମ୍ପାଦକ କୁମାରୀ ପଲ୍ଲବୀ, ପ୍ରିୟନାଥ ଓ ଗୁଣୁପୁର ଜୋନ ସମ୍ପାଦକ ଭାବେ ଅକ୍ଷୟ କୁମାର ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଦସ୍ୟଙ୍କ ମଧ୍ୟରେ ବିଜୟ ଲକ୍ଷ୍ମୀ ଶବର, ଆଶୁତୋଷ ପାଣିଗ୍ରାହୀ, ଗୌରାଙ୍ଗ କଦମ୍ବାଲୁ, ଗୁପ୍ତେଶ୍ୱର ପଟ୍ଟନାୟକ, କିଶୋର ଚନ୍ଦ୍ର ସାହୁ ଓ ଉପଦେଷ୍ଟା ଭାବେ ପୂର୍ବତନ ସଂପାଦକ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ପାତ୍ର, ପୂର୍ବତନ ସଭାପତି ପଞ୍ଚାୟତ ନିର୍ବାହୀ ଅଧିକାରୀ ପି.ଦିବାକର ରାଓ, ସମୀକ୍ଷକ ଭାବେ ବୁଦ୍ଧିଆ କଣ୍ଡାରୀଙ୍ଗା, ପ୍ରକାଶ ଚନ୍ଦ୍ର ସାହୁକାର ଦାୟିତ୍ୱ ଗ୍ରହଣକରିବାସହସହଯୋଗକରିଥିଲେ। ନୂତନ କମିଟିକୁ ସମସ୍ତ ସଦସ୍ୟ ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ଆଗାମୀ ଦିନରେ ନିଜ ସଂଗଠନକୁ ସୁଦୃଢ କରିବା ଓ ସଂଘର ସମସ୍ତ ସମସ୍ୟାକୁ ସମାଧାନ କରି ମିଳିମିଶି କାମ କରିବା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ପଞ୍ଚାୟତ ନିର୍ବାହୀ ଅଧିକାରୀ ପି. ଦବାକର ରାଓ ପରିଚାଳନା କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଉମରକୋଟ ଠାରେ ଶ୍ରୀଜଗନ୍ନାଥଙ୍କ ସୁନାବେଶ



ଦାମନଯୋଡ଼ିରେ ମହାପ୍ରଭୂଙ୍କ ସୁନାବେଶ

# ସୁକାନ୍ତି କୁମାରୀ ପଟ୍ଟନାୟକଙ୍କ ପରଲୋକ



ରାୟଗଡ଼ା,୬।୭ (ସମିସ): ସୁକାନ୍ତି କୁମାରୀ ପଟ୍ଟନାୟକଙ୍କର ଶନିବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ ଗତ ଜୁନ୍ ୧ ତାରିଖରେ ବ୍ରେନ୍‌ଷ୍ଟୋକରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଆପୋଲୋ ହସପିଟାଲରେ ଭର୍ତ୍ତି ହୋଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୪ ପୁଅ, ବୋହୁ, ଝିଅ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଏହି ମୃତ୍ୟୁ ଖବର ପାଇ ବହୁ ସାମ୍ବାଦିକ, ପରିଜନ ଓ ଶୁଭେଚ୍ଛୁ ମେଡିକାଲ ଏବଂ ପୁରୀ ସ୍ୱର୍ଗଦ୍ୱାରରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାରା ନିଆଯାଇ ସେଠାରେ ଶବ ସତ୍କାର କରାଯାଇଥିଲା। ସେ ସମାଜର ରାୟଗଡ଼ା ଜିଲ୍ଲା ପ୍ରତିନିଧି ରଘୁନାଥ ପଟ୍ଟନାୟକଙ୍କ ମାଆ।

# ବାହୁଡ଼ା ଯାତ୍ରା ବେଳେ ମହିଳା ଭକ୍ତ ଆହତ



ନନ୍ଦପୁର, ୬।୭ (ସମିସ): ଶ୍ରୀଗୁଣ୍ଡିଚା ଯାତ୍ରା ଭଳି ବାହାଡ଼ା ଯାତ୍ରାରେ ମଧ୍ୟ ବିଭ୍ରାଟ ଦେଖାଦେଇଛି। ରାତି ଅଧରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ତିନି ଠାକୁର ପହଞ୍ଚିଥିଲେ। ବାହାଡ଼ାରେ ମଧ୍ୟ ସେହି ସମାନ ସମୟ ରାତି ଦଶଟା ସମୟରେ ମହାପ୍ରଭୁଙ୍କ ମନ୍ଦିର ନିକଟଷର ତିନି ଠାକୁର ପହଞ୍ଚିଥିଲେ। ବାହୁଡା ଅଘଟଣ ନେଇ ହଜାର ହଜାର ଭକ୍ତଙ୍କ ଭାବାବେଗକୁ ଶକ୍ତ ଧକ୍କା ଲାଗିଛି। ରଥ ଟଣା ବେଳେ କାହାର ଘର ଭାଙ୍ଗିଲା ତ ଆଉ କାହାର ଦୋକାନ ଛାତ, ବିଦ୍ୟୁତ୍ ଖୁଣ୍ଟ ଓ ବିଳମ୍ବିତ ରାତିରେ ରଥଟଣା ବେଳେ ଅଘଟଣ ଘଟି ଜଣେ ମହିଳା ଭକ୍ତ ଆହତ ହୋଇଛନ୍ତି। ତେବ ରାତି ଅଧରେ ରଥ ଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

# ରାଜରାଜେଶ୍ୱର ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ନବରଙ୍ଗପୁର,୬।୭ (ସମିସ) : ନବରଙ୍ଗପୁର ଜିଲ୍ଲା ସଦର ମହକୁମା ଠାରେ ଶ୍ରୀଜୀଉଙ୍କ ବହୁଡାଯାତ୍ରାର ଗୋଟିଏ ଦିନ ପରେ ଅର୍ଥାତ ଆଜି ରବିବାର ପବିତ୍ର ଆଷାଢ଼ ଶୁକ୍ଳ ଏକାଦଶୀ ବା ହରିଶୟନ ଏକାଦଶୀ ବା ବଡ଼ ଏକାଦଶୀ ତିଥିରେ ରଥ ଉପରେ ଶ୍ରୀଜୀଉଙ୍କ ସୁନାବେଶ ଓ ଅଧରପଣା ନୀତି ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ବଡ ଏକାଦଶୀ ଅବସରରେ ଭକ୍ତଙ୍କ ସାଧାରଣ ଦର୍ଶନ ହୋଇଥିଲା। ଅପରାହ୍ନ ୩ ଟାରୁ ଆରମ୍ଭ ହୋଇଥିଲା ଶ୍ରୀଜୀଉଙ୍କ ସୁନାବେଶ ନୀତି କାନ୍ତି। ସନ୍ଧ୍ୟା ୬.୩୦ ସମୟରୁ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ଅଧର ପଣା ନୀତି ଏହି ସବୁ ନୀତି କାନ୍ତି ସରିବା ପରେ ରଥ ଉପରେ ସୁନାବେଶରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି। ଆଜି ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନବରଙ୍ଗପୁର ସହର, ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା ଅଗଣିତ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ସ୍ଥାନୀୟ ବିଶିଷ୍ଟ କଳାକାର ମାନଙ୍କୁ ନେଇ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ନବରଙ୍ଗପୁର ରାଜ ପୁରୋହିତ ତଥା ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗର ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ମା ଭଣ୍ଡାର ଘରଣୀ କର୍ମକାଣ୍ଡ ପ୍ରଶିକ୍ଷଣ କେନ୍ଦ୍ର ଦ୍ୱାରା ପ୍ରତିବର୍ଷ ଆୟୋଜିତ ହେଉଥିବା ଶ୍ରୀଜୀଉଙ୍କ ଏହି ପବିତ୍ର ସୁନାବେଶ ନୀତିରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ଶୁଭଙ୍କର ମହାପାତ୍ର , ଦେବୋତ୍ତର ନିର୍ବାହି ଅଧିକାରୀ କୈଳାସ ଚନ୍ଦ୍ର ତ୍ରିପାଠୀ, ନବରଙ୍ଗପୁର ପୌରଧ୍ୟକ୍ଷ କୁନୁ ନାୟକ , ନବରଙ୍ଗପୁର ଦେବୋତ୍ତର କମିଟି ସଭାପତି ଯଜ୍ଞେଶ୍ୱର ଖାଡଙ୍ଗା, କମିଟି ସଦସ୍ୟ ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ସୁର , କମିଟି ସଦସ୍ୟ ପିଣ୍ଟୁ ତ୍ରିପାଠୀ ,ମିଟୁ ପାତ୍ର , ପରେଶ୍ ମିଶ୍ର, ନରେଶ ତ୍ରିପାଠୀ , କୁନା ପାତ୍ର ,ଭବାନୀ ଶତପଥୀ, ରାଜେନ୍ଦ୍ର ତ୍ରିପାଠୀ,ନବରଙ୍ଗପୁର ଅତିରିକ୍ତ ଏସପି ବଟ କୃଷ୍ଣ ମିଶ୍ର , ଏସ ଡି ପି ଓ କୃଷ୍ଣ ଚନ୍ଦ୍ର ଭତରା, ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା,ଏସ ଆଇ ଦେବାଶିଷ ସାହୁ , ଏସ ଆଇ ସବିର ଅହମ୍ମଦ, ନିତି କାନ୍ତିରେ ପଣ୍ଡିତ ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ମନ୍ଦିର ପୂଜକ ଶେଷ ଦେବ ବ୍ରହ୍ମା , ଜଗନ୍ନାଥ ବ୍ରହ୍ମା , ଦେବୀ ନାୟକ, ଲକ୍ଷ୍ମୀ ମନ୍ଦିର ପୂଜକ ରବିନ୍ଦ୍ର ନାଥ ଶତପଥୀ, ସୁଧୀର ଶତପଥୀ , ସନ୍ତୋଷ କୁମାର ସାହୁ ପ୍ରମୁଖ ବହୁ ଲୋକ ସହଯୋଗ କରିଥିଲେ।



ନବରଙ୍ଗପୁରରେ ଶ୍ରୀ ଜୀଉମାନଙ୍କର ରାଜରାଜେଶ୍ୱର ବେଶ



ସୁନାବେଡ଼ା ସ୍ୱର୍ଣ୍ଣକ୍ଷେତ୍ରରେ ଶ୍ରୀ ଜୀଉମାନଙ୍କର ସୁନୀବେଶ



ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା




ବୈପାରୀଗୁଡା ଠାରେ ମହାପ୍ରଭୁଙ୍କ ସୁନାବେଶ



ନନ୍ଦପୁରରେ ଶ୍ରୀବିଗ୍ରହଙ୍କ ସୁନାବେଶ

## ରଥ ପଡିଆରେ ବଡ ଓ ସାନରଥ ପହଞ୍ଚିଲା

# ବିଳମ୍ବିତ ରାତ୍ରୀରେ ମୁଖ୍ୟ ମନ୍ଦିରକୁ ପହଣ୍ଡିରେ ଫେରିଲେ ତିନି ଠାକୁର



ଜୟପୁର, ୬।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଐତିହାସିକ ରଥଯାତ୍ରା ରବିବାର ଶେଷ ହୋଇଯାଇଛି। ଗତକାଲି ସୌରାସାହି ଛକ ଠାରେ ଚୈତନ୍ୟ ମନ୍ଦିରର ମାଉସୀ ମାଁ ମନ୍ଦିର ସମ୍ମୁଖରେ ବଡ ଓ ସାନରଥ ପହଞ୍ଚିବା ପରେ ସଂଧ୍ୟାରେ ତିନି ଠାକୁର ଏବଂ ପତିତପାବନଙ୍କୁ ପୋଡପିଠା ଭୋଗ ଲାଗି ହୋଇଥିଲା। ସେଠାରେ ବଡ ରଥ ଉପରେ ତିନି ଠାକୁର ଏବଂ ସାନରଥରେ ପତିତପାବନ ରାତ୍ରୀ ରହଣି ପରେ, ଆଜି ପୂର୍ବାହ୍ନ ସାଢେ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା ଏବଂ ସଂଧ୍ୟା ସାଢେ ୬ଟାରେ ରଥପଡିଆ ଠାରେ ଦୁଇରଥ ପହଞ୍ଚିଲା। ସେହିପରି ଭକ୍ତ ଓ ଶ୍ରଦ୍ଧାଳୁ ମାନେ ରାତ୍ରୀ ସାଢେ ୧୧ଟା ପର୍ଯ୍ୟନ୍ତ ଦର୍ଶନ କରିବା ପରେ ତିନି ଠାକୁରଙ୍କୁ ପହଣ୍ଡି ମାଧ୍ୟମରେ ବିଳମ୍ବିତ ରାତିରେ ମୁଖ୍ୟମନ୍ଦିର ରତ୍ନ ସିଂହାସନକୁ ନିଆଯାଇଥିଲା। ଆଜି ରାତିରେ ମହାଠାକୁର ଶ୍ରୀ ଜଗନ୍ନାଥ ଆସନ୍ତା ୪ ମାସ କାର୍ତ୍ତିକ ମାସ ପର୍ଯ୍ୟନ୍ତ ଅନନ୍ତଶୟନରେ ରହିଥିଲେ। ଏହିପରି ତିନି ଠାକୁର ଗୁଣ୍ଡିଚା ମନ୍ଦିରର ବାହୁଡିବା ପରେ ପହଣ୍ଡି ପରମ୍ପରା ଅନୁଯାୟୀ ରାତି ମୁଖ୍ୟ ମନ୍ଦିରକୁ ପହଣ୍ଡି ବେଳେ ତିନି ଠାକୁରଙ୍କ ସୁନାରୀ ସାହି, ଲାଲ ସାହି, ସାମନ୍ତରା ସାହି, ଡେରା ସାହି ଏବଂ ବ୍ରହ୍ମା ସାହି ଠାରେ ସାହି ବାସିନ୍ଦା ମାନେ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ପୂଜାର୍ଚ୍ଚନା ଏବଂ ଆଳତି ବନ୍ଦାପନା ସହିତ ସ୍ୱାଗତ କରିଥିଲେ। ୧୧ ଲକ୍ଷ ଟଙ୍କାରେ ନିର୍ମିତ ସାଢେ ୯ କିଲୋଗ୍ରାମ ଓଜନର ୩ଟି ରୂପା କିରୋଟି ଦେବତ୍ତୋର ବିଭାଗ ପକ୍ଷରୁ ଧାରଣା କରାଯାଇଥିଲା। ସଂଧ୍ୟାରେ ତିନି ଠାକୁରଙ୍କ ସୁନା ବେଶ ହୋଇଥିଲା। ରଥଟଣା ସମୟରେ ବର୍ଷା ହେବା ସତ୍ତ୍ୱେ ଭକ୍ତ ମାନେ ବର୍ଷାରେ ଭିଜି ରଥ ଭିଡି ନେଇ ରଥପଡିଆ ଛକ ଠାରେ ପହଞ୍ଚାଇଥିଲେ।

# ରଥ ଟାଣିଲେ ମହିଳା ଭକ୍ତ



ଚନ୍ଦାହାଣ୍ଡି,୬।୭ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଗ୍ରାମରେ ଶନିବାର ଦିନ ବାହୁଡା ଯାତ୍ରା ସଂପନ୍ନ ହୋଇଥିବା ବେଳେ ଆଜି ଦଣ୍ଡାମୁଣ୍ଡା ଠାରେ ପୂର୍ବ ବର୍ଷ ଭଳି ନିଆରା ପରମ୍ପରା ଦେଖିବାକୁ ମିଳିଛି। ବାହୁଡ଼ା ଦିନ ଅଧା ବାଟରେ ଆସି ଅଟକି ଥିବା ମହାପ୍ରଭୁଙ୍କ ରଥକୁ ରବିବାର ସନ୍ଧ୍ୟାରେ ବିଭିନ୍ନ ଗ୍ରାମରୁ ଆସିଥିବା ଏକ ହଜାରରୁ ଉର୍ଦ୍ଧ ମହିଳାଭକ୍ତ ଟାଣି ଆଣିଥିଲେ। ଏହା ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତ ମାନେ ସୁନାବଶେ ଦର୍ଶନ ସହ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଯୋଗଦେଇଥିବା ବେଳେ କର୍ତ୍ତା ନରେନ୍ଦ୍ର ମାଝୀ, ନଳିନୀ ମାଝୀ, ପୁରୋହିତ ସୁରେନ୍ଦ୍ର ଦାଶ, ଦୀପକ ଦାସ,ବଳରାମ ପଟ୍ଟନାୟକ, ସଂଗ୍ରାମ କେଶରୀ ସାହୁ ,ଶିଶିର ମାଝୀ, ଗୌରହରୀ ନାୟକ,ପ୍ରତାପ ଗୌଡ଼, ଧବଳେଶ୍ୱର ପଟ୍ଟନାୟକ, ସିମାଞ୍ଚଳ ଗଣ୍ଡା,ରବି ମାହାନ୍ତି ପ୍ରମୁଖ ସହ ସମସ୍ତ ମନ୍ଦିର ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ସମ୍ପାଦକୀୟ



ଶିକ୍ଷାର ଲକ୍ଷ୍ୟ କେବଳ ତଥ୍ୟଭିତ୍ତିକ ଜ୍ଞାନ ଆହରଣ ନୁହେଁ, ଏହା ମୂଲ୍ୟବୋଧ ମଧ୍ୟ ଶିଖାଏ।
--ୱିଲିୟମ ଏସ୍ ବରୋସ

ସକାଳ THE SAKALA

## ଅଦିନିଆ ମୂଲ୍ୟସ୍ଫୀତି

ଏବେ ରାଜ୍ୟରେ, ବିଶେଷକରି ସହରାଞ୍ଚଳରେ, ପନିପରିବା ଦରରେ ଆକସ୍ମିକ ବୃଦ୍ଧି ଘଟିଛି। ସାଧାରଣତଃ ବର୍ଷାଋତୁରେ ବାଡ଼ି ପନିପରିବା ସହିତ ଚାଷକ୍ଷେତରୁ ବିଭିନ୍ନ ପରିବା ଉତ୍ପାଦନ ଅଧିକ ହେଉଥିବାରୁ ଖାଉଟି ସୁଲଭ ମୂଲ୍ୟରେ ପରିବା ପାଇବା କଥା। କିନ୍ତୁ ଚଳିତବର୍ଷ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ବିଶେଷକରି ଗତ ଦୁଇ ସପ୍ତାହ ଧରି ପରିବା ଦର ଦ୍ୱିଗୁଣା ହୋଇଛି। ଏହାର ତତ୍କାଳ ପ୍ରଭାବ ଋତୁକାଳୀନ ଫଳ ଆମ୍ବ ଉପରେ ପଡ଼ିଛି। କିଲୋ ପିଛା ୨୦ରୁ ୩୦ ଟଙ୍କାରେ ମିଳୁଥିବା ବିଭିନ୍ନ କିସମର ଆମ୍ବର ଦର ଏବେ ପ୍ରାୟ ଚାରିଗୁଣା ବଢ଼ିଯାଇଛି। ବିକ୍ରେତାଙ୍କ କହିବା କଥା ଲଘୁଚାପ ବର୍ଷା ଯୋଗୁଁ ବାହାର ଅଞ୍ଚଳରୁ ପରିବା ଯୋଗାଣ ବ୍ୟାହତ ହୋଇଛି। ତେଣୁ ବଜାରରେ ଦାମ ଉଚ୍ଚା ରହିଛି। କିନ୍ତୁ ବର୍ଷା ଜନିତ ଗମନାଗମନ ବାଧାପ୍ରାପ୍ତ ହେବା ଭଳି ସ୍ଥିତି ଏ ପର୍ଯ୍ୟନ୍ତ ଓଡ଼ିଶାରେ ଉପୁଜିନାହିଁ। ତଥାପି ପରିବା ଦର ଉଚ୍ଚା ରହିବା ପଛରେ କିଛି ଭିନ୍ନ କାରଣ ରହିଛି।

କେତେକ ବଜାର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ପରିବା ଦର ବୃଦ୍ଧିରେ ଲଗାଣ ବର୍ଷାର ଭୂମିକା ଯେତିକି ନାହିଁ, ତା'ଠାରୁ ଅଧିକ ରହିଛି ରଥଯାତ୍ରାରେ ବିଭିନ୍ନ ସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିବା ଦାତବ୍ୟ ଭୋଜନ ଓ ଅନ୍ନଛତ୍ର ବ୍ୟବସ୍ଥା। ସମ୍ପ୍ରତି ଗଣଉତ୍ସବଗୁଡ଼ିକରେ ଦାତବ୍ୟ ଭୋଜନ ବା ମାଗଣା ଅନ୍ନଛତ୍ର ଏକ ଧାରା ପାଲଟି ଯାଇଛି। ଧନାଢ଼୍ୟ ବ୍ୟକ୍ତିମାନେ ପୁଣ୍ୟ ଅର୍ଜନ ଲକ୍ଷ୍ୟରେ ଏଭଳି ପନ୍ଥା ଆପଣେଇଥିବା ବେଳେ ଦେଖାଦେଖି ଏଭଳି ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ସଂଖ୍ୟା ବଢ଼ିଚାଲିଛି। ଚଳିତ ବର୍ଷ ରଥଯାତ୍ରାରେ ଦେଶର ବହୁ ବିଶିଷ୍ଟ ଶିଳ୍ପପତିଙ୍କ ଟ୍ରଷ୍ଟମାନ ବିଗତ ପ୍ରାୟ ୧୦ ଦିନ ଧରି ପୁରୀ ଶ୍ରୀକ୍ଷେତ୍ରରେ ଭକ୍ତଙ୍କୁ ମାଗଣା ଭୋଜନ ଦେଇଆସୁଛନ୍ତି। ପୁରୀ ଶ୍ରୀକ୍ଷେତ୍ରରେ ଦୈନିକ ପ୍ରାୟ ୧୦ ଲକ୍ଷ ଲୋକଙ୍କ ପାଇଁ ଏହି ଭୋଜନ ବ୍ୟବସ୍ଥା ହେଉଥିବା ବେଳେ ଆଖପାଖ ଅଞ୍ଚଳ ଓ ଅନ୍ୟାନ୍ୟ ସହରାଞ୍ଚଳଗୁଡ଼ିକରେ ମଧ୍ୟ ଏଭଳି ଦାତବ୍ୟ ଅନ୍ନଛତ୍ର ଖୋଲିଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶିଳ୍ପ ସଂସ୍ଥାମାନେ କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ଅଧୀନରେ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଆଉ କେତେକ ନିଜର ଧାର୍ମିକ ପରିଚୟ ଦେବା ଆଳରେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ବିଜ୍ଞାପିତ କରୁଥିବା ଦେଖାଯାଉଛି। ଦୈନିକ ଏଭଳି ବିଶାଳ ଆୟୋଜନର ପ୍ରତ୍ୟକ୍ଷ ପ୍ରଭାବ ପରିବା ବଜାର ଉପରେ ପଡ଼ିଛି। ଅର୍ଥନୈତିକ ତତ୍ତ୍ୱ ଅନୁଯାୟୀ ଯୋଗାଣ ସୀମିତ ରହି ଚାହିଦା ବଢ଼ିବାରୁ ସ୍ୱାଭାବିକ ଭାବେ ନିତିଦିନିଆ ପରିବା ଦାମ ବଢ଼ିଛି।

ଭିନ୍ନ ଏକ ଦୃଷ୍ଟିକୋଣରୁ ଆଲୋଚନା କଲେ ଏଭଳି ଋତୁକାଳୀନ ବା ଆକସ୍ମିକ ମୂଲ୍ୟସ୍ଫୀତି ଭଳି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆମ ରାଜ୍ୟ ଏ ପର୍ଯ୍ୟନ୍ତ ସ୍ୱାବଲମ୍ବୀ ହୋଇପାରିନାହିଁ। ଏବେ ମଧ୍ୟ ଓଡ଼ିଶାବାସୀଙ୍କ ପନିପରିବା ଚାହିଦାର ୮୦ ଭାଗ ବାହାର ରାଜ୍ୟରୁ ଆମଦାନୀ ହେଉଛି। ସେହିସବୁ ରାଜ୍ୟରେ ବର୍ଷା, ମରୁଡ଼ି ଆଦି ପ୍ରାକୃତିକ ଦୁର୍ବିପାକ କିମ୍ବା ଅନ୍ୟ କୌଣସି କାରଣରୁ ଉତ୍ପାଦନ ଓ ପରିବହନରେ ବାଧା ଉପୁଜିଲେ ତାହାର ତତ୍କାଳ ପ୍ରଭାବ ଓଡ଼ିଶା ବଜାର ଉପରେ ପଡ଼ୁଛି। ଆଳୁ, ପିଆଜ, ଟମାଟୋ ଉପରେ ପୂର୍ବରୁ ଆମେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଥିବା ବେଳେ ଏବେ ଲଙ୍କା, ଲେମ୍ବୁ, ପୋଟଳ, ବିନ୍, ଝୁଡ଼ୁଙ୍ଗ, ବାଇଗଣ, କୋବି ପାଇଁ ମଧ୍ୟ ବାହାର ରାଜ୍ୟର ହାତକୁ ଚାହିଁ ବସିବାକୁ ପଡ଼ୁଛି।

ଆମେ ଯେଉଁସବୁ ରାଜ୍ୟରୁ ଆମଦାନୀ ଉପରେ ନିର୍ଭର କରୁଛୁ ସେହିସବୁ ରାଜ୍ୟ କେବଳ କୃଷିପ୍ରଧାନ ନୁହନ୍ତି। କିନ୍ତୁ ଶିଳ୍ପ ସହିତ କୃଷିକୁ ସମନ୍ୱିତ ଭାବେ ପରିଚାଳନା କରିପାରୁଥିବାରୁ ଏବଂ ଉତ୍ପାଦନ ଓ ବଜାର ଦର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିପାରୁଥିବାରୁ ସେହି ରାଜ୍ୟମାନେ କୃଷିଜାତ ଦ୍ରବ୍ୟରେ ବଳକା ରାଜ୍ୟ ଭାବେ ପରିଗଣିତ ହେଉଛନ୍ତି। ଏକଦା ଆମ ରାଜ୍ୟ ମଧ୍ୟ ଦେଶରେ ଦ୍ୱିତୀୟ ବୃହତ୍ ପନିପରିବା ଉତ୍ପାଦନକାରୀ ରାଜ୍ୟ ଭାବେ ପରିଗଣିତ ହେଉଥିଲା। କିନ୍ତୁ କୃଷି ପ୍ରତି ନିରନ୍ତର ଅବହେଳା, ସରକାରୀ ପ୍ରୋତ୍ସାହନ ଓ କୃଷି ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଆଜି ଆମେ ପରହାତକୁ ଚାହିଁ ବସିବାକୁ ପଡ଼ୁଛି।

ଓଡ଼ିଶାରେ ପନିପରିବା ଉତ୍ପାଦନ କମିବା ପଛର ଆଉ ଏକ କାରଣ ହେଲା ଚାଷ ପ୍ରତି ବଢ଼ିଚାଲିଥିବା ବୀତସ୍ପୃହ ମନୋଭାବ। ବିଲମୁଣ୍ଡର ଦର ଓ ବଜାର ଦର ମଧ୍ୟରେ ଆକାଶପାତାଳ ତାରତମ୍ୟ ଚାଷୀକୁ ପରିବା ଚାଷ ପ୍ରତି ବିମୁଖ କରୁଛି। ଉଦାହରଣ ସ୍ୱରୂପ ଭେଣ୍ଡିଚାଷ କରୁଥିବା କୃଷକଟିଏ ଯେତେବେଳେ ପୋଟଳ କିମ୍ବା ଜହ୍ନି କିଣିବା ପାଇଁ ବଜାରକୁ ଯାଉଛି ସେତେବେଳେ ସେ ବିଲମୁଣ୍ଡରେ କେଜି ପିଛା ୫ଟଙ୍କାରେ ବିକ୍ରି କରିଥିବା ତା'ର ଉତ୍ପାଦକୁ ବଜାରରେ ୬୦ ଟଙ୍କାରେ ବିକ୍ରି ହେଉଥିବା ଦେଖୁଛି। ଖାଉଟି ବଜାର ଓ ବିଲ ହୁଡ଼ା ମଧ୍ୟରେ ରହିଯାଉଥିବା ଦାମର ଏହି ତାରତମ୍ୟର ସର୍ବାଧିକ ହିତାଧିକାର ହେଉଛନ୍ତି ଦଲାଲ୍। ଏ ବିଷୟରେ ସରକାର ଜାଣି ମଧ୍ୟ ଉଦାସୀନତା ରହିବାର ପ୍ରଭାବ ଚାଷୀକୁ ପରିବା ଚାଷ ପ୍ରତି ବିମୁଖ କରୁଛି ଏବଂ ବଜାରରେ ପନିପରିବା ଦରଦାମରେ ପ୍ରତିଫଳିତ ହେଉଛି।

ଓଡ଼ିଶାରେ ପରିବା ଚାଷୀର ସବୁଠାରୁ ବଡ଼ ଆହ୍ୱାନ ହେଉଛି ସଂରକ୍ଷଣ। ପ୍ରତିବର୍ଷ ବଜେଟ୍‌ରେ ବ୍ୟୟବରାଦ ହେଉଥିଲେ ମଧ୍ୟ ତୃଣମୂଳସ୍ତରରେ ଶୀତଳଭଣ୍ଡାର ନିର୍ମାଣ ଆବଶ୍ୟକ ମୁତାବକ ହୋଇପାରୁନାହିଁ। ତେଣୁ ବାଧ ହୋଇ ଚାଷୀ କମ୍ ମୂଲ୍ୟରେ ଉତ୍ପାଦ ବିକି ପ୍ରଭୂତ କ୍ଷତି ସହୁଛି କିମ୍ବା ବିଲରେ ଗୋରୁଙ୍କ ପାଇଁ ଛାଡ଼ି ଦେଉଛି। ଏଭଳି ପରିସ୍ଥିତିରେ ରାଜ୍ୟ ପନିପରିବା ଉତ୍ପାଦନରେ ସ୍ୱାବଲମ୍ବୀ ହେବ କେମିତି? ଆମ ରାଜ୍ୟର ବିଡ଼ମ୍ବନା ହେଲା ଶିଳ୍ପାୟନ ନାଁରେ ଯେଉଁ ସବୁ ଜମିର କିସମ ପରିବର୍ତ୍ତନ ହେଉଛି ସେଠାରେ ଶିଳ୍ପ ତ ଆଶାନୁରୂପ ପ୍ରତିଷ୍ଠା ହୋଇପାରୁନାହିଁ, ଅଧିକନ୍ତୁ ଚାଷ ଜମି ସଂକୁଚିତ ହୋଇଚାଲିଛି। ଏ ଦିଗରେ ନୀତି ନିର୍ଦ୍ଧାରକମାନେ ଯତ୍ନଶୀଳ ହେବା ଆବଶ୍ୟକ। ଏହାବାଦ୍ ବର୍ତ୍ତମାନର କୃଷି ବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ବଦଳରେ ବାତାନୁକୂଳିତ କୋଠରିରେ ବସି ନିଷ୍ପତ୍ତି ନେଉଥିବାରୁ ଚାଷ ଓ ଚାଷୀର ବାସ୍ତବ ସମସ୍ୟା ସମାଧାନ ହୋଇପାରୁନାହିଁ। ଏ ଦିଗରେ ମଧ୍ୟ ସରକାର ଦୃଷ୍ଟି ଦେବା ବିଧେୟ।

## ଅସ୍ତ୍ରବିରତି ଅନ୍ତରାଳେ...

**ଗୌରୀପ୍ରସାଦ ମହାପାତ୍ର**

ଆମେରିକା ମଧ୍ୟସ୍ଥତାରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧବିରତି ଘୋଷଣା ହେବା ପରେ ପ୍ରଶ୍ନ ଉଠିଛି - ଏହି ୧୨ଦିନିଆ ଯୁଦ୍ଧରେ କାହାକୁ କ'ଣ ମିଳିଲା? ଏହାର ଉତ୍ତର ଖୋଜିବା ବେଳେ କାଚମିସ୍ତ୍ରୀ ଭୂମିକାରେ ଅବତୀର୍ଣ୍ଣ ଖ୍ୟାତନାମା ବ୍ୟଙ୍ଗ କଳାକାର ଚାର୍ଲି ଚାପ୍‌ଲିନ୍‌ଙ୍କ ସେହି କ୍ଷୁଦ୍ର ଚଳଚ୍ଚିତ୍ରଟିକୁ ଥରେ ମନେ ପକାନ୍ତୁ, ଯେଉଁଥିରେ କିଛି ମୁଦ୍ରା ବିନିମୟରେ ଚାର୍ଲିଙ୍କ ଦ୍ୱାରା ପ୍ରଲୋଭିତ ଜଣେ ଚପଳମତି ଶିଶୁ ଲୁଚିଛପି କୌଣସି ଏକ ଘରର ଝରକାକୁ ଟେକା ମାରି ଭାଙ୍ଗିଦିଏ। କିଛିସମୟ ପରେ ଚାର୍ଲି ଝରକାକାଚର ପସରା ପିଠିରେ ଝୁଲାଇ ସେହି ବାଟ ଦେଇ କିଛି ନ ଜାଣିବା ପରି ଯା'ନ୍ତି। ଅଗତ୍ୟା ସେହି ଘର ମାଲିକ ଦୁଆର ପାଖରେ କାଚମିସ୍ତ୍ରୀଟିଏ ମିଳିଯାଇଥିବାରୁ ଆଶ୍ୱସ୍ତି ହୋଇ ମରାମତି କରିବାକୁ ଚାର୍ଲିଙ୍କୁ ପଚାରନ୍ତି ଏବଂ ଚାର୍ଲି ବିନା ଦ୍ୱିଧାରେ ତାଙ୍କ ପ୍ରଚ୍ଛଦ ପ୍ରାୟୋଜିତ କାମଟି ସାରି ପାଉଣା ନେଇଆସନ୍ତି। ଇରାନ୍-ଇସ୍ରାଏଲ୍ ଯୁଦ୍ଧ ପୃଷ୍ଠଭୂମିକୁ ଅନୁଶୀଳନ କଲେ ଚାର୍ଲି ଭୂମିକାରେ ଟ୍ରମ୍ପ ଏବଂ ସେହି ଚପଳମତି ଶିଶୁ ଭୂମିକାରେ ଇସ୍ରାଏଲ୍‌ର ଜୀବନ୍ତ ଅଭିନୟ ସ୍ପଷ୍ଟ ହେବ ଏବଂ ଉପରୋକ୍ତ ପ୍ରଶ୍ନର ଉତ୍ତର ମିଳିଯିବ।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଆଜିର ନୁହେଁ କିମ୍ବା ଲୁଚାଛପାରେ ଆଣବିକ ଅସ୍ତ୍ର ପରୀକ୍ଷଣ କରୁଥିବା ଏକମାତ୍ର ରାଷ୍ଟ୍ର ନୁହେଁ। କିନ୍ତୁ ହଠାତ୍ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ବୈଠକ ଆହୂତ ହୋଇ ଇରାନ୍ ବିରୋଧରେ କଟକଣା ସଂକଳ୍ପ ପାରିତ ହେବା, ତତ୍କାଳ ଇସ୍ରାଏଲ୍ ଆଗତକୁହା ଭାବେ ଇରାନ୍ ଉପରେ ଆକ୍ରମଣ କରିବା, ଇସ୍ରାଏଲ୍‌ର ସହାୟତା ପାଇଁ ଆମେରିକା ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇବା, ପୁଣି ଯୁଦ୍ଧବିରତି ପାଇଁ ଉଭୟ ରାଷ୍ଟ୍ରକୁ ରାଜି କରାଇବା ଏବଂ ଆଶ୍ଚର୍ଯ୍ୟଜନକ ଭାବେ ଇରାନ୍ ଉପରେ ଆକ୍ରମଣ ପାଇଁ ଇସ୍ରାଏଲ୍ ଉପରେ ଆମେରିକା ଅସନ୍ତୋଷ ପ୍ରକାଶ କରିବା ଆଦି ଘଟଣାକ୍ରମ ଆଦୌ କାକତାଳିକ ହୋଇ ନ ପାରେ। ତେଣୁ ସେହି ୧୨ଦିନିଆ ଯୁଦ୍ଧର ପ୍ରାୟୋଜକ, ନିର୍ଦ୍ଦେଶକ, ଚିତ୍ରନାଟ୍ୟ ଲେଖକ କିଏ ତାହା ପରଦାରେ ଉଲ୍ଲେଖ ନଥିଲେ ମଧ୍ୟ ଦର୍ଶକମାନେ ବୁଝିବାରେ ଦ୍ୱିଧାଗ୍ରସ୍ତ ହୋଇନାହାନ୍ତି।

ବସ୍ତୁତଃ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଭିଏତ୍‌ନାମରୁ ଆରମ୍ଭ କରି ଇରାକ୍ ଓ ଆଫ୍‌ଗାନିସ୍ତାନ ବିରୋଧରେ ପ୍ରତ୍ୟକ୍ଷ ଯୁଦ୍ଧ ହେଉ କିମ୍ବା ଦକ୍ଷିଣକୋରିଆ-ଉତ୍ତରକୋରିଆ, ଚୀନ୍-ଜାପାନ, ଇରାନ୍-ଇରାକ୍, ଇରାକ୍-କୁଏତ, ଚୀନ୍-ତାଇୱାନ୍, ଇସ୍ରାଏଲ୍-ପାଲେଷ୍ଟାଇନ୍ ଓ ସମ୍ପ୍ରତି ଇସ୍ରାଏଲ୍-ଇରାନ୍ ବିବାଦ ଓ ଉତ୍ତେଜନାର ପୃଷ୍ଠଭୂମିରେ ଆମେରିକାର ଭୂମିକାକୁ ତର୍ଜମା କଲେ ସେହି ସମରବିଳାସୀ ରାଷ୍ଟ୍ରର ଚାର୍ଲି ଅଭିନୀତ ଉପରୋକ୍ତ କାଚମିସ୍ତ୍ରୀ ସୁଲଭ ଚରିତ୍ରଟି ସାମ୍ନାକୁ ଆସିବ ଏବଂ ପାଉଣା ସ୍ୱରୂପ ଆମେରିକାର ସର୍ବାଧିକ ଚାରିଜଣ ରାଷ୍ଟ୍ରମୁଖ୍ୟ ନୋବେଲ୍ ଶାନ୍ତି ପୁରସ୍କାରରେ ସମ୍ମାନିତ ହୋଇଥିବା ମଧ୍ୟ ମନେ ପଡ଼ିବ। ଆମେରିକାର ଚାର୍ଲି ଅଭିନୀତ ଚଳଚ୍ଚିତ୍ରରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଆଉ ଏକ ଦୃଶ୍ୟପଟ ମାତ୍ର। ଏବେ ଇସ୍ରାଏଲ୍ ଯେଉଁ ଚପଳମତି ଶିଶୁ ସୁଲଭ ଭୂମିକାରେ ଅବତୀର୍ଣ୍ଣ ହୋଇଛି ସେହି ଭୂମିକାରେ ପୂର୍ବରୁ ଇରାକ୍ ବିରୋଧରେ କୁଏତ୍ ଏବଂ ଭାରତ ବିରୋଧରେ ପାକିସ୍ତାନ, ରୁଷ୍ ବିରୋଧରେ ୟୁକ୍ରେନ୍ ଅଭିନୟ କରିସାରିଛନ୍ତି। ସେହି ଧାରାବାହିକରେ ଡୋନାଲ୍ଡ ଟ୍ରମ୍ପ ନାମରେ ଏବେ ଜଣେ ନୂଆ କଳାକାରଙ୍କର କେବଳ ଯାହା ଆବିର୍ଭାବ ଘଟିଛି।

ଲକ୍ଷ୍ୟ କରିବାର କଥା ଶୀତଳଯୁଦ୍ଧ ପରବର୍ତ୍ତୀ ସମୟରୁ ଆମେରିକାର ପ୍ରତ୍ୟକ୍ଷ ଓ ପରୋକ୍ଷ ନେତୃତ୍ୱରେ ବିଶ୍ୱରେ ଯେତେସବୁ ଯୁଦ୍ଧ ସଂଗଠିତ ହୋଇଛି ତାହାର ମୁଖ୍ୟ କ୍ଷେତ୍ର ବା ମଞ୍ଚ ରହିଛି ପଶ୍ଚିମ-ଏସିଆ। ପଶ୍ଚିମ-ଏସିଆ ଓ ଉପସାଗରୀୟ ଅଞ୍ଚଳର ପ୍ରଚୁର ତୈଳ ଓ ପ୍ରାକୃତିକ ବାଷ୍ପର ଉତ୍ସ ଉପରେ ଆଧିପତ୍ୟ ବିସ୍ତାର କରିବା ଆମେରିକାର ଅନ୍ୟତମ ଆଭିମୁଖ୍ୟ ହୋଇପାରେ; କିନ୍ତୁ ତାହା ହିଁ ଏକମାତ୍ର ଓ ମୂଳଲକ୍ଷ୍ୟ ନୁହେଁ। ଏହାପଛରେ ଲୁକ୍କାୟିତ କିଛି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି, ଯାହା ଆମେରିକାର ସେହି ଚାର୍ଲି ଅଭିନୀତ କାଚମିସ୍ତ୍ରୀ ଚରିତ୍ରକୁ ଅଧିକ ଜୀବନ୍ତ କରିଛି।

କଂଗ୍ରେସନାଲ୍ ରିସର୍ଚ୍ଚ ସର୍ଭିସ୍(ସିଆରଏସ୍) ନାମକ ଏକ ସଂସ୍ଥାର ରିପୋର୍ଟ ଅନୁଯାୟୀ ଶୀତଳ ଯୁଦ୍ଧ ସମୟରେ ଆମେରିକାର ପ୍ରତିରକ୍ଷା ବିଭାଗ ଗୁପ୍ତରେ ୫୧ଟି ଦେଶର ୧୨୮ଟି ସ୍ଥାନରେ ସାମରିକ କେନ୍ଦ୍ରମାନ ସ୍ଥାପନା କରିଛି, ଯେଉଁଥିରୁ ସର୍ବାଧିକ ରହିଛି ମଧ୍ୟପ୍ରାଚ୍ୟ ଓ ପଶ୍ଚିମ ଏସିଆରେ। ସେଥିମଧ୍ୟରୁ ଏବେ କେତେକ କେବଳ ରକ୍ଷଣାବେକ୍ଷଣରେ ସୀମିତ ରହିଥିବା ବେଳେ ଆଉ କେତେକ ସକ୍ରିୟ ରହିଛି। ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ ଦ୍ୱାରା ପରିଚାଳିତ ସେହିସବୁ ଆମେରିକୀୟ ସାମରିକ ଘାଟିର ରକ୍ଷଣାବେକ୍ଷଣ ବାବଦରେ ସମ୍ପୃକ୍ତ ରାଷ୍ଟ୍ର ଆମେରିକାଠାରୁ ମୋଟା ଅଙ୍କର ଆର୍ଥିକ ସହାୟତା ମଧ୍ୟ ପାଉଛନ୍ତି। କାଜାକସ୍ତାନରୁ ଇଜିପ୍ଟ ମଧ୍ୟରେ ୧୧ଟି ସେହିପରି ଆମେରିକୀୟ ସାମରିକ ଘାଟି ପ୍ରତ୍ୟକ୍ଷ ଓ ସକ୍ରିୟ ଭାବେ କୃତ୍ରିମ ବୁଦ୍ଧିମତ୍ତା ଜ୍ଞାନକୌଶଳରେ ପରିଚାଳିତ ହେଉଛି। ସବୁଠାରୁ ବଡ଼ ଘାଟି ରହିଛି କାତାରାରେ। ତେଣୁ ଇରାନ୍‌ର କାତାର ଆକ୍ରମଣ ପରେ ଆମେରିକା ବାଧ ହୋଇ ଇସ୍ରାଏଲ୍-ଇରାନ୍ ଯୁଦ୍ଧବିରତିରେ ମଧ୍ୟସ୍ଥତା କରିବାକୁ ବିବଶ ହୋଇପଡ଼ିଲା ଏବଂ ଇରାନ୍ ରାଷ୍ଟ୍ର ମୁଖ୍ୟ ଆୟାତୋଲ୍ଲା ଖେମିନି ଯୁଦ୍ଧର ବିଜୟୋତ୍ସବ ପାଳିଲେ।

ସିଆରଏସ୍‌ର ରିପୋର୍ଟ ଅନୁଯାୟୀ କାତାର ସ୍ଥିତ ଆଣବିକ ପରୀକ୍ଷଣ କେନ୍ଦ୍ରରେ ଆମେରିକା ପ୍ରାୟ ୧୦ ହଜାର ଆମେରିକୀୟ ସୈନିକ ଓ ଅଧିକାରୀଙ୍କୁ ମୁତୟନ କରିଛି ଏବଂ ରକ୍ଷଣାବେକ୍ଷଣ ବାବଦରେ କାତାରକୁ ୨୦୦୩ ମସିହାରୁ ବାର୍ଷିକ ୮୦୦ କୋଟି ଡଲାର ଲେଖାଏଁ ଆର୍ଥିକ ସହାୟତା ଦେଇ ଆସୁଛି। ସେହିପରି ଲୋହିତ ସାଗର, ଆରବ ସାଗର, ଭାରତ ମହାସାଗରର କେତେକ ଅଂଶ, ମଧ୍ୟପ୍ରାଚ୍ୟ-ପାରସ୍ୟ ଉପରେ ଦୃଷ୍ଟି ରଖିବା ପାଇଁ ଆମେରିକା ୧୯୪୮ ମସିହାରୁ ବାହାରିନ୍‌ରେ ସାମରିକ ଘାଟି ପ୍ରତିଷ୍ଠା କରି ୯ ହଜାରରୁ ଊର୍ଦ୍ଧ୍ୱ ଆମେରିକୀୟ ସୈନିକ ଓ ସେନାଧିକାରୀଙ୍କୁ ସେଠାରେ ନିଯୁକ୍ତ କରିଛି। ଏହାଛଡ଼ା ଏବେ କୁଏତ୍, ସଂଯୁକ୍ତ ଆରବ ଏମିରଟସ, ଇରାକ୍, ସାଉଦୀ ଆରବ, ଇଜିପ୍ଟ, ସିରିଆ, ଜୋର୍ଡାନ୍, ଇସ୍ରାଏଲ୍, ୟେମେନ୍ ଆଦି ରାଷ୍ଟ୍ରର ଆମେରିକାର ଗୁପ୍ତ ସାମରିକ ଘାଟିମାନ ସକ୍ରିୟ ଅଛି। ତେଣୁ ଇରାନ୍ ପରମାଣୁ ଅସ୍ତ୍ରସମ୍ପନ୍ନ ହୋଇଗଲେ ପଶ୍ଚିମ ଏସିଆରେ କାର୍ଯ୍ୟକ୍ଷମ ଆମେରିକୀୟ ପରମାଣୁ କାର୍ଯ୍ୟକ୍ରମ ପ୍ରତି ଅଧିକ ବିପଦ ରହିଥିବା ଆମେରିକା ଆଶଙ୍କା କରୁଛି। ବୋଧହୁଏ ଏହି କାରଣରୁ ୩୫ ସଦସ୍ୟ ବିଶିଷ୍ଟ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ମଣ୍ଡଳିର ସଦ୍ୟତମ ଅନୁଷ୍ଠିତ ବୈଠକରେ ଇରାନ୍ ବିରୋଧରେ ଆସିଥିବା କଟକଣା ସଂକଳ୍ପକୁ ରୁଷିଆ, ଚୀନ୍ ଓ ବୁର୍କିନା ଫାସୋକୁ ବାଦ୍ ଦେଇ ବାକି ସମସ୍ତେ ସମର୍ଥନ କରିଥିଲେ। ଇସ୍‌ଲାମିକ୍ ବହୁଳ ଅଞ୍ଚଳରେ ଇରାନ୍‌କୁ ସମର୍ଥନ ନ ମିଳିବା ମଧ୍ୟପ୍ରାଚ୍ୟରେ ଯେଉଁ ନୂଆ ଭୂରାଜନୈତିକ ସମୀକରଣର ସଂକେତ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ତା'ପଛରେ ଯେ ଆମେରିକାର ଆଣବିକ କାର୍ଯ୍ୟକ୍ରମର ସୁରକ୍ଷା ଲକ୍ଷ୍ୟ ରହିଛି ତାହା ସିଆରଏସ୍‌ର ରିପୋର୍ଟରୁ କେତେକାଂଶରେ ପ୍ରମାଣିତ ହେଉଛି।

ନିକଟରେ ଚୀନ୍ ସାଟେଲାଇଟ୍ 'ମିଜାଜ୍ ଭିଜନ୍'ର ଫଟୋଚିତ୍ରକୁ ଉଦ୍ଧାର କରି ଆଉ ଏକ ଚମକ୍‌ପ୍ରଦ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ ଆମେରିକାର କାଚମିସ୍ତ୍ରୀ ଧାରାବାହିକରେ ପାକିସ୍ତାନର ଚପଳମତି ଶିଶୁ ଚରିତ୍ର ଆହୁରି ସ୍ପଷ୍ଟ ହେବା ସହିତ ଭାରତ-ପାକିସ୍ତାନ ସଦ୍ୟତମ ଅସ୍ତ୍ରବିରତି ଅନ୍ତରାଳର କିଛି ସାଂଘାତିକ ତଥ୍ୟ ପ୍ରଘଟ ହୋଇଛି। ଉକ୍ତ ତଥ୍ୟ ଆଧାରରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଆଲେଖ୍ୟର ନିଷ୍କର୍ଷକୁ ଯଦି ବିଶ୍ୱାସକୁ ନିଆଯାଏ ତେବେ 'ଅପରେସନ୍ ସିନ୍ଦୂର'ରେ ଭାରତର ବ୍ରହ୍ମୋସ୍ କ୍ଷେପଣାସ୍ତ୍ରଗୁଡ଼ିକ ପାକିସ୍ତାନର ନୁରଖାନ୍, ମୁସାଫ୍ ଏୟାରବେସ୍ ଓ କିରାନା ହିଲ୍‌ସ୍‌କୁ କ୍ଷତବିକ୍ଷତ କରିବା ପରେ ଯୁଦ୍ଧବିରତି ପାଇଁ ଡୋନାଲ୍ଡ ଟ୍ରମ୍ପ ଅତିଶୟ ଆଗ୍ରହ ପ୍ରକାଶ କରିଥିଲେ। ବାସ୍ତବରେ ସେହି ଆଣବିକ ଘାଟିଗୁଡ଼ିକରେ ଆମେରିକା ପ୍ରାୟୋଜିତ କାର୍ଯ୍ୟକ୍ରମ ଜାରି ରହିଛି। ତେଣୁ ସେଠାରେ ତେଜସ୍କ୍ରିୟ ରଶ୍ମି ବିକିରଣର ସୂଚନା ମିଳିବା ପରେ ଆମେରିକାର ଆଣବିକ ବିଶେଷଜ୍ଞ ଦଳ ତତ୍କାଳ ସ୍ଥିତି ପରୀକ୍ଷା କରିବାକୁ ପହଞ୍ଚିଥିଲେ ଏବଂ ଇଜିପ୍ଟରୁ ବେରିୟମ ବୋଝେଇ ଟ୍ରକମାନ ପାକିସ୍ତାନକୁ ଆସୁଥିବାର ଦେଖାଯାଇଥିଲା। ତତ୍କାଳୀନ ସୋଭିଏତ୍ ରୁଷର ସାମରିକ ଘାଟିଗୁଡ଼ିକୁ ଲକ୍ଷ୍ୟଭେଦ କରିବା ପାଇଁ ପାକିସ୍ତାନରେ ଆମେରିକା ପ୍ରାୟୋଜିତ ଆଣବିକ କାର୍ଯ୍ୟକ୍ରମ ଏକ ଦୀର୍ଘମିଆଦୀ ଯୋଜନା। ଏହିକାରଣରୁ ପାକିସ୍ତାନ ଆମେରିକାର ଗେହ୍ଲା ପୁଅ ହୋଇ ଏଫ୍‌୧୬ ଯୁଦ୍ଧବିମାନ ହାସଲ କରିଛି ଏବଂ ଆତଙ୍କବାଦୀ ରପ୍ତାନିକାରୀ ରାଷ୍ଟ୍ର ଭାବେ କୁଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ଆତଙ୍କବାଦୀ ଦମନ ନାମରେ ଆମେରିକା ସମେତ ଆଇଏମ୍‌ଏଫ୍ ଓ ବିଶ୍ୱବ୍ୟାଙ୍କରୁ ଅକୁଣ୍ଠ ଆର୍ଥିକ ସହାୟତା ହାତେଇ ଆସୁଛି।

ପୁଣି ଥରେ ଚାର୍ଲିଙ୍କ ଉପରୋକ୍ତ ଚଳଚ୍ଚିତ୍ରର କାହାଣୀକୁ ଫେରିବା। ଦିନେ ଶିଶୁଟି ଚାର୍ଲିଙ୍କ ଆୟରେ ତା'ର ଭୂମିକା ବୁଝିପାରି ଅଧିକ ପାଉଣା ଦାବି କରେ ଏବଂ ଚାର୍ଲିଙ୍କଠାରୁ ନାସ୍ତିବାଣୀ ଶୁଣି ପୁଲିସ୍ ଆଗରେ ଫେରାଦ ହୁଏ। ଏହାପରେ ଚାର୍ଲିଙ୍କ ସ୍ଥିତି କ'ଣ ହୋଇଥିବ ତାହା ଉଲ୍ଲେଖ ଅନାବଶ୍ୟକ। ଏଠାରେ କିନ୍ତୁ ବିଡ଼ମ୍ବନା ହେଲା ଚାର୍ଲି ଭୂମିକାରେ ଅଭିନୟ କରୁଥିବା ଆମେରିକା ହିଁ ବିଶ୍ୱରେ ପୁଲିସ୍ ଓ ଅଦାଲତ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ତେଣୁ ଆଗକୁ ମଧ୍ୟ ଏଭଳି ଅନେକ ଭଦ୍ରଲୋକଙ୍କ ଘରର କାଚଝରକା ଭାଙ୍ଗିବାର ଧାରା ଜାରି ରହିଥିବ ଏବଂ ଆମେରିକା ସେଗୁଡ଼ିକୁ ମରାମତି କରିବାର ଶ୍ରେୟ ସହିତ ପାଉଣା ଅସୁଲ କରିଚାଲିଥିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଲୋକସଂସ୍କୃତିର ବାର୍ତ୍ତାବହ

**ଡ ଚନ୍ଦ୍ରକଳା ନାୟକ**

ସଂସ୍କୃତି ଏକ ପ୍ରବହମାନ ଧାରା। ସଂସ୍କୃତି ହିଁ ବ୍ୟକ୍ତି ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ଏହା ତ୍ୟାଗ ଓ ସଂଯମର ବିଭୂତି। ଲୋକସଂସ୍କୃତିର ପରିସର ଅତ୍ୟନ୍ତ ବ୍ୟାପକ। ଏହାରି ଭିତରେ ରହିଛି ଲୋକନୃତ୍ୟ, ଲୋକନାଟକ, ଲୋକକଳା, ଲୋକଗୀତ, ଲୋକକଥା, ଲୋକସାହିତ୍ୟ ପରି ଅନେକ ବିଭାଗ। ତନ୍ମଧ୍ୟରୁ 'ଦାସକାଠି' ଅନ୍ୟତମ।

ଦାସକାଠିରେ କଳାକାର ମାତ୍ର ଦୁଇଜଣ। ଜଣେ ପାଳିଆ ଓ ଅନ୍ୟଜଣେ ଗାହାଣ। ଶ୍ରୋତା ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂକେତିକ ଚରିତ୍ରଗତ ଭୂମିକାରେ ସାମୟିକ ଭାବେ ଏହି ଦୁଇ ଜଣ ଅବତୀର୍ଣ୍ଣ ହୁଅନ୍ତି। ଏମାନଙ୍କ ବାଦ୍ୟ ଉପକରଣ ମଧ୍ୟ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରେ। ଗାୟକ ସାଧାରଣତଃ ସଭ୍ୟ, ଶିକ୍ଷିତ ଓ ସାହିତ୍ୟ ବିଶାରଦ ହୋଇଥା'ନ୍ତି। ବିଶେଷତଃ ଏଥିରେ ଧାର୍ମିକ ଆବେଦନ ରହିଥିବାରୁ ସମାଜର ସମସ୍ତ ବର୍ଗର ବ୍ୟକ୍ତି ଏହାକୁ ଉତ୍ସାହର ସହ ଆୟୋଜନ କରିଥା'ନ୍ତି। ଲୋକନୃତ୍ୟ ପରମ୍ପରାରେ ଏକମାତ୍ର ଦାସକାଠି ନୃତ୍ୟ ବିଦଗ୍ଧ ଶିକ୍ଷିତ ଓ ଅଶିକ୍ଷିତ ବର୍ଗଙ୍କୁ ବହୁ ଭାବରେ ପ୍ରଭାବିତ କରିଥାଏ।

ଦାସକାଠି ଲୋକଚିତ୍ତରେ ପୌରାଣିକ ଭାବଧାରା ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଛାନ୍ଦ, ଚୌତିଶା ଆଦି ପାଇଁ ଆଗ୍ରହ ସୃଷ୍ଟି କରାଇ ଥାଏ। ଏହାର ପରିବେଷଣ କୌଶଳ ଏବଂ ଶୈଳୀ ମନୋମୁଗ୍ଧକର, ସରସ, ସୁନ୍ଦର ଓ ଲାଳିତ୍ୟପୂର୍ଣ୍ଣ। ଦାସକାଠିରେ ପାଳିଆ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ତା'ର ଉପସ୍ଥିତ ବୁଦ୍ଧିବଳରେ ନାନା ପ୍ରକାର ହାସ୍ୟରସ ସୃଷ୍ଟି ହୁଏ। ଧରାବନ୍ଧା କୌତୁକପୂର୍ଣ୍ଣ କାହାଣୀ ସ୍ୱତନ୍ତ୍ର ରୀତିରେ ପରିବେଷଣ କରୁଥିବା କାରଣରୁ ଅନ୍ୟାନ୍ୟ ଲୋକନୃତ୍ୟ ଅପେକ୍ଷା ସମାଜରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଦାସକାଠି ମୁଖ୍ୟତଃ ଗଞ୍ଜାମ ଜିଲ୍ଲାରୁ ଜନ୍ମ ହୋଇ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛି। ଲୋକମୁଖରେ ଶୁଣାଯାଏ, ବୈଷ୍ଣବ ଧର୍ମର ସମୃଦ୍ଧି କାଳରେ ହିଁ ଏହା ଆତ୍ମପ୍ରକାଶିତ। କୃଷ୍ଣ ଭକ୍ତି ପରମ୍ପରା ଅପେକ୍ଷା ରାମ ଉପାସନା ହେଉଛି ପ୍ରାଚୀନ। ସେଥିପାଇଁ କୁହାଯାଏ- ଏହା ରାମଲୀଳାର ପ୍ରଚାର ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିଲା। ସର୍ବୋପରି ରାମାୟଣର କାର୍ଯ୍ୟାବଳୀ ଓ ପୃଷ୍ଠଭୂମି ଦାସକାଠିରେ ପ୍ରତିଫଳିତ। ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଅଭିନ୍ନ ଯୋଡ଼ି ଏମାନଙ୍କ ଆଦର୍ଶ। ରାମଲୀଳାର ଗାୟକଙ୍କ ଦ୍ୱାରା ଏମାନେ ପ୍ରଭାବିତ।

ଦକ୍ଷିଣ ଓଡ଼ିଶାର 'ବାସିରି' ସଂପ୍ରଦାୟ ଦ୍ୱାରା ଏହା ସୃଷ୍ଟ। ଗାୟକମାନଙ୍କ ଦେହରେ ଜରିଲଗା ପୋଷାକ, ମୁଣ୍ଡରେ ପଗଡ଼ି, ହାତରେ ବଳାଖଡ଼ୁ, କାନରେ ଗୋଖରା ଶୋଭା ପାଇଥାଏ। କଳାକାରମାନେ ଧୋତୀକୁ କୁଞ୍ଚ ପକାଇ କଳାକୋର୍ଟ ପରିଧାନ କରନ୍ତି ଏବଂ ବେକରୁ ପାଦ ପର୍ଯ୍ୟନ୍ତ ସରୁ ଓଢ଼ଣୀ, ଅଣ୍ଟା ପାଟିଆ, କପାଳରେ ବୈଷ୍ଣବ ଧର୍ମୀ ତିଳକ, କାନରେ ନୋଳି, ମସ୍ତକରେ ପଗଡ଼ି ଧାରଣ କରନ୍ତି। ଗାୟକ ଓ ପାଳିଆ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିଥା'ନ୍ତି।

କାଠି ସଙ୍ଗୀତ ଏକ ସଂପୂର୍ଣ୍ଣ ନୂଆ ରୂପ ନେଇ ଦାସକାଠି ହୋଇଛି। ଗାୟକ ଓ ପାଳିଆ ସାଧାରଣତଃ ରାମ ଉପାସକ। ଏଥିରେ ପାଳିଆ ମଝିରେ ମଝିରେ 'ରାମ ଯେ, ହରିରାମ ଯେ, ନବୀନ ସୁନ୍ଦର ଘନଶ୍ୟାମ ଯେ' ଘୋଷା ପଦଟିଏ ବାରମ୍ବାର ଉଚ୍ଚାରଣ କରିଥା'ନ୍ତି। ଭାରତୀୟ ସଙ୍ଗୀତ ଶାସ୍ତ୍ର ଅନୁଯାୟୀ 'ଆନଦ୍ଧ' ବାଦ୍ୟଯନ୍ତ୍ର ମଧ୍ୟରେ ଦାସକାଠି ଅନ୍ତର୍ଭୁକ୍ତ। ଏହି ବାଦ୍ୟଯନ୍ତ୍ର ଦୁଇପ୍ରକାରର ବ୍ୟବହୃତ ହୁଏ। ଯଥା ରାମତାଳ ଓ ଲକ୍ଷ୍ମଣ ତାଳ। ଗାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟ ରାମତାଳ ଏବଂ ଚାରିଫାଳିଆ କାଠ, ଯାହା ପାଳିଆ ବ୍ୟବହାର କରିଥାଏ, ତାହା ଲକ୍ଷ୍ମଣତାଳ। ସାଧାରଣତଃ ଏହା ଶିଶୁ କାଠରୁ ପ୍ରସ୍ତୁତ।। ଏହି ବାଦ୍ୟ ବିଶ୍ୱକର୍ମାଙ୍କ ପ୍ରସ୍ତୁତ ପୌରାଣିକ ଯୁଗରୁ ପରମ୍ପରାକ୍ରମେ ଆସିଛି ବୋଲି କୁହାଯାଏ।

ଦାସକାଠିର କଳାକାର ଗ୍ରାମରୁ ଗ୍ରାମ ଓ ସହରାଦିରେ ପୁରାଣର ସଂଗୃହୀତ ଓ କାଳ୍ପନିକ ବିଷୟବସ୍ତୁ ପରିବେଷଣ କରିଥା'ନ୍ତି। ଯେପରି ଚନ୍ଦ୍ରାବତୀ ହରଣ, ନିଳାଦ୍ରୀ ହରଣ, କାମକଳା ହରଣ, ସୁଲୋଚନା ପରିଣୟ, ଚିତ୍ରସେନ ହରଣ, ସୁଭଦ୍ରା ହରଣ, କୀଚକ ବଧ, କର୍ଣ୍ଣ ବଧ, ଅଭିମନ୍ୟୁ ବଧ ପ୍ରଭୃତି ଏହାର ବହୁ ଜନାଦୃତ ଆଲୋଚିତ ବିଷୟ। ଦାସକାଠିର କେତେକ ବିଷୟ ପାଳିଆ ପରିବେଷଣ କରେ, ଯାହାର ସମ୍ପର୍କ ମୂଳ ବିଷୟ ସହ ନଥାଏ। କିନ୍ତୁ ଦର୍ଶକର ମନୋରଞ୍ଜନ ହୋଇଥାଏ ଏବଂ କେତେକ ସାମାଜିକ ଶିକ୍ଷା ମଧ୍ୟ ମିଳିଥାଏ। ଯେପରି ଗାୟକ ଆଗରେ ବୋଲେ - 'ସମ୍ମୁଖ ସମର ଅଟେ ଧର୍ମଯୁଦ୍ଧ ନୀତି, ପୃଷ୍ଠଦେଶୁ ଯୁଦ୍ଧ କେବେ ନକରଇ କ୍ଷତ୍ରୀ'। ପାଳିଆ ପଛରେ ବୋଲେ - 'ମଧୁପରିଡ଼ାଙ୍କ ଝିଅ ଚତୁର ସୁନ୍ଦରୀ, ଆସିଛି କଟକରୁ ଏମ.ଏ ପାସ କରି'। ଅଭିମନ୍ୟୁ ବଧ ବିଷୟ ପରିବେଷଣ କଲାବେଳେ ପାଳିଆ ଆଧୁନିକ ସମାଜର ଏକ ସାମାଜିକ ଚିତ୍ର ପରିବେଷଣ କରିଥାଏ।

ଦାସକାଠି ଅଭିନୟ ମୁକ୍ତମଞ୍ଚରେ ହୋଇଥାଏ। ଆବାହମାନ କାଳରୁ ଉତ୍ତର ରାମଚରିତର ଶେଷ ଅଙ୍କ ପାଠ କଲେ ମନେହୁଏ ଲବକୁଶ ଏହିପରି ମୁକ୍ତମଞ୍ଚରେ ରାମାୟଣର ନାଟ୍ୟ ରୂପ ପରିବେଷଣ କରିଥିଲେ। ଅଭିନୟ ସ୍ଥାନର ଚାରିପାର୍ଶ୍ୱରେ ଦର୍ଶକଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଏ। ଏହି ଅଭିନୟ କ୍ଷେତ୍ରକୁ ମଣ୍ଡଳ କୁହାଯାଏ। ସଙ୍ଗୀତ ନୃତ୍ୟ ଓ ଅଭିନୟର ଏକ ମିଶ୍ରିତ କଳା ହେଉଛି ଦାସକାଠି।

ଦାସକାଠି ଆମ ପରମ୍ପରାରେ ଏକ ଗୀତିମୟ ସାହିତ୍ୟିକ କହିଲେ ଭୁଲ ହେବ ନାହିଁ। ଦାସକାଠିର ଅନ୍ୟ ନାମ ହେଉଛି- ରାମତାଳି। କାହିଁ କେଉଁ ଶତାବ୍ଦୀରୁ ସୃଷ୍ଟି ହୋଇଥିବା ଏହି ବିଦଗ୍ଧ କଳାକୁ ଆମ ପରମ୍ପରାର ବାର୍ତ୍ତାବହ ଭାବରେ ଗ୍ରହଣ କରାଯାଇଛି। ଆମ ସାଂସ୍କୃତିକ ତଥା ସାହିତ୍ୟିକ ଶ୍ରୋତସ୍ୱିନୀକୁ ମୁଖରିତ କରି ଗଢ଼ି ତୋଳିବାରେ ଦାସକାଠି ଗୁରୁତ୍ୱପୂର୍ଣ୍ଣ ଭୂମିକା ଉଲ୍ଲେଖଯୋଗ୍ୟ। ଆଜିର ଅତ୍ୟାଧୁନିକ ବସ୍ତୁବାଦୀ ଯୁଗରେ ଏହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ।

ଚଣ୍ଡିଖୋଲ, ମୋ: ୯୪୩୭୯୫୭୬୧୭

## ଆମ ବୃକ୍ଷଲତା ଆମ ଜୀବନ

**ବୃଦ୍ଧଦାରକ**

**ସୌଭାଗ୍ୟସୁନ୍ଦର**

ବୃଦ୍ଧଦାରକ ହେଉଛି ଭାରତୀୟ ଉପମହାଦେଶର ଏକ ବହୁବର୍ଷୀୟ ବଳିଷ୍ଠ ଲତା। ପରେ ଏହାକୁ ହାୱାଇ, ଆଫ୍ରିକା ଓ କାରିବିଆନ ସମେତ ବିଶ୍ୱବ୍ୟାପୀ ଅନେକ ଅଞ୍ଚଳରେ ପ୍ରଚଳିତ କରାଯାଇଥିଲା। ଆକ୍ରମଣାତ୍ମକ ହେଲେ ମଧ୍ୟ ସୌନ୍ଦର୍ଯ୍ୟ ଏବଂ ଔଷଧୀୟ ମୂଲ୍ୟ ପାଇଁ ବୃଦ୍ଧଦାରକ ପ୍ରାୟତଃ ବହୁଳ ଆଦୃତ। ଅଷ୍ଟ୍ରେଲିଆରେ ବୃଦ୍ଧଦାରକକୁ ଏକ ଅନାବନା ଉଦ୍ଭିଦ ଭାବରେ ବିବେଚନା କରାଯାଏ ଏବଂ ଏହା କେପ୍ ୟର୍କ ଉପଦ୍ୱୀପ ପାଇଁ ଏକ ପ୍ରାଥମିକ ଅନାବନା ଉଦ୍ଭିଦ ତାଲିକାରେ ଅନ୍ତର୍ଭୁକ୍ତ ଅଛି।

ଦୃଢ଼କାଣ୍ଡ ବିଶିଷ୍ଟ ଏହି ଉଦ୍ଭିଦର ଡାଳ ବା ଶାଖା ରେଶମୀ ଧଳା ଆବରଣ ଦ୍ୱାରା ଆଚ୍ଛାଦିତ ହୋଇଥାଏ। ଗଛଟି ପ୍ରଥମ ୧/୨ବର୍ଷ ମଧ୍ୟରେ ଏକ ବୁଦା ଭାବରେ ବଢ଼ିଥାଏ ଏବଂ ୧୦ ମିଟର ଲମ୍ବ ପର୍ଯ୍ୟନ୍ତ ଲତାରେ ପରିଣତ ହୋଇ ଆଶ୍ରୟ ପାଇଁ ନିକଟବର୍ତ୍ତୀ ଯେକୌଣସି ବୃକ୍ଷ ବା ପଥର କିମ୍ବା କାନ୍ଥରେ ଗୁଡ଼େଇ ହୁଏ। ୮ ରୁ ୨୦ ସେମି ଲମ୍ବା ଏବଂ ୫ ରୁ ୧୫ ସେମି ଚଉଡ଼ା ପତ୍ରଗୁଡ଼ିକ ହାତୀ କାନ ଭଳି କିମ୍ବା ହୃତପିଣ୍ଡ ଆକାରର। ନିମ୍ନପୃଷ୍ଠ ଲୋମଯୁକ୍ତ ଓ ଧୂସର ଧଳା ଏବଂ ଉପଭାଗ ମସୃଣ। ଫନେଲ ଆକାରର ଫୁଲ ୩ ରୁ ୪ ସେମି ଲମ୍ବା ଏବଂ ଗୋଲାପୀ ଧଳା। ଫଳ (ବେରି) ଗୋଲାକାର, ୨ ସେମି ବ୍ୟାସବିଶିଷ୍ଟ, ଯେଉଁଥିରେ ୨ ରୁ ୪ ଟି ବିହନ ଥାଏ। ଭାରତରେ ଜୁଲାଇ-ଡିସେମ୍ବର ଏବଂ ମାର୍ଚ୍ଚ-ଏପ୍ରିଲରେ ଫୁଲ ଫୁଟେ। ଉଷ୍ଣମଣ୍ଡଳୀୟ ଏବଂ ଉପ-ଉଷ୍ଣମଣ୍ଡଳୀୟ ପରିସଂସ୍ଥାରେ ଖୋଲା ଜଙ୍ଗଲ, ଘନ ତୃଣଭୂମି, ରାସ୍ତା କଡ଼, ନଦୀ କୂଳ, ହ୍ରଦର ଧାର ଆଦି ସ୍ଥାନମାନଙ୍କରେ ଏହି ଉଦ୍ଭିଦ ଅଧିକ ଦେଖାଯାଏ।

**ପ୍ରକୃତି-ପରିବେଶ**

ଆୟୁର୍ବେଦିକ ଗ୍ରନ୍ଥଗୁଡ଼ିକ ସୂଚାଇ ଦିଏ ଯେ ବୃଦ୍ଧଦାରକରେ ଏପରି ଗୁଣ ଅଛି, ଯାହା ସ୍ମୃତି, ଏକାଗ୍ରତା ଏବଂ ସାମଗ୍ରିକ ଜ୍ଞାନାତ୍ମକ କାର୍ଯ୍ୟକୁ ଉନ୍ନତ କରେ। ଏହାକୁ ପ୍ରାୟତଃ ମାନସିକ ସୁସ୍ଥତା ଓ ମସ୍ତିଷ୍କ ଟନିକ୍ ଏବଂ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ଏହାର ପ୍ରଦାହ-ବିରୋଧୀ ଗୁଣ ଯୋଗୁଁ ସନ୍ଧି ଯନ୍ତ୍ରଣା ଦୂର କରିବାରେ ଏହାକୁ ଉପଯୋଗ କରାଯାଏ। ଦାଗ, ଏକଜିମା, କୁଣ୍ଡିଆ ଓ ଅନ୍ୟାନ୍ୟ ଚର୍ମରୋଗ, ପାଚନ ପ୍ରଣାଳୀର ସନ୍ତୁଳନ, ଅନ୍ତନଳୀ ସୁସ୍ଥତା, ଗନୋରିଆ, କ୍ରନିକ୍ ଅଲସର, ମଧୁମେହ, ରକ୍ତହୀନତା, ଭୋକହୀନତା, ଗଳାଘାତ, ଶ୍ୱାସରୋଗ, ଦୀର୍ଘକାଳୀନ ଅଲସର, ବାତରୋଗ, ସ୍ନାୟୁତନ୍ତ୍ରର ରୋଗ, ସ୍ଥୂଳତା, ସିଫିଲିସ୍, ଦୀର୍ଘକାଳୀନ କାଶ, ଥଣ୍ଡା, ଜ୍ୱର, ବାତରୋଗ, ହେମିପ୍ଲେଜିଆ ଓ ପତଳାଝାଡ଼ା ଆଦି ଚିକିତ୍ସାରେ ଏହା ଉପଯୋଗୀ। ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ ସମୟରେ ଆୟୁର୍ବେଦିକ ଔଷଧ ଭାବରେ ଏହାକୁ ଏଡ଼ାଇବାକୁ ସାଧାରଣତଃ ପରାମର୍ଶ ଦିଆଯାଏ। କାରଣ ଏହା କିଛି ବିପରୀତ ପ୍ରତିକ୍ରିୟା ପ୍ରଦର୍ଶନ କରିପାରେ। କିଛି କ୍ଷେତ୍ରରେ, ଏହା ବାନ୍ତି କିମ୍ବା ପତଳାଝାଡ଼ା ସହିତ ପାକସ୍ଥଳୀ ଅସ୍ୱସ୍ତିକର କାରଣ ହୋଇପାରେ।

ପ୍ରାଚୀନ କାଳରେ ସେନା 'ବୈଦ୍ୟରାଜ' ସର୍ବଦା ଏହି ବୃକ୍ଷର ବିଭିନ୍ନ ଅଂଶକୁ ପ୍ରାଥମିକ ଚିକିତ୍ସା ଭାବରେ ଯୁଦ୍ଧକ୍ଷେତ୍ରକୁ ନେଇ ଯାଉଥିଲେ। ଆଲେକଜାଣ୍ଡାର ମଧ୍ୟ ଯୁଦ୍ଧକ୍ଷେତ୍ରକୁ ଯିବା ବେଳେ ଏହି ପତ୍ର ଓ ଚେରମୂଳି ନେଇ ଯାଉଥିବା କୁହାଯାଏ। ବୃଦ୍ଧଦାରକରେ ବିଭିନ୍ନ ପ୍ରକାରର ଇମ୍ୟୁନୋମୋଡୁଲେଟ୍ରି, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ଏବଂ ଆଣ୍ଟିଫଙ୍ଗାଲ, ଲାଇସର୍ଗାମାଇଡ୍ସ, ଏର୍ଗୋଲାଇନ୍ ଆଲକାଲଏଡ୍ସ ଯେପରିକି ଏର୍ଜିନ୍ ଗୁଣ ସମେତ ଲାଇସର୍ଜିକ୍ ଏସିଡ୍, ମିଥାଇଲର୍ଗୋମେଟ୍ରିନ୍, ମେଥାଇସର୍ଗାଇଡ୍, ଲାଇସର୍ଜିଲାଲାନାଇନ୍, ଆର୍ଜିରୋସାଇଡ୍ ରହିଛି।

ବୃଦ୍ଧଦାରକ ବାଣିଜ୍ୟିକ ଭିତ୍ତିରେ ବହୁଳ ଭାବରେ ଚାଷ କରାଯାଏ ଏବଂ ଏହା ଏକ ଲୋକପ୍ରିୟ ଭାରତୀୟ ଔଷଧୀୟ ଉଦ୍ଭିଦ, ଯାହା ଦୀର୍ଘ ସମୟ ଧରି ପାରମ୍ପରିକ ଆୟୁର୍ବେଦିକ ଔଷଧରେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୋଇଆସୁଛି। ଏହାର ବ୍ୟାପକ ଔଷଧୀୟ ସମ୍ଭାବନା ହେତୁ ଏହାକୁ ସ୍ଥାନୀୟ ଚାଷୀମାନଙ୍କୁ ଆୟ ପ୍ରଦାନ କରିବା ଏବଂ ଏହାର ଔଷଧୀୟ ଗୁଣର ଆହୁରି ଅନୁସନ୍ଧାନ କରିବା ପାଇଁ ଭାରତରେ ଏହାର ବ୍ୟାପକ ପରିମାଣରେ ଚାଷ କରାଯିବା ଉଚିତ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଉସ୍ତପଲ୍ଲୀରେ ବ୍ୟାପୁଛି ଝାଡ଼ାବାନ୍ତି

ଦିଗପହଣ୍ଡି,୬।୭(ସମିସ): ଦିଗପହଣ୍ଡି ବ୍ଲକ୍ ସହଦେବ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଉସ୍ତପଲ୍ଲୀରେ ବ୍ୟାପୁଛି ଝାଡ଼ାବାନ୍ତି। ରବିବାର ଏଥିରେ ଆକ୍ରାନ୍ତ ହୋଇ ୯ ଜଣ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେଥିମଧ୍ୟରୁ ୨ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।





- ■ ୯ ଆକ୍ରାନ୍ତ; ୨ ଗୁରୁତର
- ■ ସ୍ଥିତି ପରଖିଲା ସ୍ୱାସ୍ଥ୍ୟ ବିଭାଗ
- ■ ୩ ଦିନ ତଳେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା

ଗତ କିଛି ଦିନ ଧରି ଦିଗପହଣ୍ଡି ସମେତ ଆଖପାଖ ଗ୍ରାମାଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଉସ୍ତପଲ୍ଲୀ ଗ୍ରାମର ଲୋକମାନେ ବର୍ଷାଜଳ ତଥା ଦୂଷିତ ପାଣି ବ୍ୟବହାର କରିବା ଫଳରେ ଝାଡ଼ାବାନ୍ତି ବ୍ୟାପୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଗ୍ରାମର କିଛି ପରିବାରର ସଦସ୍ୟମାନଙ୍କୁ ଝାଡ଼ାବାନ୍ତି ହୋଇଥିଲା। ସକାଳୁ ଆଶାକର୍ମୀ ଲିନୁ ସାହୁ ଗ୍ରାମରେ ପହଞ୍ଚି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଖବର ପାଇ ପ୍ରଥମେ ଗୋଟିଏ ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚି ୨ ଜଣଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଇଥିଲା। ପରେ ଆଉ ୨ଟି ଆମ୍ବୁଲାନ୍ସ ଗ୍ରାମକୁ ଯାଇଥିଲେ ମଧ୍ୟ ରାସ୍ତାରେ କାଦୁଅ ଯୋଗୁ ଗ୍ରାମଠାରୁ ପ୍ରାୟ ୨୦୦ ମିଟର ଦୂରରେ ରହିଯାଇଥିଲା। ତେବେ ଗ୍ରାମବାସୀ ଏବଂ ସମାଜସେବୀ ମନୋଜ କୁମାର ସାହୁଙ୍କ ସହାୟତାରେ ଅନ୍ୟ ଆକ୍ରାନ୍ତଙ୍କୁ ଦୋଲାରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ସେଠାରୁ ଦିଗପହଣ୍ଡି ମେଡିକାଲ ଅଣାଯିବା ପରେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ଗୌରୀ ଶବର, କାଳୁ ଶବର, ସୁମିତ୍ରା ଶବର, ସୁବାସ ଶବର, ରାଜେଶ ଶବର, ଶିବାନନ୍ଦ ଶବର, ଦମୟନ୍ତୀ ଶବର, ଅନୀତା ଶବର, ପ୍ରିୟଙ୍କା ଶବର, ଦମୟନ୍ତୀ ଶବର ରହିଛନ୍ତି। ଅନୀତା ଓ ଦମୟନ୍ତୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟମାନେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗତ ୩ ତାରିଖ ଦିନ ତଳେ ଦାସ ଶବର ନାମକ ବୃଦ୍ଧଙ୍କୁ ପ୍ରଥମେ ଝାଡ଼ାବାନ୍ତି ହୋଇଥିଲା। ପରିବାରଲୋକ ଭୀଷ୍ମଗିରି ଗ୍ରାମ ମେଡିକାଲ ନେଇ ଚିକିତ୍ସା କରି ଆଣିଥିଲେ। କିନ୍ତୁ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ଗ୍ରାମରେ ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ସ୍ଥିତି ତଦାରଖ କରିବା ସହ ପରୀକ୍ଷା ନିମନ୍ତେ ପାନୀୟଜଳ ନମୁନା ସଂଗ୍ରହ କରି ଫେରିଛନ୍ତି। ବ୍ଲକ ପାନୀୟ ଜଳ ବିଭାଗ କର୍ମଚାରୀ, ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଏବଂ ସରପଞ୍ଚ ପ୍ରତିନିଧି ଶ୍ୟାମ ନାୟକ, ସମିତିସଭ୍ୟ ପ୍ରତିନିଧି ସମୀର ବେହେରା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରାଇବା ସହ ଚିକିତ୍ସା କ୍ଷେତ୍ରରେ ସହଯୋଗ କରୁଛନ୍ତି।

■ ୧୦୮ ଆମ୍ବୁଲାନ୍ସ ଅଚଳ ଯୋଗୁ ଘାଟିରେ ଯୁବକଙ୍କ ମୃତ୍ୟୁ ଘଟଣା

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ଅପରାଧିକ ଅବହେଳା: ବିଜେଡି

ବ୍ରହ୍ମପୁର/ଖଲ୍ଲିକୋଟ,୬।୭(ସମିସ): ୧୦୮ ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ଚରମ ଅବ୍ୟବସ୍ଥା ଲାଗି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଇତପୁର ଗ୍ରାମର ଶଙ୍କର ମହାରଣାଙ୍କ ମୃତ୍ୟୁ ଘଟିଛି। ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ମୃତକଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେବା ସହ ଏହାକୁ ସରକାରଙ୍କ ଚରମ ଅପରାଧିକ ଅବହେଳା ବୋଲି କହିଛି।

ସୂଚନାଯୋଗ୍ୟ, ଗୁରୁବାର କ୍ରିକେଟ୍ ଖେଳିବା ବେଳେ ଛାତିରେ ବଲ୍ ବାଜିବାରୁ ଶଙ୍କର ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପରିବାରଲୋକେ ୧୦୮ ଆମ୍ବୁଲାନ୍ସକୁ କଲ୍ କରିଥିଲେ ମଧ୍ୟ ନ ଆସିବାରୁ ନିଜ ଉଦ୍ୟମରେ ବାଲୁଗାଁ ମେଡ଼ିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ନେବା ବେଳେ ବଡ଼ଘାଟିରେ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଅନ୍ୟ ଆମ୍ବୁଲାନ୍ସ ଓ ପୁଲିସକୁ ଫୋନ୍ କରି ସହାୟତା ମାଗିଥିଲେ ମଧ୍ୟ ମିଳିନଥିଲା। ଫଳରେ ମା' ଆଗରେ ଛଟପଟ ହୋଇ ପୁଅର ଜୀବନ ଚାଲିଯାଇଥିଲା। ୩ ଘଣ୍ଟା ପରେ ଆମ୍ବୁଲାନ୍ସ ପହଞ୍ଚିବା ପରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିବା ସହ ଯଦି ଶୀଘ୍ର ରୋଗୀଙ୍କୁ ମେଡ଼ିକାଲକୁ ଅଣାଯାଇଥାନ୍ତା, ତେବେ ଜୀବନ ବଞ୍ଚିଯାଇଥାନ୍ତା ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଏକ ଅମୂଲ୍ୟ ଜୀବନ ଚାଲିଗଲା ବୋଲି ରବିବାର ଆଇତପୁର ଗ୍ରାମରେ ମୃତ ଶଙ୍କରଙ୍କ ପରିବାର ଓ ଗ୍ରାମବାସୀ ବିଜେଡି ପ୍ରତିନିଧି ଦଳ ନିକଟରେ ଅଭିଯୋଗ କରିଥିଲେ।

- ■ ମୃତକଙ୍କ ପରିବାରକୁ ଭେଟିଲେ ପ୍ରତିନିଧିମଣ୍ଡଳୀ
- ■ ଆମ୍ବୁଲାନ୍ସ ପରିଚାଳନାରେ ସ୍ୱାସ୍ଥ୍ୟ ବିଭାଗର ଚରମ ଦାୟିତ୍ୱହୀନତା

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଖବର ପହଞ୍ଚିବାର ୨୦ ମିନିଟ୍ ମଧ୍ୟରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ରୋଗୀଙ୍କୁ ହସ୍ପିଟାଲ ନେଉଥିଲା। ହେଲେ ବିଜେପି ସରକାରରେ ଖବର ଦେବାର ୩ ଘଣ୍ଟା ପରେ ବି ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ। ଫଳରେ ଏକ ଅମୂଲ୍ୟ ଜୀବନ ହରାଇବାକୁ ପଡ଼ିଲା। ମୃତ ଶରୀରକୁ ଏମ୍‌କେସିଜି ମେଡ଼ିକାଲରୁ ନିଜ ଗ୍ରାମକୁ ନେବା ପାଇଁ ପରିବାରବର୍ଗ ସହାୟତା ମାଗିଥିଲେ ମଧ୍ୟ କେହି ଶୁଣିନଥିଲେ ଏବଂ ନିଜ ହାତରୁ ୫ ହଜାର ଟଙ୍କା ଖର୍ଚ୍ଚ କରି ପରିବାରଲୋକେ ମୃତଦେହ ଘରକୁ ନେଇଥିଲେ। ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଗତକାଲି ସୁଦ୍ଧା କୌଣସି ସରକାରୀ ଅଧିକାରୀ ପରିବାର ନିକଟରେ ପହଞ୍ଚିନଥିଲେ। ବିଜେଡି ପ୍ରତିନିଧିମଣ୍ଡଳୀ ଯିବାର ଖବର ପାଇ ଗତରାତି ୧୧ଟାରେ ସରକାର ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୃତ ଶଙ୍କରଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାର ତାଙ୍କ ଭାଇଙ୍କୁ ତୁରନ୍ତ ଏକ ସରକାରୀ ଚାକିରି ଦିଅନ୍ତୁ ବୋଲି ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀ ଦାବି କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଯାଇଥିବା ବିଜେଡି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିକ୍ରମ ପଣ୍ଡା, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ରଞ୍ଜିତା ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ସୁବାସ ମହାରଣା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୋମନାଥ ପଣ୍ଡା ଏବଂ ଏନ୍‌ଏସି ଅଧ୍ୟକ୍ଷ ରାମମୋହନ ପଣ୍ଡା, ଭବାନୀକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ରତ୍ନାକର ସାହୁ, ଦୟାନିଧି ସାହୁ, ସ୍ଥାନୀୟ ସରପଞ୍ଚ ଟ୍ୱିଙ୍କିଲ୍ ତରାଇ ପ୍ରମୁଖ ସାମିଲ ଥିଲେ।

# ଆସନ୍ତା ବର୍ଷକୁ ସୁନାବେଶର ନୂଆ ସେଟ୍

ପୁରୀ, ୬।୭(ସମିସ): ଆସନ୍ତା ବର୍ଷକୁ ମହାପ୍ରଭୁଙ୍କର ହେବ ସୁନାବେଶର ନୂଆ ସେଟ୍। ପବିତ୍ର ସୁନାବେଶ ଅବସରରେ ଏ ସଂପର୍କରେ ଘୋଷଣା କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଏନେଇ ପ୍ରାଥମିକସ୍ତରରେ ଆଲୋଚନା ହୋଇଛି। କିନ୍ତୁ ଏହାର ଦାୟିତ୍ୱ ମହାପ୍ରଭୁଙ୍କର। ତାଙ୍କର ଇଚ୍ଛା ଥିଲେ, କିଛି ଅସମ୍ଭବ ନୁହେଁ। ଦୀର୍ଘ ଦିନ ହେବ ସେବାୟତମାନଙ୍କର ଏହି ଦାବି ଏବଂ ଅନୁରୋଧ ରହିଛି। ଗତ ପରିଚାଳନା କମିଟି ସଦସ୍ୟମାନେ ବୈଠକରେ ଏହି ପ୍ରସଙ୍ଗ ବାରମ୍ବାର ଉତ୍‌ଥାପନ କରିଛନ୍ତି। ଯଦି ମହାପ୍ରଭୁଙ୍କ ଇଚ୍ଛା ଏବଂ ଆଶୀର୍ବାଦ ରହିବ, ତେବେ ନୂଆ ଅଳଙ୍କାର ତିଆରି ହେବ। ଏନେଇ ସରକାରୀସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି। ଠାକୁରଙ୍କ ଆଶୀର୍ବାଦ ରହିଲେ ଏହି ପ୍ରକ୍ରିୟା ଖୁବ୍‌ଶୀଘ୍ର ସମ୍ଭବ ହେବ। ସବୁ କିଛି ଠିକଠାକ୍ ରହିଲେ ଆସନ୍ତା ବର୍ଷ ମହାପ୍ରଭୁଙ୍କର ନୂଆ ଅଳଙ୍କାର ଦେଖିବାକୁ ମିଳିବ।

- ■ ରତ୍ନଭଣ୍ଡାର ୯୯ ପ୍ରତିଶତ କାମ ସରିଛି
- ■ ନୀଳାଦ୍ରି ବିଜେ ପରେ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର ହେବ

ବର୍ତ୍ତମାନ ସୁନାବେଶରେ ବ୍ୟବହୃତ ଅଳଙ୍କାର ଦୀର୍ଘ ବର୍ଷର। ଏହା ମଧ୍ୟ ପତଳା ହୋଇଆସିଲାଣି। ନୂଆ ଅଳଙ୍କାର ହେଲେ ପୁରୁଣା ଅଳଙ୍କାରକୁ ଦର୍ଶନ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପରିସରରେ କୌଣସି ଏକ ଜାଗାରେ ରଖିବାର ବ୍ୟବସ୍ଥା ହେବ ବୋଲି କହିଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ। ରତ୍ନଭଣ୍ଡାର ମରାମତି ସମ୍ପର୍କରେ ଆଇନମନ୍ତ୍ରୀ କହିଛନ୍ତି, ୯୯ ପ୍ରତିଶତ କାମ ଶେଷ ହୋଇଛି। ସମ୍ଭବତଃ ସୋମବାର ଏଏସ୍‌ଆଇ ଶ୍ରୀମନ୍ଦିର ପ୍ରଶାସନକୁ ରତ୍ନଭଣ୍ଡାର ହସ୍ତାନ୍ତର କରିବାର ଯୋଜନା ରହିଛି। ନୀଳାଦ୍ରି ବିଜେ ପରେ ମହାପ୍ରଭୁଙ୍କର ରତ୍ନ ଅଳଙ୍କାରକୁ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ପରବର୍ତ୍ତୀ ସମୟରେ ଗଠନ କରାଯାଇଥିବା ଉଚ୍ଚସ୍ତରୀୟ କମିଟି ଏବଂ ରିଜର୍ଭ ବ୍ୟାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଗଣତିମଣତି କରାଯିବ ବୋଲି କହିଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଏକ ଦେଶ...

ପ୍ରୟୋଗ କରିପାରିବେ, ସେଥିଲାଗି ଯଥେଷ୍ଟ ସେଫଗାର୍ଡ ରହିବା ଜରୁରୀ। ବିନା ଗାଇଡଲାଇନ୍ସରେ ଏଭଳି ନିଷ୍ପତ୍ତି ନେବାଲାଗି କମିସନଙ୍କୁ କ୍ଷମତା ମିଳିଲେ ସମଗ୍ର ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ସେ ଉଦବେଗ ଜଣାଇଛନ୍ତି। ଗତ ମାର୍ଚ୍ଚରେ ସଂସଦୀୟ କମିଟିରେ ହାଜର ହାଇ ଜଷ୍ଟିସ ଗୋଗଇ ମଧ୍ୟ ଏଭଳି ଉଦବେଜ ଜଣାଇଥିଲେ। ଅନ୍ୟତମ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ୟୁୟୁ ଲଳିତ ସଂସଦୀୟ କମିଟିକୁ କହିଥିଲେ 'ଏକ ଦେଶ, ଏକ ନିର୍ବାଚନ' ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯିବା ଉଚିତ।

ଜଷ୍ଟିସ ଚନ୍ଦ୍ରଚୁଡ଼ ଆହୁରି କହିଛନ୍ତି ଯେ ଏକ ସମୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହେଲେ ଆଞ୍ଚଳିକ ଓ କ୍ଷୁଦ୍ର ଦଳ କ୍ଷତିଗ୍ରସ୍ତ ହେବେ ବୋଲି ଯାହା କୁହାଯାଉଛି, ତାହା ସଂପୂର୍ଣ୍ଣ ରୂପେ ଭୁଲ ବୋଲି କୁହାଯାଇ ପାରିବ ନାହିଁ। ନିର୍ବାଚନ ପ୍ରଚାର ବେଳେ ଆର୍ଥିକ ସମ୍ବଳ ଦୃଷ୍ଟିରୁ ବଡ଼ ବଡ଼ ଜାତୀୟ ଦଳ ଅନ୍ୟମାନଙ୍କୁ ପଛରେ ପକାଇଦେବେ। ତେଣୁ ଆଞ୍ଚଳିକ ଦଳମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ବ୍ୟବସ୍ଥା ରହିବା ଜରୁରୀ। ସେ କହିଛନ୍ତି ଯେ ଲୋକପ୍ରତିନିଧି ଆଇନ ଓ ନିର୍ବାଚନ ଆଚରଣବିଧିରେ ନିର୍ବାଚନ ପ୍ରଚାର ବେଳେ ପ୍ରାର୍ଥୀମାନଙ୍କର ଖର୍ଚ୍ଚ ସୀମା ନିର୍ଦ୍ଧାରିତ କରାଯାଇଛି। କିନ୍ତୁ ରାଜନୈତିକ ଦଳଙ୍କ ପାଇଁ ଏଭଳି ସୀମା ଧାର୍ଯ୍ୟ କରାଯାଇନାହିଁ। 'ଏକ ଦେଶ, ଏକ ନିର୍ବାଚନ' କାର୍ଯ୍ୟକାରୀ କରିବା ପୂର୍ବରୁ ଏସବୁ ସମସ୍ୟାର ସମାଧାନ ବାହାର କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି।

### ରଥରେ ଝଟକିଲେ...

ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଅପରାହ୍ଣ ୧ଟା ପରଠାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଥିଲା।

ସୁନାବେଶ ଲାଗି ସକାଳୁ ବେଶ୍ ତତ୍ପର ହୋଇପଡ଼ିଥିଲେ ସେବାୟତ ଓ ଅଧିକାରୀ। ସକାଳ ୭ଟା ୧୫ରୁ ୭ଟା ୩୫ ମଧ୍ୟରେ ତିନିରଥରେ ମଙ୍ଗଳ ଆଳତି ନୀତି ବଢ଼ିଥିଲା। ପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ନ ୧୦ଟା ୩୦ରେ ଗୋପାଳବଲ୍ଲଭ ଭୋଗ ହୋଇଥିବା ବେଳେ ମଧ୍ୟାହ୍ନ ୧୨ଟାରେ ସକାଳ ଧୂପ ସରିଥିଲା। ଅପରାହ୍ଣ ୧ଟା ୪୫ରୁ ୨ଟା ୪୫ ମଧ୍ୟରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ୩ଟା ୫୫ରୁ ୪ଟା ୧୦ମଧ୍ୟରେ ମଇଲମ, ୪ଟା ୧୦ରୁ ୪ଟା ୧୫ ମଧ୍ୟରେ ଶାଢ଼ି ଖଣ୍ଡୁଆ ଲାଗି ହୋଇ ସନ୍ଧ୍ୟା ଆଳତି ହୋଇଥିଲା। ପରେ ଅପରାହ୍ଣ ୪ଟା ୪୫ରେ ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର ରଥ ନିକଟକୁ ବିଜେ କରାଯାଇଥିଲା। ଅପରାହ୍ଣ ୫ଟାରୁ ସୁନାବେଶ ଆରମ୍ଭ ହେବାକୁ ଥିବା ବେଳେ ଏହାର କିଛି ସମୟ ପୂର୍ବରୁ ଶ୍ରୀବିଗ୍ରହମାନଙ୍କୁ ସ୍ୱର୍ଣ୍ଣ, ରୁପା ଆଦି ମୂଲ୍ୟବାନ ଧାତୁଖଚିତ ଅଳଙ୍କାରରେ ବେଶ କରିଥିଲେ ପୁଷ୍ପାଳକ ସେବକ। ସେମାନଙ୍କୁ ଅନ୍ୟ ସେବକ ସହଯୋଗ କରିଥିଲେ। ସନ୍ଧ୍ୟା ୫ଟା ୫୫ସୁଦ୍ଧା ଠାକୁରମାନଙ୍କୁ ସୁନାବେଶରେ ସଜାଇବା ସମ୍ପୂର୍ଣ୍ଣ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ କିରୀଟ, ଗଳାରେ ମାଳା, ଓଡ଼ିଆଣୀ, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀହସ୍ତ, ଶ୍ରୀପୟର, ହଳମୂଷଳ, ଶଙ୍ଖ, ଚକ୍ର ଆଦି ଲାଗି କରାଯାଇଥିଲା। ସୁନାବେଶରେ ଥାଇ ରଥ ଉପରେ ହିଁ ଠାକୁରମାନଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢ଼ିଥିଲା। ରାତିରେ ସୁନାବେଶ ମଇଲମ ପରେ ରଥାରୂଢ଼ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ରତ୍ନସିଂହାସନରେ ସୁନାବେଶ ବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥା'ନ୍ତି। କିନ୍ତୁ ରଥାରୂଢ଼ ଠାକୁରଙ୍କ ସୁନାବେଶର ବିଶେଷତ୍ୱ ହେଉଛି ଏହି ବେଶରେ ମହାପ୍ରଭୁ ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିନଥା'ନ୍ତି। ରଥାରୂଢ଼ ଠାକୁର ସୁନାବେଶରେ ସୋଲର ଚିତା ଧାରଣ କରିଥା'ନ୍ତି। ତେବେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସିଂହଦ୍ୱାର ରଥ ପାଖରୁ ମାର୍କେଟ୍ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ଏକମୁହାଁ ହୋଇ ସିଂହଦ୍ୱାର ଅଭିମୁଖେ ଚାଲିଥିଲେ। ବାମପାର୍ଶ୍ୱରେ ଦଣ୍ଡାୟମାନ ନନ୍ଦିଘୋଷ କଡ଼ ଦେଇ ଡାହଣକୁ ବୁଲି ସମ୍ମୁଖ ଭାଗରୁ ରଥାରୂଢ଼ ଠାକୁରଙ୍କୁ ସୁନାବେଶ ଦର୍ଶନ କରିଥିଲେ। ତାଳଧ୍ୱଜ ରଥ ପାର୍ଶ୍ୱ ଦେଇ ପୁନଶ୍ଚ ବଡ଼ଦାଣ୍ଡକୁ ଆସି ନିଜନିଜ ଗନ୍ତବ୍ୟ ସ୍ଥଳକୁ ଫେରିଯାଉଥିଲେ। ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ରାତି ୧୧ଟା ପର୍ଯ୍ୟନ୍ତ ରଥାରୂଢ଼ ଠାକୁରଙ୍କୁ ସୁନାବେଶରେ ଦର୍ଶନ କରିଥିଲେ ଭକ୍ତ। ଏହାପରେ ବେଶ ଓଲାଗି କରାଯାଇଥିଲା।

### ତିନି ରଥରେ...

ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ରଥରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ନୀତି ବଢିବା ପରେ ଅଧରପଣା ନୀତି ଅନୁଷ୍ଠିତ ହେବ। ଏହି ନୀତିକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି।

### ଆଜି ଅଧା ଓଡ଼ିଶାରେ...

ଜଣାପଡ଼ିଛି। ୮ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବୁଲେଟିନରେ ସୂଚନା ପ୍ରଦାନ କରାଯାଇଛି। ଆସନ୍ତା ୧୨ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଏହାପରେ ପାଣିପାଗରେ ସାମାନ୍ୟ ପରିବର୍ତ୍ତନ ଘଟିବା ନେଇ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି।

### ଲଗାଣ ବର୍ଷାରେ...

ସପ୍ତାହେ ହେବ ଲଗାଣ ବର୍ଷା ଯୋଗୁଁ କାନ୍ଥ ଭିଜି ଦୁର୍ବଳ ହୋଇପଡ଼ିଥିଲା। ଦିବାକରଙ୍କ ଆଈ ରବିବାର ମଧ୍ୟାହ୍ନରେ ନାତୁଣୀବୋହୂ ବାଳମିତି ଏବଂ ଦିବାକରଙ୍କ ୬ ବର୍ଷର ଝିଅ ସିଦ୍ଧିଙ୍କୁ ନେଇ ଫାର୍ମ ଘର ନିକଟକୁ ଯାଇଥିଲେ। ଭିତରେ ବୁଲି ବୁଲି ସ୍ଥିତି ଦେଖିଲା ବେଳେ ଅଘଟଣ ଘଟିଥିଲା। ହଠାତ କାନ୍ଥଟି ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଆଈଶାଶୂ ଓ ନାତୁଣୀବୋହୂ ଚାପି ହୋଇଯାଇଥିଲେ। ସୌଭାଗ୍ୟବଶତଃ କୁନି ଝିଅ ସିଦ୍ଧି ଅଳ୍ପକେ ବର୍ତ୍ତିଯାଇଥିଲା। ତୁରନ୍ତ ସେ ସେଠାରୁ ଧାଇଁ ଯାଇ ଗାଁଲୋକଙ୍କୁ ଘଟଣା ବିଷୟରେ କହିଥିଲା। ଗ୍ରାମବାସୀ ସେଠାରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ତୁରନ୍ତ ପୁଲିସ ମଧ୍ୟ ପହଞ୍ଚିଥିଲା। ଆମ୍ବୁଲାନ୍ସ ଯୋଗେ ଦୁହିଁଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର କିନ୍ତୁ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଏହି ଖବର ପାଇ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଏକ ଟିମ୍ ମଧ୍ୟ ଗାଁରେ ପହଞ୍ଚି ଅନୁଧ୍ୟାନ କରିଛି।

### ହୀରାକୁଦ ଖୋଲିଲା...

କ୍ୟୁସେକ, ଖଇରମାଲଠାରେ ୭୮୦୦୦ କ୍ୟୁସେକ, ବାରମୁଲଠାରେ ୮୨୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୧୧୮ ୭୬୭ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ସେହିପରି ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୫୬.୯୮ ମିମି ଏବଂ ତଳମୁଣ୍ଡରେ ୧୮.୫୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍ ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଏଥିପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଜଳଭଣ୍ଡାରରୁ ଆଜି ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ମହାନଦୀ ଅବବାହିକାରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏହାସହ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ସର୍ବସାଧାରଣଙ୍କୁ ସଚେତନ କରାଯାଉଛି। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

### ଶିବରାଜ, ଧର୍ମେନ୍ଦ୍ର...

ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୨୦୨୬ରେ ପଶ୍ଚିମବଙ୍ଗ, ତେଲଙ୍ଗାନା, କେରଳ, ଆସାମ ଓ ୨୦୨୭ରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାମ, ଗୋଆ, ମଣିପୁର ବିଧାନସଭା ନିର୍ବାଚନ ହେବ ଏବଂ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ମଧ୍ୟ ଏହି ବର୍ଷ ଅନୁଷ୍ଠିତ ହେବ। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ଦଳ ସଭାପତି ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବ। ସମ୍ପ୍ରତି ତିନିଜଣ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ମନୋହରଲାଲ ଖଟ୍ଟର, ଧର୍ମେନ୍ଦ୍ର ପ୍ରଧାନଙ୍କ ନାମକୁ ନେଇ ଦଳର ଶୀର୍ଷ ମହଲରେ ଚର୍ଚ୍ଚା ଚାଲିଛି। ସେହିପରି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ପୁରନ୍ଦେଶ୍ୱରୀଙ୍କ ସହ ଦୁଇ ଟାଣୁଆ ସଙ୍ଗଠନ ବି.ଏଲ୍.ସନ୍ତୋଷ ଓ ସୁନୀଲ ବଂଶଲଙ୍କ ନାମ ମଧ୍ୟ ଆଲୋଚନା ପରିଧିରେ ରହିଛି। ଦଳର କିଛି ନେତା ସାଧାରଣ ସମ୍ପାଦକ ବିନୋଦ ତାୱଡ଼େଙ୍କ ନାମ ସମ୍ପର୍କରେ ମଧ୍ୟ ଚର୍ଚ୍ଚା ହେଉଛି।

କୁହାଯାଉଛି ଯେ ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ବିଜେପି ମୁଖ୍ୟତଃ ୩ଟି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛି। ସଂଗଠନାତ୍ମକ ଅଭିଜ୍ଞତା, ଆଞ୍ଚଳିକ ସନ୍ତୁଳନ, ଜାତିଗତ ସମୀକରଣ ଏ କ୍ଷେତ୍ରରେ ପ୍ରାଥମିକତା ଗ୍ରହଣ କରିଛି। ଖୁବ୍ ଶୀଘ୍ର ସଭାପତି ନିର୍ବାଚନ ନିମନ୍ତେ ଏକ କେନ୍ଦ୍ରୀୟ କମିଟି ଗଠନ କରାଯିବ। ଦଳର ସମ୍ବିଧାନ ଅନୁଯାୟୀ ୫୦ ପ୍ରତିଶତ ସାଂଗଠନିକ ରାଜ୍ୟ ଶାଖାଙ୍କ ଅଧ୍ୟକ୍ଷ ନିଯୁକ୍ତି ପରେ ଜାତୀୟ ଅଧ୍ୟକ୍ଷ ନିର୍ବାଚନ ହେବ। ସମ୍ପ୍ରତି ବିଜେପିର ୩୭ଟି ରାଜ୍ୟ ଶାଖା ରହିଛି। ଏଥିରୁ ୨୬ଟିର ଅଧ୍ୟକ୍ଷ ଚୟନ ସରିଛି। ଚଳିତ ମାସ ପ୍ରାରମ୍ଭର ଦୁଇ ଦିନ ମଧ୍ୟରେ ବିଜେପି ୯ ରାଜ୍ୟର ନୂଆ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯାଇଛି। ତେଣୁ ଜାତୀୟ ସଭାପତି ନିର୍ବାଚନ ନିମନ୍ତେ କୌଣସି ବାଧା ନାହିଁ।

### ବାହୁଡ଼ାରେ ବାହୁଡ଼ିଗଲେ...

ସଦର ଥାନା ଅନ୍ତର୍ଗତ ଆଇଆରବି ନିକଟରେ ଆଜି ଗାଡ଼ି ଧକ୍କାରେ ୨ଜଣଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କୋରାପୁଟ ବ୍ଲକ୍ ମସ୍ତିପୁଟ ପଞ୍ଚାୟତ ଅନ୍ତର୍ଗତ ଲେନ୍ଦ୍ରିମାଳିଗୁଡାର ଭଗବାନ ମାଳି(୨୫) ଓ ଗୋବିନ୍ଦ ମାଳି(୨୧)। ଭଗବାନ ଓ ଗୋବିନ୍ଦ ଏକ ବାଇକ୍‌ରେ ଜୟପୁର ବାହୁଡ଼ା ଯାତ୍ରା ଦେଖି ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। କୋରାପୁଟ ପଟୁ ଯାଉଥିବା ଏକ ଅଜଣା ଗାଡ଼ି ଉଭୟଙ୍କୁ ଧକ୍କା ଦେଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଦୁଇଜଣଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଭଗବାନଙ୍କ ମୃତ୍ୟୁ ହୋଇଯାଇଥିଲା। ସଦର ଥାନା ପୁଲିସ ନମ୍ବର ୧୧୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ପୁଲିସ୍ ବ୍ୟବଚ୍ଛେଦ ପରେ ଶବଦ୍ୱୟକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

# ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ, ୪ ଗୁରୁତର

ଭୋଗରାଇ, ୬।୭(ସମିସ): ରବିବାର ଉଦୟପୁର ବେଳାଭୂମି ନିକଟ ସମୁଦ୍ରରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ବିହାର ରାଜ୍ୟର ଭାଗଲପୁର ଅଞ୍ଚଳର କେତେଜଣ ଯୁବକ ଆଜି ଅପରାହ୍ଣ ପ୍ରାୟ ୩ଟାରେ ଉଦୟପୁର ବେଳାଭୂମିରେ ମଦ୍ୟ ପାନ କରି ସମୁଦ୍ରରେ ଗାଧୋଉଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଓ ଅପରାହ୍ଣ ୫ଟାରେ ପଶ୍ଚିମବଙ୍ଗର ୫ଜଣ ଯୁବକ/ଯୁବତୀ ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଭାସି ଯାଇଥିଲେ। ୪ ଜଣଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି ପଡ଼ୋଶୀ ପଶ୍ଚିମବଙ୍ଗର ଦୀଘା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ବିହାର ଭାଗଲପୁର ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

**AFFIDAVIT**

By virtue of an affidavit sworn before Notary Public, Rourkela, dated 29.05.2025, I Basanti Mohapatra, W/o- Bipin Bihari Mohapatra Address - QR No C3M 33,R.D.A Colony, Chhend phase 2, PO- Rourkela 15, PS- Chhend, Dist- Sundargarh , Odisha, Pin- 769015 declare that I have changed my name from Basantibala Mohapatra to Basanti Mohapatra. Henceforth I shall be known as BASANTI MOHAPATRA for all purposes.

Basanti Mohapatra

**ODISHA MINING ADARSHA VIDYALAYA**

AT-Phulbad, PO-Umuri, Jeypore,Dist-Koraput (Odisha), Pin-764002
(An English Medium Secondary School Under Ministry of S & M E, Govt. of Odisha, Sponsored by Odisha Mining Corporation)
Phone : 7978897651 E-mail : principalomavjeypore@gmail.com

**SHORT TENDER CALL NOTICE No. 01/25**

Sealed Tenders are invited from Registered Firms having GST number and Tax Clearance for supply of Grocery Items, Non-Veg items, Students' TLM , School Uniforms and Sports Items latest by 22 July 2025 5.00 P.M. by Regd/Speed Post. The tender paper for each item with terms and conditions may be obtained from the Office of the Principal, ODISHA MINING ADARSHA VIDYALAYA, JEYPORE on cash payment of Rs. 200/- only per form during office hours. The tenders will be opened in presence of the Tenderers or their duly authorised representative at 11 A.M. on 23 July 2025. The Principal, ODISHA MINING ADARSHA VIDYALAYA, JEYPORE has the sole right to reject any one or all Tenders without assigning any reason thereof.

sd/-
Principal, OMAV, Jeypore

**NOTICE (for Minor)**

By virtue of an affidavit sworn before Notary Public, Udala, Mayurbhanj dated 28-05-2025 I, Debashree Lenka , Address of Kanhupur P.O.- B.C.Pur, Dist- Mayurbhanj, Odisha, Pin- 757085 declare that I have changed the name of my son from Kanha Lenka to Jyoti Prakash Lenka. Henceforth, he shall be known as Jyoti Prakash Lenka for all purposes.

(Debashree Lenka)

B-274

E-mail ID: cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

File No.- B-I- Tourism-05/2025/26152 / Bhubaneswar, the 4th July, 2025

Invitation for Bids
1st Corrigendum

Tender Reference No. C.E. (B) - 14 / 2025-26

Name of the Work : Periphery Development of Narayani Temple, Khalikote in Ganjam District.

The following changes have been made in Bid Identification No. C.E. (B) - 14 / 2025-26

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from dt.21.07.2025 to 17.00 hours of dt.05.08.2025 instead of dt.04.07.2025 to dt.19.07.2025 for ONLINE BIDDING respectively.
2. Online bids shall be received till 17.00 Hours of dt.05.08.2025 instead of dt.19.07.2025.
3. The technical bids will be opened at 11.30 A.M. of dt.06.08.2025 instead of dt.21.07.2025.

All other terms and conditions remain unchanged.

Chief Engineer (Buildings-I),
Odisha, Bhubaneswar

OIPR-34117/11/0116/2526

**NOTICE**

By virtue of an affidavit sworn before Notary Public, Balasore , Sl. No.-75/3 , Date-26/06/2025 . I Raghunath Singh (New Name ) , Adress- At- San Maitapur, Po- Maitapur, Ps-Bhadrak, Dist- Bhadrak, Odisha, Pin-756111 declare that I have change my name from Kanha Singh (Old Name) to Raghunath Singh (New Name). Henceforth, I shall be known as Raghunath Singh (New Name) for all purposes.

Raghunath Singh

SBI

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଆସ୍କା ମୁଖ୍ୟ ଶାଖା
କଳିଙ୍ଗ ରୋଡ ଆସ୍କା, ଗଞ୍ଜାମ, ପିନ୍-୭୬୧୧୧୦

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡ଼ିକୁ "ଯେଉଁଠାରେ ଯେପରି ଅଛି ଓ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୦୭.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ତନଖି କରିବାର ତାରିଖ ଓ ସମୟ: ୧୭.୦୭.୨୦୨୫ ରୁ ୨୧.୦୭.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା (ରବିବାର ଛୁଟିଦିନ)

| କ୍ର ନଂ. | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀମତୀ ମଞ୍ଜୁଳା ବେହେରା, ସ୍ୱାମୀ: ଶ୍ରୀ ଭୂପତି ଭୂଷଣ ବେହେରା, ସା: ଖମ୍ବେଶ୍ୱରୀପାଟଣା, ଗୋପିନାଥ ମନ୍ଦିର ନିକଟ, ଆସ୍କା, ଗଞ୍ଜାମ, ଓଡିଶା, ପିନ୍-୭୬୧୧୧୦ / ଆକାଉଣ୍ଟ ନଂ.: ୪୧୪୬୭୭୩୨୦୩୦ | TATA ACE GOLD+ DIESEL BS VI Regd. No.: OD32H3494 Chassis No.: MAT559029NVN63147 Engine No.: 700CCDI02NXXSF1811 | ୦୪.୦୬.୨୦୨୫ ସୁଦ୍ଧା ଟ.୪,୦୬,୦୯୦.୧୩ + ୦୫.୦୬.୨୦୨୫ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୩,୦୦,୦୦୦/- / ଟ.୩୦,୦୦୦/- / ଟ.୫,୦୦୦/- |

ଇଚ୍ଛୁକ ନିଲାମଧାରୀ ଯେଉଁମାନେ ଲଗ୍‌ଇନ୍ ଆଇଡି ଏବଂ ପାସ୍‌ୱାର୍ଡ ତିଆରି କରିବା ପାଇଁ ସହାୟତା ଚାହୁଁଛନ୍ତି, ଡାଟା ଅପ୍‌ଲୋଡିଂ, ବିଡ୍ କାଗଜାତ ଦାଖଲ, ଟ୍ରେନିଂ/ଡେମୋନଷ୍ଟ୍ରେସନ, ଅନ୍‌ଲାଇନ ଇଣ୍ଟର-ସେ ବିଡିଂର ନିୟମ ଓ ସର୍ତ୍ତାବଳୀ ଇତ୍ୟାଦି ଏବଂ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରିବା ନିମନ୍ତେ ୱେବ୍‌ସାଇଟ୍: https://baanknet.com ପରିଦର୍ଶନ କରନ୍ତୁ। baanknet.com ବ୍ୟାଙ୍କ ଆକାଉଣ୍ଟରୁ ରସିଦ ପ୍ରାପ୍ତ କଲାପରେ ଏବଂ ଏହି ସୂଚନାକୁ ଇ-ନିଲାମ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ କରିବା ପରେ ପ୍ରାକ୍-ବିଡ୍ ଅମାନତ ବିଡରଙ୍କୁ କ୍ରେଡିଟ୍ କରାଯିବ। ବ୍ୟାଙ୍କିଙ୍ଗ୍ ପ୍ରକ୍ରିୟାରେ କିଛି ସମୟ ଲାଗିପାରେ, ତେଣୁ ନିଲାମଧାରୀମାନଙ୍କୁ ପରାମର୍ଶ କି, ସେମାନେ ନିଜସ୍ୱ ଇଚ୍ଛାରେ ଶେଷ ସମୟରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ନିମନ୍ତେ ଇ-ନିଲାମର ଯଥେଷ୍ଟ ପୂର୍ବରୁ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରନ୍ତୁ। ସରକାରୀ/ସ୍ଥାନୀୟ ସଂସ୍ଥାକୁ ପ୍ରଦାନ କରିବାକୁ ଥିବା କୌଣସି ବୈଧାନିକ ଦେୟ/ଦାୟିତ୍ୱ ଇତ୍ୟାଦି ବିଷୟରେ ଜଣା ନାହିଁ ଏବଂ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବାର ଅଧିକାର ସଂରକ୍ଷିତ ରଖିଅଛି।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବ୍‌ସାଇଟ୍ : https://sbi.co.in/web/sbi-in-the-news/auction-notices/sarfaesi-and-others, https://baanknet.com (e-Bkray Portal)

ଗାଡିର ପାର୍କିଂ ସ୍ଥାନ: ମେସର୍ସ ଦିଶା ଆସୋସିଏଟ୍ସ, ଏନ୍‌ଏଚ୍-୫, ଗୋପାଳପୁର ଜଙ୍କସନ୍, ଚୁରା ବାଏପାସ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ମୋ.: ୬୩୭୦୫୨୧୮୩୭

ସ୍ଥାନ : ଆସ୍କା, ତାରିଖ : ୦୫.୦୭.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ସକାଳ THE SAKALA



# କାମ ନ ହୋଇ ଶ୍ରମିକଙ୍କ ଖାତାକୁ ଯାଉଛି ମନରେଗା ଟଙ୍କା



**➤ ଅନ୍ୟ ଉପରେ ଦୋଷ ଲଦୁଛନ୍ତି ଅଧିକାରୀ**
**➤ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ: ବିଡିଓ**

କୋରୁକୋଣ୍ଡା,୬।୭(ସମିସ): ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସରକାରଙ୍କର ବଡ଼ ଜନହିତକାରୀ ଯୋଜନା। କିନ୍ତୁ ବର୍ତ୍ତମାନ ଏହା ଲୋକଙ୍କ ବଦଳରେ କିଛି ଠିକାଦାର, ମେସିନ ମାଲିକ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ସରକାରୀ କର୍ମଚାରୀଙ୍କ ପାଇଁ ପାଲଟିଛି ରୋଜଗାରର ବାଟ। ଏପରି ଅନେକ ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମୁସାପଲ୍ଲୀ ଗ୍ରାମ ପଞ୍ଚାୟତ ଅଞ୍ଚଳରୁ। ପୂର୍ବରୁ ଏପରି ଅନିୟମିତତା ଉକ୍ତ ପଞ୍ଚାୟତର ଏମଭି-୪୭ ଗ୍ରାମରୁ ଆସିଥିଲା। ଗ୍ରାମରେ ୨୦୨୩/୨୪ ଆର୍ଥିକ ବର୍ଷରେ ଖେଳ ପଡିଆ କାର୍ଯ୍ୟ ପାଇଁ ୩ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟଅଟକଳରେ ସରକାରୀ ଅନୁଦାନ ଆସିଥିଲା। କିନ୍ତୁ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଉକ୍ତ ଖେଳ ପଡିଆରେ ଗତ ମେ ମାସରେ କୌଣସି ଶ୍ରମିକ କାମ କରିନଥିବା ବେଳେ ଅଧିକାରୀ ସେହି ମାସରେ ସେହି ଖେଳ ପଡିଆରେ ମୋଟ ୪୪୨ଜଣ ଶ୍ରମିକ କମ କରିଥିବା ଦର୍ଶାଇ ଶ୍ରମ ବାବଦକୁ ୧୨୦୬୬୬ ପଇଠ କରିଥିବା ସରକାରୀ ତଥ୍ୟରେ ଦର୍ଶାଯାଇଛି। ଏହି ଅନିୟମିତତାକୁ ନେଇ ଆମେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁଙ୍କୁ ଅବଗତ କରାଇବାରୁ ସେ କହିଥିଲେ ଯେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିନ୍ତୁ ଖବର ପ୍ରକାଶନର ୧୫ ଦିନରୁ ଅଧିକ ଦିନ ବିତି ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ନା ହୋଇପାରିଲା ତଦନ୍ତ ନା ନିଆଯାଇଛି କାର୍ଯ୍ୟାନୁଷ୍ଠାନ। ବର୍ତ୍ତମାନ ସେପରି ଆଉ ଏକ ଖେଳ ପଡିଆ କାମ ଦେଖିବାକୁ ମିଳିଛି। ଯାହାକି କାମ ହୋଇନି, କିନ୍ତୁ ଅଧିକାରୀମାନେ ଦୟା ପରବେଶ ହୋଇ ଶ୍ରମିକଙ୍କୁ ଶ୍ରମ ବାବଦକୁ ଟଙ୍କା ପଇଠ କରି ଦେଇଛନ୍ତି। ତୁମୁଷାପଲ୍ଲି ଗ୍ରାମ ପଞ୍ଚାୟତ ସଦରଠାରେ ଥିବା ଖେଳ ପଡିଆ ନିମନ୍ତେ ସରକାରଙ୍କ ତରଫରୁ ୨୦୨୪/୨୫ ଆର୍ଥିକ ବର୍ଷରେ କାର୍ଯ୍ୟ କୋର୍ଡ ନଂ୨୪୩୧୦୧୩୦୨୪/ ଏଲଡି/ ୧୦୭୮୪୩୮୨ରେ ୫ଲକ୍ଷ ୪୪ହଜାର ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଥିଲା। କିନ୍ତୁ ଉକ୍ତ କାମକୁ ସ୍ଥାନୀୟ ଅଧିକାରୀମାନେ ଗତ ମେ ମାସ ୨୮ ତାରିଖ ଠାରୁ କାମ ଆରମ୍ଭ କରିଥିବା ବେଳେ ଗତ ମାସ ୨୫ ତାରିଖ ପର୍ଯ୍ୟନ୍ତ ଶ୍ରମିକ ମାନେ କାମ କରିଥିବା ସରକାରୀ ତଥ୍ୟରେ ଦର୍ଶାଯାଇଛି। ଗୋଟିଏ ମାସରେ ମୋଟ ୧୩୨୦ ଶ୍ରମିକ କାମ କରିଥିବା ଦର୍ଶାଯାଇଥିବା ବେଳେ ସେଥିମଧ୍ୟରୁ ମେ ମାସ ୨୮ ତାରିଖଠାରୁ ଜୁନ ମାସ ୩ ତାରିଖ ପର୍ଯ୍ୟନ୍ତ ୪୨୭ ଶ୍ରମିକ କାମ କରିଥିବା ଦର୍ଶାଇ ଉକ୍ତ ଶ୍ରମିକଙ୍କୁ ୧୧୬୫୭୧ ଟଙ୍କା ଗତ ମାସ ୧୬ ତାରିଖରେ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ପଇଠ କରାଯାଇଛି। ସେହିପରି ଗତ ମାସ ୪ତାରିଖ ଠାରୁ ୧୦ ତାରିଖ ମଧ୍ୟରେ ୬୯ ଶ୍ରମିକ କାମ କରି ଥିବା ଦର୍ଶାଇ ୧୮୮୩୭ଟଙ୍କା ଗତ ୧୬ ତାରିଖରେ ଶ୍ରମିକଙ୍କୁ ପଇଠ କରାଯାଇଛି। ସମାନ ଭାବରେ ଜୁନ ୧୧ ତାରିଖ ଠାରୁ ୨୫ଜୁନ ପର୍ଯ୍ୟନ୍ତ ୮୨୪ ଶ୍ରମିକ କାମ କରିଥିବା ଦର୍ଶାଯାଇଥିବା ବେଳେ ଆଗାମୀ ଦିନରେ ସେହି ଶ୍ରମିକଙ୍କୁ ଶ୍ରମବାବଦକୁ ୨୨୪୯୫୨ଟଙ୍କା ପଇଠ କରାଯିବ ବୋଲି ସରକାରୀ ତଥ୍ୟରେ ଦର୍ଶାଯାଇଛି। ଏନେଇ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ପ୍ରତିନିଧି ଉକ୍ତ କାମକୁ ଅନୁଧ୍ୟାନ କରିବା ନିମନ୍ତେ କାର୍ଯ୍ୟ ସ୍ଥଳକୁ ଯାଇଥିବା ବେଳେ ସେଠାରେ କୌଣସି କାର୍ଯ୍ୟ ହୋଇନଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଏହି ପ୍ରତିନିଧି ତୁମୁଷା ପଲ୍ଲି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ କି ଉକ୍ତ ଖେଳ ପଡ଼ିଆରେ ବହୁ ଦିନ ପୂର୍ବରୁ ଗାଡି ମାଧ୍ୟମରେ ୩ରୁ ୪ଗାଡ଼ି ମାଟି ପଡ଼ିଥିଲା। ବର୍ତ୍ତମାନ କୌଣସି କାମ ହୋଇନାହିଁ। ଏହାକୁ ନେଇ କୌଣସି ତଥ୍ୟ ନଥିବା କହିଛନ୍ତି ଶ୍ରୀ ଖରା। ସେ କହିବା ଅନୁଯାୟୀ, ଉକ୍ତ କାର୍ଯ୍ୟର ପଞ୍ଚାୟତ ତଥ୍ୟ ନିରୀକ୍ଷକ, ହିସାବ ରକ୍ଷକ ସୁବାସ ଗୁଡିଆଙ୍କୁ କୌଣସି ତଥ୍ୟ ମାଗିଲେ ସେ ଦେଉ ନଥିବା କଥା କହିଛନ୍ତି। ଏଣୁ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ ବୋଲି କହିଥିଲେ। ଏହାକୁ ନେଇ ଏହି ପ୍ରତିନିଧି ପଞ୍ଚାୟତ ତଥ୍ୟ ନିରକ୍ଷକ ହିସାବ ରକ୍ଷକଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ସେ ୨୦୨୪ ମସିହା ନଭେମ୍ବରରେ ନୂତନ ଭାବେ ଦାୟିତ୍ୱ ନେଲା ପରେ ଉକ୍ତ ଖେଳପଡିଆ ନିମନ୍ତେ କାର୍ଯ୍ୟ ମଞ୍ଜୁର କରାଯାଇଥିଲା। ହେଲେ ପୂର୍ବରୁ କାମ ହୋଇଥିବା ନେଇ ସରପଞ୍ଚ ଓ ଗ୍ରାମ ସଂଯୋଜକ କହିବାରୁ ବର୍ତ୍ତମାନ 'ମେଣ୍ଡେଡ୍' ଯାଇଛି। କିନ୍ତୁ ତାଙ୍କ ସମୟରେ କିଛି କାମ ହୋଇ ନଥିବା ସେ କହିଥିଲେ। ଏଥିରୁ ଜଣାପଡୁଛି ପଞ୍ଚାୟତ ତଥ୍ୟ ନିରକ୍ଷକ ହିସାବ ରକ୍ଷକ ସୁବାସ ଗୁଡିଆଙ୍କ ପାଖରେ କୌଣସି ତଥ୍ୟ ନଥାଇ ସେ ଦୟାକରି ଉକ୍ତ କାମର ଶ୍ରମ ବାବଦକୁ ଟଙ୍କା ପଇଠ କରି ଦେଇଛନ୍ତି। ଏ ନେଇ ଏହି ପ୍ରତିନିଧି ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ସୁଦିପ୍ତା ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏନେଇ ତାଙ୍କ ପାଖରେ କୌଣସି ଖବର ନାହି। ଅନୁଧ୍ୟାନ କରି ସୂଚନା ଦେବେ। ପଞ୍ଚାୟତ ହିସାବ ରକ୍ଷକ ତଥ୍ୟ ନିରୀକ୍ଷକ କୌଣସି ସୂଚନା ଦେଉନଥିବା କହିଥିଲେ ଶ୍ରୀମତୀ ସାହୁ। ଏହାକୁ ନେଇ ଆମେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଯେ, ଏନେଇ ତାଙ୍କ ପାଖରେ ଖବର ନାହିଁ। ତଦନ୍ତ କରାଯିବ, ଯଦି ସେପରି କିଛି ଅନିୟମିତତା ଆସେ, ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜିଲ୍ଲାରେ ଦିନକୁ ଦିନ ଦାଦନ ଶ୍ରମିକ କମିବା ବଦଳରେ ହୁ ହୁ ହୋଇ ବଢିବାରେ ଲାଗିଛି। କିନ୍ତୁ ÷ଆସୁଥିବା କାମର ଅର୍ଥକୁ ହଡ଼ପ କରାଯାଉଛି। ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟ ଅନୁଧ୍ୟାନ ନିମନ୍ତେ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ପ୍ରାୟ ୬ରୁ ଅଧିକ ଅଧିକାରୀଙ୍କ ଅନୁଧ୍ୟାନରେ କାର୍ଯ୍ୟ କରିବାକୁ ଥିବା ବେଳେ କିପରି ଭାବେ ଅନିୟମିତତା ହେଉଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବ ଏ ନେଇ ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ସମସ୍ତେ ଚାହିଁ ରହିଛନ୍ତି।

ଫଟୋ- ୧୦୩

## ଲଗାଣ ବର୍ଷାରେ ବେହାଲ କୋଦଭଟ୍ଟା ରାସ୍ତା

ରାଇଘର,୬।୭ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ସଦର ମହକୁମାର କୋଦଭଟ୍ଟା ସାହି ଭିତର ରାସ୍ତା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟକୁ ସଂଯୋଗ କରିବା ସହ ଘୁମରାପଦର ଏବଂ ରାଣୀପଦର ଗ୍ରାମକୁ ସଂଯୋଗ କରୁଛି। ରାସ୍ତାର ଅବସ୍ଥା ବର୍ତ୍ତମାନ ଶୋଚନୀୟ ହୋଇପଡିଛି । ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ମୋଟର ସାଇକେଲ, ଚାରି ଚକିଆ ଯାନ , ଆମ୍ବୁଲାନ୍ସ ଗର୍ଭବତୀ ମହିଳା ଓ ଗୁରୁତର ରୋଗୀକୁ ନେଇ ଯାଉଛି। ସ୍କୁଲ ପିଲା ମାନେ ଯାତାୟାତ କରୁଛନ୍ତି। ରାସ୍ତା ମଝିରେ ମଝିରେ ଖାଲଢିପ ହୋଇ ପାଣି ଜମି ରହୁଛି। ଯାତାୟାତ କରୁଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଦୁର୍ଘଟଣା ଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ବହୁ ବିଭାଗର ଅଧିକାରୀ ଯାଉଥିଲେ ମଧ୍ୟ ପ୍ରତିକାର ପାଇଁ କାହାର ନଜର ନ ପଡ଼ିବା ଦୁଃଖର ବିଷୟ ହୋଇ ଅଭିଯୋଗ ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆତ୍ମସୁରକ୍ଷା ତାଲିମ ଶିବିର



ରାୟଗଡା, ୬।୭(ସମିସ): ରାୟଗଡ଼ା ମହିଳା ମହାବିଦ୍ୟାଳୟ ସ୍ନାତକ ବିଭାଗରେ ଆତ୍ମା ସୁରକ୍ଷା ତାଲିମ ଶିବିରର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସୁଶ୍ରୀ ରୂପାଲି ଜେନା , ଟାଉନ ଥାନା ଏସଆଇ ଯୋଗଦେଇ ଛାତ୍ରୀ ମାନଙ୍କୁ ସମାଜରେ କିଭଳି ନାରୀ ପ୍ରତି ହେଉଥିବା ସମସ୍ୟାର ମୁକାବିଲା କରାଯାଇ ପାରିବ ସେ ବିଷୟରେ ସଚେତନ କରିଥିଲେ। ଶ୍ରୀମତୀ ସରୋଜ ମିଶ୍ର ଛାତ୍ରୀମାନେ କିଭଳି ହେଲ୍ପ ଲାଇନ୍ ନମ୍ବର ୧୧୨ ଓ ଲାଇଭ ଲୋକେସନ ଦ୍ୱାରା ନିଜକୁ ବିପଦରୁ ମୁକ୍ତ କରି ପାରିବେ ସେ ବିଷୟରେ ବୁଝାଇ ଥିଲେ। କ୍ୟାପ୍‌ଟେନ ରୀତା ରାଣୀ ମିଶ୍ର ଆଗାମୀ ୮ ଦିନ କିଭଳି ଏହି କାର୍ଯ୍ୟକ୍ରମର ସାରଣୀ ରହିବ ସେ ବିଷୟରେ ବୁଝାଇ ଥିଲେ। ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଏହି ଶିବିରରେ ଉପସ୍ଥିତ ଥିଲେ । ଶେଷରେ ଶ୍ରୀମତୀ ଶାନ୍ତି ଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ଜୁଲାଇ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।

## ଡିଏଭି ଶିକ୍ଷକ ଓ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



କୋରାପୁଟ,୬।୭(ସମିସ): ସ୍ଥାନୀୟ ଡିଏଭି ଶିକ୍ଷକ ଓ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉଦିଆ ତାରା' ଅନୁଷ୍ଠିତ ହୋଇଯାଇଛି। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇ ମହାବିଦ୍ୟାଳୟର ଉନ୍ନତି କାମନା କରିବା ସହିତ ଏହି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଭବିଷ୍ୟତରେ ଜଣେ ଶିକ୍ଷକ ରୂପେ ଦେଶର ଭବିଷ୍ୟତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ କୋଟସର ପ୍ରାଧ୍ୟାପକ ଡ. ରାଜେନ୍ଦ୍ର ପାଢୀ ଯୋଗଦେଇ ମହାବିଦ୍ୟାଳୟର ଉଲ୍ଲେଖନୀୟ କାର୍ଯ୍ୟ ଗୁଡିକୁ ପ୍ରଶଂସା କରିବା ସହିତ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦେବେନ୍ଦ୍ର କୁମାର ସେଠୀ, ଛାତ୍ର ପରିଷଦର ଉପଦେଷ୍ଟା ତଥା ସହକାରୀ ପ୍ରଫେସର ଡ.ପୂର୍ଣ୍ଣଚନ୍ଦ୍ର ତନ୍ତୀ, ଛାତ୍ର ପରିଷଦର ଉପଦେଷ୍ଟା ତଥା ସହକାରୀ ପ୍ରଫେସର ଝରଣା ସାହୁ, ଛାତ୍ର ପରିଷଦର ସଭାପତି ଚନ୍ଦନ କୁମାର ଗମାଙ୍ଗ, ସାଧାରଣ ସମ୍ପାଦକ ପ୍ରଭଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଜ୍ଞା ପରମିତା ସାମନ୍ତରା ମଞ୍ଚ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ ବନମାଳୀଗୁଡ଼ା ଗାଁକୁ ଅବହେଳା

## ମିଳୁନି ସର୍ବନିମ୍ନ ସୁବିଧା; ଗୁହାରୀ ମୂଲ୍ୟହୀନ



କୋଷାଗୁମୁଡ଼ା,୬।୭(ସମିସ): କେବଳ ନିର୍ବାଚନ ସମୟରେ ସରପଞ୍ଚ, ବିଧାୟକ ,ନେତା ନେତ୍ରୀଙ୍କ ଦେଖା ମିଳେ। ଗ୍ରାମର ଉନ୍ନତି ପାଇଁ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦିଆଯାଏ। ଭୋଟ ଶେଷ ହେବା ପରେ ତଥା କ୍ଷମତାକୁ ଆସିବା ପରେ ଆଉ କାହାର ଦେଖା ଦର୍ଶନ ମିଳେନି। ଅନେକ ଅଭିଯୋଗ ଓ ଦାବିପତ୍ର ପ୍ରଦାନ ପରେ ଯେଉଁ ପ୍ରତିଶ୍ରୁତି ମିଳେ ତାହା ପାଣିରେ ଗାର। ନୂଆ ସରକାରଙ୍କ ପ୍ରତିଶ୍ରୁତି ବି ପ୍ରତିଶ୍ରୁତିରେ ହିଁ ରହିଯାଇଛି। ବର୍ଷେ ଶାସନ କାଳରେ ହୋଇଥିବା କାମକୁ ନେଇ ବିକାଶ ରଥ ଗାଁକୁ ଗାଁ ବୁଲିଛି। ନୂଆ ସରକାର ଉନ୍ନୟନ କାର୍ଯ୍ୟ କରିଥିବା ନେଇ ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏଭଳି ଗାଁ ଅଛି ଯେଉଁଠି ବିକାଶ ଶୂନ୍। ଲୋକେ ସରକାରଙ୍କ ସବୁ ସୁବିଧା ସୁଯୋଗରୁ ବଞ୍ଚିତ ରହିଛନ୍ତି। ଏଭଳି ଏକ ଗାଁ ହେଉଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଏକରି ପଞ୍ଚାୟତର ବନମାଳୀଗୁଡା ଗ୍ରାମ। ବନମାଳୀଗୁଡା ଏକରି ପଞ୍ଚାୟତର ୪ନମ୍ବର ୱାଡରେ ରହିଛି। ଏହି ଗାଁରେ ୨୬ ପରିବାର ରହୁଛନ୍ତି। ଲୋକ ସଂଖ୍ୟା ୧୦୦ରୁ ଅଧିକ। ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ ବିକାଶର ପାଦ ପଡି ପାରିନାହିଁ। ଜଙ୍ଗଲ ଘେରା ଏହି ଗ୍ରାମବାସୀଙ୍କ ଦୁଃଖ ନ କହିବା ଭଲ। ଗାଁକୁ ନାହିଁ ଭଲ ରାସ୍ତା । ଗାଁର ହିତାଧିକାରୀ ଆବାସଗୃହ ପାଇବାରୁ ବଞ୍ଚିତ ଅଛନ୍ତି। ମିଳୁନି ପେନସନ। ଗାଁର ଦୁଇ ବୃଦ୍ଧା ଗାଁର ଦୁଃଖ କାହାଣୀ ସମ୍ବାଦିକମାନଙ୍କୁ କହିଥିଲେ। ଗାଁରୁ ପଞ୍ଚାୟ କୁ ଯିବାକୁ ମଧ୍ୟ ରାସ୍ତା ନାହିଁ। ନାଳ ମଧ୍ୟ ଦେଇ ଜମି ହୁଡ଼ା ଦେଇ ବିପଦସଂକୁଳ ଅବସ୍ଥାରେ ପଞ୍ଚାୟତକୁ ଚାଉଳ ଆଣିବାକୁ ଯିବାକୁ ପଡୁଛି। ଗାଁରେ ସ୍କୁଲ ନଥିବା କାରଣରୁ ଜମି ହୁଡ଼ା ଦେଇ ସ୍କୁଲ ଛାତ୍ରଛାତ୍ରୀ ଏକରି ପଞ୍ଚାୟତକୁ ଯାଆନ୍ତି। ରାସ୍ତା ନଥିବା କାରଣରୁ ବର୍ଷା ସମୟରେ ସମସ୍ତ ଛାତ୍ରଛାତ୍ରୀ ସ୍କୁଲକୁ ଯାଉନଥିବା ପ୍ରକାଶ କରିଛନ୍ତି। ଗାଁରେ ପହଞ୍ଚି ପାରୁନାହିଁ ଆମ୍ବୁଲାନ୍ସ। ରୋଗୀଙ୍କୁ ଖଟିଆରେ କିଛି ଦୂର ପର୍ଯ୍ୟନ୍ତ ବୋହି ନେବାକୁ ପଡୁଛି। ସ୍ୱାଧୀନତାର ଏତେ ବର୍ଷ ପରେ ବି ଏମିତି ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଥିବାରୁ ଦୁଃଖ ପ୍ରକାଶ କରିଥିଲେ ଗ୍ରାମବାସୀ। ଗ୍ରାମର ଉନ୍ନତି ପାଇଁ ଲୋକେ ବିଭିନ୍ନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଠାରେ କେବଳ ଆଦିବାସୀ ସମ୍ପ୍ରଦାୟର ଲୋକେ ହିଁ ବସବାସ କରୁଛନ୍ତି। ଗୋଟିଏ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆଦିବାସୀ ଅଞ୍ଚଳର ଉନ୍ନତି ପାଇଁ ଆସୁଥିବା ଅର୍ଥ ଯାଉଛି କୁଆଡେ। ଗ୍ରାମର ବିକାଶ ନହେବା ପଛରେ ସରକାର ଦାୟୀ ବୋଲି କହିଛନ୍ତି ରାମଚନ୍ଦ୍ର ଭତ୍ରା, ତୁଳସୀ ଭତ୍ରା, ଚକ୍ରା ଭତ୍ରା, ହେମ ଭତ୍ରା, ସମାରୁ ମାଳି, ଶୋଭାସିଙ୍ଗ ଭତ୍ରା, ମହେନ୍ଦ୍ର ଭତ୍ରା, ଯୋଗେନ୍ଦ୍ର ଭତ୍ରା, ନାଥ ଭତ୍ରା, ଇନ୍ଦ୍ର ନାୟକ, ଦୋମୁ ଭତ୍ରା, କାନ୍ତ ଭତ୍ରା, ବୈଦି ଭତ୍ରା, ଯଇତି ଭତ୍ରା,ବୁଦ୍ରୀ ଭତ୍ରା, ଅସମତି ଭତ୍ରା, ପାର ଭତ୍ରାଙ୍କ ସମେତ ବନମାଳୀ ଗୁଡା ଗ୍ରାମବାସୀ। ଯଥାଶୀଘ୍ର ସରକାର ଏହି ଗ୍ରାମକୁ ମୌଳିକ ସୁବିଧା ନ ଯୋଗାଇଲେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ସମୂହ ଗାଁ ଲୋକେ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ପାହାଡ଼ରୁ ପଥର ଖସି ରାସ୍ତା ଅବରୋଧ



କଲ୍ୟାଣସିଂହପୁର,୬।୭(ସମିସ) ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ କଲ୍ୟାଣସିଂପୁର ବ୍ଲକ ସେରିଗୁମ୍ମା ସଦର ପଞ୍ଚାୟତର ଭିଲାମାଲ ରାସ୍ତାରେ ପାହାଡ ଉପରୁ ବଡ଼ ପଥର ଖସିପଡି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ସେରିଗୁମ୍ମାଠାରୁ କୋଲନରା ବ୍ଲକର ଦୁଦୁଲି ନିକଟକୁ ବାହାରୁଥିବା ରାସ୍ତାର ଭିଲାମାଲ ଗ୍ରାମ ନିକଟସ୍ଥ ପାହାଡ଼ରୁ ଏକ ପଥର ଖସି ରାସ୍ତାର ପଡିଛି। ଫଳରେ ଯାନବାହାନ ଯାତାୟାତରେ ଅସୁବିଧା ହେଉଛି। ଲଗାଣ ବର୍ଷା ଲାଗିରହିଥିବାରୁ ପାହାଡ଼ର ମାଟି ହାଲୁକା ହେବା ପରେ ସେଠାରେ ଥିବା ପଥର ଖସି ରାସ୍ତାରେ ରହିଛି। ଏହି ରାସ୍ତା ଦେଇ ଅନେକ ସମୟରେ କାଶୀପୁର ଯିବାକୁ ହୋଇଥାଏ । କୋଲନରା ବ୍ଲକର ଦୁଦିଲି ପଞ୍ଚାୟତର ଗୋପାଲବାଡି, ସାଂକେଶ, ସହରପିଲି ଦେଇ କଲ୍ୟାଣସିଂହପୁର ବ୍ଲକର ବାଲାପାଇ ବାହାରିବାକୁ ହୁଏ। ପ୍ରାୟପନ୍ଦରଗୋଟି ଗାଁକୁ ସଂଯୋଗହେଉଥିବା ଏହିରାସ୍ତାରୁ ତୁରନ୍ତ ସେହି ପଥରକୁ ହଟେଇବାକୁ ଦାବି ହେଉଛି।

## ଚକ୍ଷୁ ପରୀକ୍ଷା ଶିବିର ଉଦ୍‌ଘାଟିତ



କୋରାପୁଟ,୬।୭(ସମିସ): ପୂର୍ବତନ ସେନା ଅବଦାନ ମୂଳକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ପୂର୍ବତନ ବାୟୁସେନା ଅଫିସର ଗ୍ରୁପ୍ କ୍ୟାପେଟନ୍ ଆଶିଷ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଶଙ୍କର ଚକ୍ଷୁ ଫାଉଣ୍ଡେସନ ବିଶାଖାପାଟଣାର ଡ.ରାହୁଲ, ଡିଜିଏମ ବେଣୁଗୋପାଳ ଓ ସବୀର କୁମାର ଉପସ୍ଥିତ ରହି ସେନା ବିଭାଗରେ କାର୍ଯ୍ୟରତ ଥିବା ପୂର୍ବତନ ସୈନିକ ମାନଙ୍କର ଚକ୍ଷୁ ପରୀକ୍ଷା କରିବା ସହିତ ଔଷଧ ପ୍ରଦାନ କରିଥିଲେ। ଏହି ଶିବିରରେ ୭୭ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା. ଚନ୍ଦ୍ରକଳା, ବାଳକୃଷ୍ଣ ଗୌଡ, ହାବିଲଦାର ପ୍ରଶାନ୍ତ ଦଳେଇ, ଅଭିଷେକ ନାଇଡୁ ପ୍ରମୁଖ ଉପସ୍ଥିତ ରହି ଏହି ଶିବିରକୁ ପରିଚାଳନା କରିଥିଲେ।

## ସଦ୍‌ଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ ପୁନରୁଦ୍ଧାର ପାଇଁ କ୍ରୀଡ଼ା ମନ୍ତ୍ରୀଙ୍କୁ ଦାବିପତ୍ର



ରାୟଗଡ଼ା,୬।୭(ସମିସ): ରାୟଗଡ଼ା ଜିଲ୍ଲାରେ କ୍ରୀଡ଼ାର ଭିତ୍ତିଭୂମି ବିକାଶ ଓ କ୍ରୀଡ଼ାବିତ୍‌ଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଶୁକ୍ରବାର ରାୟଗଡ଼ା ଗସ୍ତରେ ଆସିଥିବା କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛି ରାୟଗଡ଼ା ନଗର ଭାରତୀୟ ଜନତା ପାର୍ଟି। ନଗର ଭାଜପା ସଭାପତି ରାଜେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ମନ୍ତ୍ରୀ ସୂରଜଙ୍କୁ ଏହି ଦାବି ପତ୍ର ପ୍ରଦାନ କରାଯାଇଛି। ରାୟଗଡ଼ା ସ୍ଥିତ ସଦ୍‌ଭାବନା ସ୍ପୋର୍ଟସ କମ୍ପ୍ଲେକ୍ସର ମରାମତି ଓ ପୁନରୁଦ୍ଧାର ପାଇଁ ମଧ୍ୟ ଏକ ପ୍ରସ୍ତାବ ଦେଇଛି ନଗର ଭାଜପା କମିଟି। କ୍ରୀଡ଼ା ଓ ଯୁବ ସେବା ବିଭାଗକୁ ଦିଆଯାଇଥିବା ଏହି ପ୍ରସ୍ତାବରେ ୨ କୋଟି ୩୩ ଲକ୍ଷ ୨୦ହଜାର ଟଙ୍କାର ବ୍ୟୟ ଅଟକଳର ଯୋଜନା ଲିଖିତ ରହିଛି। ଏହି ପ୍ରସ୍ତାବକୁ ସ୍ୱୀକୃତି ଦେଇ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସକୁ କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳର ଯୁବ କ୍ରୀଡ଼ାବିତ୍ ଲାଭବାନ ହୋଇପାରିବେ ବୋଲି ନଗର ସଭାପତି ରାଜେଶ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏତଦ୍‌ବ୍ୟତିତ ୨୦ ବର୍ଷ କଳା ପୁର୍ନଗଠନ ହୋଇନଥିବା କ୍ରୀଡ଼ା ସଂସଦ ଗଠନ, ଜିଲ୍ଲାରେ କ୍ରିକେଟ, ବାସ୍କେଟ ବଲ, ହକି ଏବଂ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ପୁର୍ନଗଠନ କରି ଅଞ୍ଚଳର ଯୁବ ପ୍ରତିଭାଙ୍କୁ ସୁଯୋଗ ଦେବା ପାଇଁ ଦାବି କରିଛନ୍ତି ରାଜେଶ ଓ କମିଟି। ଏହି ଦାବିପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ନଗର ଭାଜପା କମିଟିର ରାମକୃଷ୍ଣ ପାଣିଗ୍ରାହୀ ଓ ଅଜୟ ଚୁଲେଟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି



ରାୟଗଡ଼ା,୬।୭(ସମିସ): ଆସନ୍ତା ଅଗଷ୍ଟ ମାସ ୯ ତାରିଖ ଦିନ ଜିଲ୍ଲାସ୍ତରୀୟ ବିଶ୍ୱ ଜନଜାତି ଦିବସ ଜିଲ୍ଲା ଆଦିବାସୀ ସମାଜ ତରଫରୁ ପାଳନ କରିବା ନିମନ୍ତେ ଆବାହକ ଦୁର୍ଗା ଚରଣ ମାଣ୍ଡାଙ୍ଗିଙ୍କ ସଭାପତିତ୍ୱରେ ଆଜି ଏକ ପ୍ରସ୍ତୁତି ବୈଠକ ହୋଟେଲ ଅଶୋକଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବରେ ରାୟଗଡା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା ଯୋଗ ଦେଇ ବିଭିନ୍ନ ରାଜନୈତିକ ଦଳ ବା ଅନ୍ୟ କ୍ଷେତ୍ରରେ ଥିଲେ ମଧ୍ୟ ଆଦିବାସୀଙ୍କ ସାମୂହିକ କାର୍ଯ୍ୟକ୍ରମରେ ଏକାଠି ହେବାକୁ ପଡିବ ଏବଂ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାଇଚାରାର ବାର୍ତ୍ତା ନେଇ ଏହି ଦିବସକୁ ଧୁମଧାମରେ ପାଳନ କରିବା ବୋଲି କହିଥିଲେ। ବୈଠକରେ ସମାଜର ବିଭିନ୍ନ ସମସ୍ୟା ଓ ଉନ୍ନୟନ କାମ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ପ୍ରାୟ ବିଭିନ୍ନ ବ୍ଲକରୁ ବୁଦ୍ଧିଜୀବି ମାନେ ଏହି ବୈଠକରେ ଯୋଗ ଦେଇ ବିଭିନ୍ନ ମତାମତ ଦେଇଥିଲେ। ବୈଠକରେ ଅବସରପ୍ରାପ୍ତ ଓଏଏସ୍ ଅଧିକାରୀ ଗୋପିନାଥ ସାରାକା, କାର୍ଯ୍ୟକାରୀ ସଭାପତି ଚକ୍ରଧର ବିଡିକା, ସହ ଆବାହକ ସାମ୍ବୟୋ କଣ୍ଡାଗରି ମଞ୍ଚାସୀନ ହୋଇ ଦିବସଟିକୁ ସୁରୁଖୁରୁରେ ପାଳନ କରିବା ନିମନ୍ତେ ବିଭିନ୍ନ ଉପ କମିଟି, ଷ୍ଟେଜ କମିଟି, ଆୟୋଜନ କମିଟି, ଖାଦ୍ୟ କମିଟି, ପ୍ରସେଶନ କମିଟି, ସାଂସ୍କୃତିକ କମିଟି, ପ୍ରଚାର ପ୍ରସାର କମିଟି, ପାଣ୍ଠି କମିଟି, ଆଇନଗତ କମିଟି ପ୍ରଭୃତି ବିଭିନ୍ନ କମିଟି ଗଠନ କରାଗଲା। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସାହେବ ଜାକାକା, ବୃନ୍ଦାବନ ମାଣ୍ଡାଙ୍ଗି, ସୁବ୍ଦା ରାଓ ବିଡିକା, ଓଡ଼ିଶା ଆଦିବାସୀ ମହାସଙ୍ଘ ରାୟଗଡ଼ ଶାଖା ବସନ୍ତ ପେଦେଣ୍ଟି, ବିଏନରାଓ ,ଜଳନ୍ଧର ପୁସିକା, ଲକ୍ଷ୍ମଣ ମନିଆକା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ଗଙ୍ଗାଧର ପୁଆଲା, ହର ପ୍ରସାଦ ହେପୃକା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସହ ଆବାହକ ସାମ୍ବୟୋ କଣ୍ଡାଗିରି।

## ସବୁଠି ବୁଲା ଗାଈଗୋରୁଙ୍କ ଉତ୍ପାତ

**ବଢୁଛି ଦୁର୍ଘଟଣା, ଟ୍ରାଫିକ ସମସ୍ୟା**



ଜୟପୁର, ୬।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସାରା ସହରରେ ବୁଲା ଗାଈଗୋରୁଙ୍କ ଉତ୍ପାତ ବଢିଚାଲିଛି। ବିଭିନ୍ନ ସାହି ଓ ବସ୍ତି ସମେତ ୨୬ ନମ୍ବର ଜାତୀୟ ରାଜପଥ ଉପରେ ମଧ୍ୟ ଗାଇମାନେ ଆ‡ ଜମାଉଥିବା ଯୋଗୁଁ ଛୋଟବଡ଼ ଦୁର୍ଘଟଣା ଘଟିବା ସହ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ସ୍ଥାନୀୟ କିଛି ଗାଈର ମାଲିକ ଗାଈଙ୍କ କ୍ଷୀର ବାହାର କରିବା ପରେ ବାହାରେ ଛାଡି ଦେଉଛନ୍ତି। ସହରରେ ବୁଲା ଷଣ୍ଢ ଗୁଡିକର ପ୍ରାଦୁର୍ଭାବ ମଧ୍ୟ ବୃଦ୍ଧି ପାଇଛି। ବିଭିନ୍ନ ସମୟରେ ଦୁଇଟି ଷଣ୍ଢ ମଧ୍ୟରେ ଲୋକ ଗହଳୀ ସ୍ଥାନରେ ଲଢେଇ ଯୋଗୁଁ ସାଧାରଣ ଲୋକ ଆହତ ହେଉଥିବା ବେଳେ ଗାଡି ମୋଟର ମଧ୍ୟ ତଳେ ପଡି ଭାଙ୍ଗି ଯାଉଛି। ସଂଧ୍ୟା ହେଲେ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟ ଛକ, ଟ୍ରାଫିକ ଛକ ଠାରେ ୨୬ ନମ୍ବର ଜାତୀୟ ରାଜପଥ ଉପରେ ଗାଈଗାରୁ ଏକଜୁଟ ହୋଇ ରହୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିପରୀତ ଦିଗରୁ ଆସୁଥିବା ଗାଡିର ଲାଇଟ୍ ଦେଖାଯାଉନଥିବାରୁ ମୁଖ୍ୟତଃ ବାଇକ୍ ଚାଳକ ମାନେ ଗାଈଗୋରୁଙ୍କୁ ଧକ୍କା ଦେଇ ଆହତ ହେଉଛନ୍ତି। ଏପରି ଧନଜୀବନ ନଷ୍ଟ ହେବାର ମଧ୍ୟ ଆଶଙ୍କା ଦେଖାଦେଇଛି। ସହରର ସମସ୍ତ ସାହି, ବସ୍ତି ଓ ଦୈନିକ ବଜାର ମୁଖ୍ୟ ରାସ୍ତା, ଇରିଗେସନ କଲୋନୀ, ଫରେଷ୍ଟ କୋଲନୀ ଏବଂ ଲିଙ୍ଗରାଜ ନଗରକୁ ସଂଯୋଗ କରୁଥିବା କୋର୍ଟ ପାଖର୍ ରାସ୍ତାରେ ମଧ୍ୟ ସଂଧ୍ୟାରେ ଗାଈ ଗୋରୁଙ୍କ ରାସ୍ତା ଉପରେ ଜମାହେବାର ଦେଖାଦେଇଛି। ଗତ କିଛି ମାସ ପୂର୍ବରୁ ଜୟପୁର ପୌରସଂସ୍ଥା ପକ୍ଷରୁ ରାସ୍ତାରେ ବୁଲାବୁଲି କରୁଥିବା ଗୋରୁ ଗାଈ ମାନଙ୍କୁ ନେଇ ଗୋଶାଳାରେ ରଖିଥିଲେ। ଗାଈର ମାଲିକ ମାନେ ନିଜ ଗାଈ ଆଣିବାକୁ ଯିବାବେଳେ ସେମାନଙ୍କୁ ଜରିମାନା କରାଯାଇ ରାସ୍ତା ଉପରେ ଗାଈ ଛାଡିବାକୁ ତାଗିଦ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ପୁଣି ଗାଈ ମାଲିକ ମାନେ ଗାଈ ଗୁଡିକକୁ ରାସ୍ତା ଉପରେ ଛାଡୁଥିବା ବେଳେ ପୌରସଂସ୍ଥା ନିରବ ହୋଇ ବସିଛି। ଫଳରେ ସହର ବାସିନ୍ଦା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଗୋରୁଗାଈଙ୍କୁ ଉଦ୍ଧାର କରାଯାଇ ଗୋଶାଳାରେ ରଖିବା ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏଥିନେଇ ପୌର ସଂସ୍ଥାର ଅତିରିକ୍ତ ନିର୍ବାହୀ ଅଧିକାରୀ ପୂଜା ରାଉତ କହିଛନ୍ତି ଯେ,ଅତିଶୀଘ୍ର ସହରର ବୁଲା ଗୋରୁଗାଈଙ୍କ ଉପରେ କାର୍ଯାନୁଷ୍ଠାନ ନେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ସହିତ ଆଲୋଚନା କରାଯିବା ପରେ ପଦକ୍ଷେପ ଗ୍ରହଣ କରାଯିବ।

## ସୁନାବେଶ ଦର୍ଶନ କଲେ ଶ୍ରଦ୍ଧାଳୁ



ମାଲକାନଗିରି, ୬ ।୭ (ସମିସ): ଶ୍ରୀ ଜୀଉଙ୍କ ବାହୁଡା ଯାତ୍ରାରେ ପ୍ରଭୂ ଚତୁର୍ଦ୍ଧାମୂର୍ତ୍ତି ଗତକାଲି ସନ୍ଧ୍ୟାରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ । ଆଜି ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିର ନିକଟରେ ସନ୍ଧ୍ୟାରେ ଚର୍ତ୍ତୁଦ୍ଧାମୂର୍ତି ଙ୍କର ରଥ ଉପରେ ସୁନାବେଶ କରାଯାଇଛି । ମାଲକାନଗିରି ଜିଲ୍ଲା ସଦର ମହକୁମା ଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ରଥାରୁଢ ଚତୁର୍ଦ୍ଧାମୂର୍ତିଙ୍କର ସୁନାବେଶ ଦର୍ଶନ ପାଇଁ ରାତ୍ର ପର୍ଯ୍ୟନ୍ତ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗିଥିଲା । ପାଗ ଅନୁକୁଳ ଥିବାରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଭିଡ଼ ରହିଥିଲା । ଜିଲ୍ଲା ସଦର ମହକୁମା ଠାରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥା ରୁଢ଼ ଚତୁର୍ଦ୍ଧାମୂର୍ତିଙ୍କୁ ମନ୍ଦିର ମୂଖ୍ୟ ପୂଜକ ସନ୍ତୋଷ କୁମାର ନନ୍ଦ , ସେବାୟତ ଓ ବ୍ରାହ୍ମଣ ମାନେ ଠାକୁରଙ୍କୁ ରୌପ୍ୟ ଓ ସ୍ୱର୍ଣ୍ଣ ଅଳଙ୍କାରରେ ସଜାଇଥିଲେ । ରାତିରେ ଜୟ ବଜରଙ୍ଗ ବାଲି ସଂକୀର୍ତନ ମଣ୍ଡଳୀ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ପୁଲିସ ବାହିନି ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଅନୁରୂପ ଭାବେ ଜିଲ୍ଲା ସଦର ମହାକୁମା ବନ ବିଭାଗ, କାଲିମେଳା, ମୋଟୁ, ପଡିଆ, ଏମଭି୭ ୯ , ଖଇରପୁଟ, ଦୟାଣ କ୍ଷେତ୍ର, କାଳିଆଗୁଡା ସାବେରୀ ଶ୍ରୀକ୍ଷେତ୍ର, ଗୋବିନ୍ଦପାଲି, ବାଲିମେଳା, ଚିତ୍ରକୋଣ୍ଡା ସମେତ ବିଭିନ୍ନ ସ୍ଥାନରେ ଶ୍ରୀ ଜଗନ୍ନାଥଙ୍କ ସୁନାବେଶ ଭକ୍ତ ମାନେ ଦର୍ଶନ କରିଛନ୍ତି ।

## ପାବନ ଶ୍ରୀକ୍ଷେତ୍ରକୁ ବାହୁଡ଼ିଲେ ମହାବାହୁ



ପଦ୍ମପୁର, ୬।୭ (ସମିସ): ପାବନ ଶ୍ରୀକ୍ଷେତ୍ର ଗୁମୁଡ଼ାରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଲିମାପଦରର ପ୍ରପନ ତ୍ରିପାଠୀଙ୍କ ନେତୃତ୍ୱରେ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ କରାଯାଇ ପ୍ରଥମେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କୁ ଗୋଟି ପହଣ୍ଡି ମାଧ୍ୟମରେ ରଥାରୂଢ କରାଯାଇଥିଲା । ରଥ ଉପରେ ଠାକୁରଙ୍କ ନୀତିକାନ୍ତି ପରେ ମନ୍ଦିର କର୍ତ୍ତା ରାଧାକୃଷ୍ଣ ପାଣିଗ୍ରାହୀ ଛେରାପହଁରା କରିଥିଲେ । ହଜାର ହଜାର ଭକ୍ତଙ୍କ ସମାଗମରେ ରଥ ଟଣା କାର୍ଯ୍ୟ ସମ୍ପାଦନ ହୋଇଥିଲା । ପୂଜକ ଗୋପାଳ କୃଷ୍ଣ ମହାପାତ୍ର, ଯୋଗେଶ ମହାପାତ୍ର, ମୁରଲୀ ମୋହନ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଆଜିର ଏହି ରଥଯାତ୍ରା କାର୍ଯ୍ୟକ୍ରମରେ ପ୍ରମୋଦ ତ୍ରିପାଠୀ, ସୁସ୍ମିତା ମିଶ୍ର ଧାରା ବିବରଣୀ ଦେଇଥିଲେ । ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ରଥଯାତ୍ରା ପାଇଁ ଗୁମୁଡା ଫାଣ୍ଡିର ସମସ୍ତ ପୁଲିସ ବାହିନୀ ଓ ଅଗ୍ନିଶମ ବିଭାଗ କର୍ମଚାରୀ ନିୟୋଜିତ ହୋଇଥିଲେ । ରଥଯାତ୍ରାରେ ରାମନଗୁଡ଼ା ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଗୁଡ଼ାରୀ ଏନଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ ପାଢ଼ୀ, ଭାମିନି ସରପଞ୍ଚ ରିତୁପ୍ରଭା ଗମାଙ୍ଗ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ । ସଞ୍ଜୟ, ପୂର୍ଣ୍ଣ, ଜି ପ୍ରସାଦ, ସତ୍ୟ ନାରାୟଣ ଚୌଧୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

■ ଅଷ୍ଟମ ଥର ପାଇଁ ଶାନ୍ତି ପ୍ରସ୍ତାବ

## ଲଢ଼େଇ ବନ୍ଦ ଲାଗି ଚିଠି ଲେଖିଲା ମାଓ ସଂଗଠନ

ମାଲକାନଗିରି, ୬ ।୭ (ସମିସ): ମାଓ ସଙ୍ଗଠନ ପକ୍ଷରୁ ପୁଣି ଶାନ୍ତି ପ୍ରସ୍ତାବ ପାଇଁ ଲେଖା ଯାଇଛି ଚିଠି । ତେଲେଙ୍ଗନା ସରକାରଙ୍କ ଉଦ୍ଦେଶ୍ୟରେ ମାଓ ସଙ୍ଗଠନ ପକ୍ଷରୁ ଏହି ଚିଠି ଲେଖା ଯାଇଛି । ତେବେ ଗତ କିଛିଦିନ ଧରି କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଓ ଦମନ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସହ ଅପରେସନକୁ ବଢାଇ ଦିଆଯାଇଛି । ଯାହା ଫଳରେ ମାଓ ସଙ୍ଗଠନର ଅନେକ ବଡ ବଡ ମାଓ ନେତା ଓ ମାଓ ସଦସ୍ୟ ନିହତ ହୋଇଥିବା ସହ ଅନେକ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଯାହା ଫଳରେ ମାଓ ସଙ୍ଗଠନ ବର୍ତ୍ତମାନ ଦୁର୍ବଳ ହେଉଥିବା ବେଳେ ମାଓ ସଙ୍ଗଠନ ପକ୍ଷରୁ ଅଷ୍ଟମ ଥର ପାଇଁ ମାଓ କେନ୍ଦ୍ରୀୟ କମିଟିର ନେତା ଅଭୟଙ୍କ ଦ୍ୱାରା ଜାରି କରାଯାଇଛି । ତେଲେଙ୍ଗନା ସରକାରଙ୍କ ପାଖକୁ ଏହି ଚିଠି ପଠା ଯାଇଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ମାଓ ଦମନ ଅଭିଯାନ ଉପରେ ରୋକ ଲଗାଇବା ଓ ଶାନ୍ତି ପ୍ରସ୍ତାବ ଉପରେ ଆଲୋଚନା କରିବା ବିଷୟରେ ଚିଠିରେ ଲେଖା ରହିଛି । ପୂର୍ବରୁ ତେଲେଙ୍ଗନା ସରକାର ମାଓ ସଙ୍ଗଠନ ସହ ଆଲୋଚନା କରି ଲଢେଇ ବନ୍ଦ କରିବା ଦିଗରେ ସମର୍ଥନ କରୁଥିବାରୁ ଏହି ଚିଠି ମାଓ ସଙ୍ଗଠନ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟକୁ ତେଲେଙ୍ଗନା ସରକାରଙ୍କ ଜରିଆରେ ମାଓ ସଙ୍ଗଠନ ପ୍ରେରିତ କରିଥିବା ସୂଚନା ମିଳିଛି ।

## ଲଗାଣ ବର୍ଷାରେ ଭାଙ୍ଗିଲା ୨ ଘର



ଟିକିରି, ୬।୭ (ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଡୁଡୁକାବାହାଲ ପଞ୍ଚାୟତ ଅନ୍ତର୍ଗତ କାଳିଆପଡା ଗ୍ରାମର ବାଲେ ନାଏକଙ୍କ ଘର ଲଗାଣ ବର୍ଷାରେ ଶନିବାର ରାତିରେ କାନ୍ଥ ପଡି ଭାଙ୍ଗି ଯାଇଛି । ପରିବାର ଲୋକ ଅଳ୍ପକେ ବର୍ତ୍ତିଯାଇଛନ୍ତି । ସେହିପରି ଶଙ୍କରଡା ପଞ୍ଚାୟତର ସଦର ବ୍ରହ୍ମଣ ସାହିର ଗଗନ କୁମାର ଦାସଙ୍କର ଘର ମଧ୍ୟ ଶନିବାର ରାତିରେ କାନ୍ଥ ପଡି ଭାଙ୍ଗିବା ସହ ଘରର ଆସବାବପତ୍ର ନଷ୍ଟ ହୋଇଯାଇଛି । ଅଳ୍ପକେ ବର୍ତିଲେ ପରିବାର ଲୋକେ । ସରକାରଙ୍କ ତରଫରୁ କ୍ଷୟକ୍ଷତିର ଆକଳନ କରି ସହାୟତା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ରାୟଗଡ଼ାରେ ଆକାଶ ଛୁଆଁ ପନିପରିବା ଦର



● ୬୦ ଟଙ୍କା ଉପରେ ପରିବା ମୂଲ୍ୟ
● ରାୟଗଡ଼ା ପରିବା ଯାଉଛି କୁଆଡ଼େ?

ରାୟଗଡ଼ା, ୬।୭ (ସମିସ): ରାୟଗଡ଼ା ପନିପରିବା ବଜାରରେ ବର୍ଷ ବର୍ଷ ଧରି ପରିବା ଦର ନିୟନ୍ତ୍ରଣ କରିବାରେ ପୌର ପରିଷଦ, ନିୟନ୍ତ୍ରିତ ବଜାର କମିଟି ତଥା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉ ନ ଥିବାରୁ ବ୍ୟବସାୟୀ ମନଇଛା ପରିବା ଦର ନିୟନ୍ତ୍ରଣ କରୁଛନ୍ତି । ଏହାର ପ୍ରଭାବ ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ରୋଷେଇ ଘର ଉପରେ ପଡୁଛି । ରାୟଗଡ଼ା ପରିବା ବଜାରରେ ଏବେ ସବୁ ପନିପରିବା ଦର ଆକାଶ ଛୁଆଁ ହୋଇଛି । ପରିବା ବଜାରରେ କେଜି ପିଛା ଫୁଲକୋବି ୮୦, ଟମାଟ ୫୦, ପୋଟଳ ୮୦, ଜହ୍ନି ୬୦, କଲରା ୬୦, ବିନ୍ସ ୧୦୦, ବରବଟି ୮୦, ପତ୍ରକୋବି ୫୦, ଭେଣ୍ଡି ୬୦, ବାଇଗଣ ୬୦, ଦେଶୀ କାଙ୍କଡ ୩୦୦, କଞ୍ଚା ଲଙ୍କା ୧୨୦, ସାରୁ ୬୦, ମୁନିଙ୍ଗା ୧୦୦ ଶହ ଅନ୍ୟାନ୍ୟ ପନିପରିବା କେଜି ପିଛା ୬୦ଟଙ୍କାରୁ ଅଧିକ ରହିଛି । ରାୟଗଡ଼ା ଜିଲ୍ଲା କୃଷି ବିଭାଗ ତଥ୍ୟ ପ୍ରକାରେ ଜିଲ୍ଲାରେ ଖରିଫ ଓ ରବି ଋତୁରେ ହଜାର ହଜାର ହେକ୍ଟର ଚାଷ ଜମିରେ ପୋଟଳ, ପତ୍ରକୋବି, ଫୁଲକୋବି, କଲରା, ଟମାଟ, ଭେଣ୍ଡି, ବାଇଗଣ ଓ ଅନ୍ୟାନ୍ୟ ପରିବା ଚାଷ କରାଯାଉଥିବା ନେଇ ରିପୋର୍ଟ ଦିଆଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଏସବୁ ଚାଷ ହୋଇ ମଧ୍ୟ ରାୟଗଡ଼ା ମୁଖ୍ୟ ବଜାରରେ ବର୍ଷ ବର୍ଷ ଧରି ପନିପରିବା ଦର ବୃଦ୍ଧି ହୋଇ ରହିଛି । ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ପରିବା ଉପରେ ନିର୍ଭର କରି ବର୍ତ୍ତମାନ ପରିବା ବଜାର ଚାଲୁଥିବା କିଛି ଗ୍ରାହକ କହିଛନ୍ତି । ସ୍ଥାନୀୟ ପରିବା ଅଧିକ ପରିମାଣରେ ଉତ୍ପାଦନ ହୋଇ ପାରୁ ନ ଥିବାରୁ ଅନ୍ୟ ଜିଲ୍ଲା ଓ ରାଜ୍ୟରୁ ପରିବା ଆଣିବାକୁ ପଡୁଛି । ଫଳରେ ଦର ଦାମ ଅଧିକା ହେଉଛି ଏବଂ ରିଟେଲର ମାନେ ଏହାକୁ ଆହୁରି ଅଧିକା ଦରରେ ବଜାରରେ ବିକ୍ରି କରୁଛନ୍ତି ବୋଲି କୁହାଯାଉଛି । ରାୟଗଡ଼ା ପରିବା ବଜାର ଦରଦାମ ଉପରେ ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି କୁହାଯାଉଛି । ଗତ ୨୦୨୩ ବର୍ଷରେ ଖରିଫ ଋତୁରେ ଜିଲ୍ଲାରେ ୧୫୩୩୦ ହେକ୍ଟର ଚାଷ ଜମିରେ ପନିପରିବା ଚାଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୧୧୦୧୮ ହେକ୍ଟରରେ ଲକ୍ଷ୍ୟ ହାସଲ ହୋଇଥିଲା । ସେହିପରି ୨୦୨୪ବର୍ଷରେ ୧୧୫୦୦ହେକ୍ଟର ଚାଷ ଜମିରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୧୨୧୪୪ହେକ୍ଟରରେ ଚାଷ ହୋଇଥିବା ଲକ୍ଷ୍ୟ ହାସଲ ହୋଇଥିଲା । ୨୦୨୩-୨୪ବର୍ଷର ରବି ଋତୁ ନିମନ୍ତେ ୯୧୯୦ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୧୦୩୭୪ହେକ୍ଟର ଲକ୍ଷ୍ୟ ହାସଲ ହୋଇଥିଲା ଏବଂ ୨୦୨୪ ରବି ଋତୁରେ ୯୧୫୦ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟକୁ ୯୫୫୯ହେକ୍ଟର ଚାଷ ଜମିରେ ପନିପରିବା ଫସଲ ଉତ୍ପାଦନ ହୋଇଥିବା ବିଭାଗୀୟ ରିପୋର୍ଟ ପ୍ରକାଶ କରୁଛି । ତେବେ ଉତ୍ପାଦନ ହେଉଥିବା ସମସ୍ତ ପନିପରିବା ଯଦି ବାହାର ଜିଲ୍ଲା ଓ ପଡୋଶୀ ରାଜ୍ୟକୁ ଚାଷୀ କମ ଦରରେ ବିକ୍ରି କରୁଛନ୍ତି, ତେବେ ଜିଲ୍ଲାବାସୀଙ୍କ ପାଇଁ ଆବଶ୍ୟକ ପଡୁଥିବା ଦୈନିକ ହଜାର ହଜାର କ୍ୱିଣ୍ଟାଲର ପନିପରିବାର ଅଭାବୀ ବିକ୍ରି ଦର୍ଶାଇ କିଛି ବ୍ୟବସାୟୀ ମୁନାଫା କମାଉଥିବେ ଏଥିରେ ସନ୍ଦେହ ନାହିଁ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଉଛି । ରାୟଗଡ଼ା ସହରବାସୀଙ୍କ ସମେତ ଜିଲ୍ଲାର ସମସ୍ତ ପନିପରିବା ବଜାରକୁ ପ୍ରଶାସନ ନିଜ ନିୟନ୍ତ୍ରଣରେ ନେଇ ଗ୍ରାହକଙ୍କ ପାଇଁ ଉଚିତ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଶିକରପାଇରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



କଲ୍ୟାଣସିଂହପୁର, ୬।୭ (ସମିସ): କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ସଦରର ବିଭନ୍ନ ସାହିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଫଳରେ ଆବର୍ଜନା ଯୋଗୁଁ ଲୋକେ ବିଭିନ୍ନ ରୋଗରେ ସଂକ୍ରମିତ ହେବା ନେଇ ଆଶଙ୍କା ଦେଖା ଦେଇଛି । ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ରାସ୍ତା କଡ଼ରେ ଆବର୍ଜନା ଜମି ରହୁଥିବା ବେଳେ ସଫେଇ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ବର୍ଷା ଯୋଗୁଁ ଆବର୍ଜନା ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିବା ବେଳେ ନିକଟସ୍ଥ ପୋଖରୀରେ ଗ୍ରାମର ଅଳିଆ ଆବର୍ଜନା ଭର୍ତ୍ତି ହେଉଥିବାରୁ ଅଞ୍ଚଳ ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ବହୁ ବର୍ଷ ହେଲା ପୋଖରୀ ସଫା କରାଯାଉ ନାହିଁ କି ସାହି ଗୁଡ଼ିକରେ ନିୟମିତ ଆବର୍ଜନା ସଫେଇ କରାଯାଉ ନାହିଁ । ପାଇପ୍ ପାଣି ଓ ବର୍ଷା ପାଣି ରାସ୍ତାରେ ଜମି ରହୁଥିବାରୁ ଡେଙ୍ଗୁ ବ୍ୟାପିବା ନେଇ ଆଶଙ୍କା କରୁଛନ୍ତି ଗ୍ରାମବାସୀ । ଗତବର୍ଷ ଡେଙ୍ଗୁ ଓ ମ୍ୟାଲେରିଆରେ ଏହି ଗାଁର କିଛି ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନେକ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ । ଅନ୍ୟପଟେ ଏହି ଅଞ୍ଚଳରେ ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟ କରୁଥିଲେ ମଧ୍ୟ କାହାରି ଦେଖା ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତ ଓ ଆଇସିଡିଏସ୍ ବିଭାଗ ସବୁ ଜାଣୁଥିଲେ ମଧ୍ୟ ଚୁପ୍ ରହୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଯଦି ତୁରନ୍ତ ପରିମଳ ବ୍ୟବସ୍ଥାରେ ସୁଧାର ନ ଆସେ ତେବେ ଆଗାମୀ ଦିନରେ ଲୋକେ ବିଭିନ୍ନ ରୋଗରେ ସଂକ୍ରମିତ ହେବା ନେଇ ଆଶଙ୍କା ଦେଖାଦେଇଛି । ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ହୋଇଥିଲେ ହେଁ ଏ ଦିଗରେ ପଦକ୍ଷେପ ନିଆଯାଉନାହିଁ । ଅନ୍ୟପଟେ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ମଧ୍ୟ ଚୁପ୍ ବସି ରହିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଲୋକେ କହିଛନ୍ତି । ତୁରନ୍ତ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## କତାମାଟେରୁ ଗ୍ରାମରେ ଶାନ୍ତି କମିଟି ବୈଠକ



ମାଲକାନଗିରି, ୬ ।୭ (ସମିସ): ମାଲକାନଗିରି ଜିଲ୍ଲା କତାମାଟେରୁ ଗ୍ରାମରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ଜୁନ ୨୧ ତାରିଖରେ ଏହି ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇ ଅନେକ ଆହତ ହୋଇଥିଲେ । ଏହାକୁ ନେଇ ଅଞ୍ଚଳରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିବା ବେଳେ ଆହତ ବ୍ୟକ୍ତି ମାନେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ହେଇଥିବାରୁ ଏହାକୁ ନେଇ ବିଗତ ଦିନରେ ଜିଲ୍ଲା ଖ୍ରୀଷ୍ଟିୟାନ ମଞ୍ଚ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରି କ୍ଷୋଭ ପ୍ରକାଶ କରଯାଇଥିଲା । ତେବେ ଏସବୁକୁ ନେଇ ଅଞ୍ଚଳରେ କିପରି ଶାନ୍ତି ପ୍ରତିଷ୍ଠା ହେବ ଏବଂ ଲୋକେ ପୂର୍ବ ପରି ଭାଇଚାରାର ସହ ରହିବେ ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକର ଆୟୋଜନ କରଯାଇଥିଲା । ପୂର୍ବରୁ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମରେ ଲୋକଙ୍କୁ ବୁଝାସୁଝା କରାଯାଇଥିବା ବେଳେ ଆଜି ଆୟୋଜିତ ଏହି ବୈଠକରେ ମାଲକାନଗିରି ଉପ ଜିଲ୍ଲାପାଳ ଦୁର୍ଯୋଧନ ଭୋଇ, ପୁଲିସ ଏସଡିପିଓଙ୍କ ସହ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମୀ ଏବଂ ସ୍ଥାନୀୟ ଅଞ୍ଚଳର ନେତୃ ମଣ୍ଡଳୀ ଓ ଉଭୟ ଗୋଷ୍ଠୀର ଲୋକେ ଉପସ୍ଥିତ ରହିଥିଲେ । ସମସ୍ତଙ୍କୁ ଶାନ୍ତିରେ ମିଳିମିଶି ରହିବାକୁ ବୁଝାସୁଝା ଯାଇଥିଲା ।

## ଚାଷୀଙ୍କୁ ମାଗଣା ବିହନ ଦେବା ପାଇଁ ଦାବି



ମାଲକାନଗିରି, ୬।୭ (ସମିସ): ମାଲକାନଗିରି ଜିଲ୍ଲାରେ ଚାଷୀ ମାନେ ରବି ଫସଲ କରିବା ପାଇଁ ପ୍ରସ୍ତୁତ ଥିବା ବେଳେ ଏନେଇ ସେମାନଙ୍କୁ ମାଗଣାରେ ବିହନ ଯୋଗାଇ ଦେବାକୁ ଦାବି କରିଛି ଜିଲ୍ଲା ଶ୍ରମଜୀବୀ ସଙ୍ଗଠନ । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ ଚାଷ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବା ବେଳେ ଜିଲ୍ଲାର ଚାଷୀ ମାନେ ଆଗାମୀ କିଛି ମାସ ମଧ୍ୟରେ ଦ୍ୱତୀୟ ଚାଷ ଆରମ୍ଭ କରିବାକୁ ସକ୍ଷମ ହୋଇଥାନ୍ତି । ତେଣୁ ଏପରି ସମୟରେ ଏହି ଚାଷୀ ମାନଙ୍କୁ ସରକାରୀ ସ୍ତରରେ ସହାୟତାର ଆବଶ୍ୟକତା ରହିଥିବା ବେଳେ ମାଲକାନଗିରି ଜିଲ୍ଲା ଶ୍ରମଜୀବୀ ସଂଗଠନ ପକ୍ଷରୁ ଚାଷୀ ମାନଙ୍କୁ ସରକାରୀ ସ୍ତରରେ ସହାୟତା ଯୋଗାଇବାକୁ ଦାବି କରାଯାଇଛି । ଜିଲ୍ଲାର କୃଷି ବିଭାଗ ଦ୍ୱିତୀୟ ଫସଲ ବା ରବି ଫସଲ ନିମନ୍ତେ ଅକ୍ଟୋବର ୧୫ ତାରିଖ ସୁଦ୍ଧା ଚାଷି ମାନଙ୍କୁ ମାଗଣା ବିହନ ଦେବା ପାଇଁ ଦାବି କରି ସଙ୍ଗଠନ ପକ୍ଷରୁ ଜିଲ୍ଲାର କୃଷି ବିଭାଗ ସହ ଅନ୍ୟାନ୍ୟ ବିଭାଗକୁ ଦାବିପତ୍ର ଦିଆ ଯାଇଛି । ସରକାରୀ ସହାୟତା ମିଳିଲେ ଚାଷୀ ମାନେ ଅଧିକ ଲାଭବାନ ହୋଇ ପାରିବେ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

● ଅଳ୍ପକେ ବର୍ତ୍ତିଲେ ପରିବାର

କଲ୍ୟାଣସିଂହପୁର, ୬।୭ (ସମିସ): ଲଗାଣ ବର୍ଷାରେ ଭୁଶୁଡିଲା କାନ୍ଥ । ଅଳ୍ପକେ ବର୍ତ୍ତିଲେ ପରିବାର । କଲ୍ୟାଣସିଂହପୁର ବ୍ଲକ ପୂଜାରୀଗୁଡ଼ା ପଞ୍ଚାୟତର ଡ଼ିମିରିବାଡ଼ି ଗ୍ରାମର ଏକ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି । ସୌଭାଗ୍ୟ ବଶତଃ ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।



ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଡିମିରିବାଡ଼ି ଗାଁରେ ପ୍ରବଳ ବର୍ଷା ହୋଇଥିଲା । ଏହି ସମୟରେ ଡିମିରିବାଡ଼ି ଗ୍ରାମର ଭୀମ ଅଦାବଂଶ, ଲଳିତା ଅଦାବଂଶ ପରିବାର ଲୋକଙ୍କ ସହ ଘର ଭିତରେ ଶୋଇଥିଲେ । ଲଗାଣ ବର୍ଷା ଯୋଗୁଁ ପୂର୍ବରୁ ଓଦା ହୋଇଥିବା ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା । କାନ୍ଥ ପଡ଼ିବା ସମୟରେ ଶବ୍ଦ ହେବାରୁ ପରିବାର ଲୋକ ଗୋଟିଏ କୋଣରେ ଚାପି ହୋଇ ରହିଯିବାରୁ ଦୁଇ ଝିଅଙ୍କ ସହ ଭୀମ ଓ ଲଳିତା ଅଳ୍ପକେ ବର୍ତ୍ତି ଯାଇଥିଲେ । ତେବେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ବର୍ଷା ପାଣିରେ ଘର ଭିତରେ ଥିବା ଖାଦ୍ୟ ସାମଗ୍ରୀ ଓ ଲୁଗାପଟା ସମେତ ବିଭିନ୍ନ ସାମଗ୍ରୀ ଭିଜି ନଷ୍ଟ ହୋଇଯାଇଥିଲା । ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡ଼ାରେ ଶ୍ରୀଜୀଉଙ୍କ ସୁନାବେଶ



ରାୟଗଡ଼ା, ୬।୭ (ସମିସ): ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡ଼ା ବଡଦାଣ୍ଡରେ ରଥାରୁଢ ଶ୍ରୀଜୀଉଙ୍କ ଆଜି ସୁନାବେଶ ଅନୁଷ୍ଠିତ ହୋଇଛି । ଆଜି ସକାଳ ସମୟରୁ ରଥାରୁଢ ତିନି ଠାକୁରଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା । ମହାପ୍ରଭୁଙ୍କ ଏହି ଦୁର୍ଲଭ ସୁନାବେଶ ଦର୍ଶନ କରିବା ପାଇଁ ଜଗନ୍ନାଥ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥିଲା । ତିନି ଠାକୁରଙ୍କୁ ସୁନା କିରିଟି, ସୁନା ହାତ, ପାଦ ସହ ଅନ୍ୟ ଅଳଙ୍କାର ପରିଭୂଷଣ କରାଯାଇଥିବା ବେଳେ ବଡ ଠାକୁରଙ୍କ ହଳ ଲଙ୍ଗଳ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ହାତରେ ଶଙ୍ଖ, ଚକ୍ର ସୁନା ଆୟୁଦ୍ଧ ଶୋଭା ପାଉଥିଲା । ସକାଳ ୭ଟାରୁ ରାତ୍ର ପର୍ଯ୍ୟନ୍ତ ରଥ ଉପରେ ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା । ରାତ୍ର ଦଶଟା ପରେ ରଥ ନିକଟରେ ମା' ମହାଲକ୍ଷ୍ମୀଙ୍କ ବଚନିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ସିଂହଦ୍ୱାର ନିକଟରେ ଶ୍ରୀ ଜଗନ୍ନାଥଙ୍କ ସେବାୟତ ଓ ମା' ମହାଲକ୍ଷ୍ମୀଙ୍କ ସେବାୟତଙ୍କ ଦ୍ୱାରା ବଚନିକା ପାଠ ପରେ ମା ମହାଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମହାପ୍ରଭୁ ମାନଭଞ୍ଜନ କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିଳାଦ୍ରୀ ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧା ଶ୍ରୀକ୍ଷେତ୍ର ସେବାୟତ ସଙ୍ଘ, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ଦେବୋତ୍ତର ବିଭାଗ, ଜିଲ୍ଲା ଓ ପୁଲିସ ପ୍ରଶାସନର ମିଳିତ ସହଯୋଗରେ ଚଳିତ ବର୍ଷର ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଛି ।

# ରାସ୍ତା ନାହିଁ; ପୁଣି ଭାରରେ ବୁହାହେଲେ ରୋଗୀ



ଟିକିରି, ୬।୭ (ସମିସ): ଡବଲ ଇଞ୍ଜିନ ସରକାରଙ୍କ ଗୋଟିଏ ବର୍ଷ ପୂର୍ତ୍ତି ନେଇ ପ୍ରଶାସନ ପକ୍ଷରୁ ବିକାଶ ମେଳା ଉତ୍ସବ ଜିଲ୍ଲାରେ ଦଶ ଦିନ ଧରି ପାଳନ କରାଯାଇଥିଲା । କିନ୍ତୁ ଏଇ ବର୍ଷକ ମଧ୍ୟରେ କିଭଳି ବିକାଶ ହୋଇଛି ତାହା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଅଞ୍ଚଳରେ । ଗାଁ କୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ପାରୁ ନ ଥିବାରୁ ଭାରରେ ବୁହା ହୋଇ ରୋଗୀ ଚିକିତ୍ସା ପାଇଁ ଯାଉଛନ୍ତି । ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ବିପର୍ଯ୍ୟୟ ସ୍ୱାସ୍ଥ୍ୟସେବା ପାଇଁ ସବୁବେଳେ ଚର୍ଚ୍ଚାରେ ରହି ଆସିଛି । ବ୍ଲକରେ ଆଜି ବି ଅନେକ ଦୁର୍ଗମ ଅଞ୍ଚଳ ଗ୍ରାମକୁ ରାସ୍ତା ସଂଯୋଗ ନଥିବାରୁ ଏଠାରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଉ ଥିବା ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ । ରବିବାର ଦିନ ମଧ୍ୟ ସରପାସ ଗାଁକୁ ରାସ୍ତା ନ ଥିବାରୁ ଗାଁକୁ ଯାଇ ପାରିଲାନି ୧୦୮ ଆମ୍ବୁଲାନ୍ସ । ଅଧାବାଟରେ ଅଟକି ରହିଥିଲା ଗାଡ଼ି । ଗାଁ ଠାରୁ ୩କିମି ଯାଏଁ ଭାରରେ ପଥୁରିଆ ପାହାଡ ରାସ୍ତାରେ ବୋହି ଆଣିବା ପରେ ଆମ୍ବୁଲାନ୍ସରେ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇ ଜଣେ ରୋଗୀଙ୍କ ଚିକିତ୍ସା ଚାଲିଛି । ସୂଚନା ଅନୁଯାୟୀ, କାଶିପୁର ବ୍ଲକ ସିରିପାଇ ପଞ୍ଚାୟତ ଅନ୍ତର୍ଗତ ସାରାପାସ ଗ୍ରାମର ଲାଚି ମାଝୀ (୪୪) କିଛି ଦିନ ହେଲା ଜ୍ୱରରେ ପୀଡ଼ିତ ଥିଲେ । ପରିବାର ଲୋକ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ଖବର ପାଇ ୧୦୮ ଆମ୍ବୁଲାନ୍ସ ବାସଙ୍ଗମାଳୀ ପାହାଡ ଉପରେ ଯାଇ ରାସ୍ତା ନଥିବାରୁ ଅଧା ବାଟରେ ରହିଥିଲା । ପରିବାର ଲୋକେ ଭାରରେ ବୋହି ଆଣି ଆମ୍ବୁଲାନ୍ସରେ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତ କରିଥିଲେ । ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ପରିବାର ଲୋକ କହିଛନ୍ତି । ରାୟଗଡ଼ା ନିର୍ବାଚନ ମଣ୍ଡଳୀ କାଶୀପୁର ବ୍ଲକରେ ୩୧ଟି ଗ୍ରାମକୁ ପଦାଚଲା ରାସ୍ତା ନ ଥିବା ବେଳେ ୧୩୪ଟି ଗାଁକୁ ସ୍ଥାୟୀ ରାସ୍ତା ନ ଥିବାରୁ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ଏହି ଗମନାଗମନ ସମସ୍ୟାର ସମାଧାନ ଯଥାଶୀଘ୍ର କରି ଉକ୍ତ ଅଞ୍ଚଳରେ ବିକାଶର ଧାରା ଆଗେଇ ନେବାକୁ ଉଦ୍ୟମ ଜାରି ରଖିଥିବା ନେଇ ସେ ନିଜ ରିପୋର୍ଟ କାର୍ଡରେ ଉଲ୍ଲେଖ କରିଥିଲେ

# ବେହାଲ ପଡିଆ ଶିଖପାଲ୍ଲୀ ମୁଖ୍ୟରାସ୍ତା

ପଡିଆ, ୬ ।୭ (ସମିସ): ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ବ୍ଲକ ସଦର ମହକୁମା ସହ ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ କରୁଥିବା ପଡିଆ-ଶିଖାପାଲୀ ମୁଖ୍ୟ ରାସ୍ତା ଲଗାଣ ବର୍ଷା ଯୋଗୁଁ ବେହାଲ ହୋଇପଡିଥିବା ଦେଖିବାକୁ ମିଳିଛି । ପଡିଆ-ଶିଖାପାଲୀ ମୁଖ୍ୟ ରାସ୍ତା ପ୍ରାୟ ୩୮ କିମି ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଖାଲଖମା ଭରି ଯିବା ସହ ଏକାଧିକ ସ୍ଥାନରେ ରାସ୍ତା ଧୋଇ ହୋଇଯିବାରୁ ଯାତାୟତ ପ୍ରଭାବିତ ହେଉଛି । ରବିବାର ଅପରାହ୍ଣ ସମୟରେ

### ଅଟକିଲା ମୁଖ୍ୟମନ୍ତ୍ରୀ ବସ୍



ନିଳିଗୁଡା ଗ୍ରାମରୁ ଏହି ରାସ୍ତା ଦେଇ ପଡିଆ ଅଭିମୁଖେ ଫେରୁଥିବା ମୁଖ୍ୟମନ୍ତ୍ରୀ ବସ୍ ତେଲାମଗୁଡା ଗ୍ରାମ ନିକଟରେ ରହିଥିବା କାଦୁଅ ଭରା ସ୍ଥାନରେ ଫସି ଯାଇଥିବାରୁ ଦୀର୍ଘ ସମୟ ଧରି ଯାତ୍ରୀ ମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହୋଇଛନ୍ତି । ବସଟି ଏକ ମୋଟର ସାଇକଲ ଚାଳକକୁ ସାଇଡ ଦେବାକୁ ଯାଇ ଏହି କାଦୁଅରେ ଫସି ଯିବାରୁ ପ୍ରାୟ ୪ ଘଣ୍ଟା ଧରି ଅଟକି ରହିଥିଲା । ତେବେ ଅପରାହ୍ଣ ପ୍ରାୟ ୪ଟା ବେଳେ ବସ୍ କର୍ମଚାରୀ ଗ୍ରାମବାସୀଙ୍କ ସହଯୋଗରେ ବସକୁ କାଦୁଅରୁ ବାହାର କରିବା ପରେ ଯାତାୟତ ସ୍ୱାଭାବିକ ହୋଇପାରିଥିଲା । ଗତ କିଛିଦିନ ଧରି ଲଗାଣ ବର୍ଷା ଜାରୀ ରହିଥିବା ଯୋଗୁଁ ପଡିଆ-ଶିଖାପାଲୀ ମୁଖ୍ୟ ରାସ୍ତାରେ ଚଳାଚଳ ଆହୁରି କଷ୍ଟକର ହୋଇପଡ଼ିଛି । ପଡିଆ ଠାରୁ ତେଲାମଗୁଡା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ଆଠ କିମି ରାସ୍ତାର ପ୍ରତି କେଇ ମିଟର ବ୍ୟବଧାନରେ ବଡ଼ ବଡ଼ ଗାତ ହେବାରୁ ଲଗାଣ ବର୍ଷା ଯୋଗୁଁ କୃତ୍ରିମ ଗଡ଼ିଆର ଭ୍ରମ ସୃଷ୍ଟି କରୁଛି । ଏଥିସହ ବିଭିନ୍ନ ସ୍ଥାନରେ କାଦୁଅ ପଚପଚ ହୋଇପଡ଼ି ଥିବାରୁ ଚାରିଚକିଆ ଯାନବାହାନର ଯାତାୟାତ ଏକ ପ୍ରକାର ଠପ୍ ହୋଇପଡ଼ିଲାଣି । ଏପରି ସ୍ଥିତିରେ ପଡିଆ-ଶିଖାପାଲୀ ମୁଖ୍ୟ ରାସ୍ତାର ମରାମତି ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ସୁପ୍ରିମକୋର୍ଟରେ ବିହାର ଭୋଟର ତାଲିକା ବିବାଦ

ନୂଆଦିଲ୍ଲୀ,୬।୭(ଏଜେନ୍ସି): ବିହାରରେ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ନୂଆ ସଂଘର୍ଷ ଆରମ୍ଭ ହୋଇଛି। ଭୋଟର ତାଲିକାର ଯାଞ୍ଚକୁ ନେଇ ଆରମ୍ଭ ହୋଇଛି ଏହି ସଂଘର୍ଷ। ଭୋଟର ତାଲିକା ଯାଞ୍ଚ୍ ପ୍ରକ୍ରିୟାକୁ ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର ବିରୋଧକରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଆଧାର କାର୍ଡକୁ ବୈଧ ପରିଚୟ ପତ୍ର ଭାବେ ମାନ୍ୟତା ମିଳିଥିବା ବେଳେ ନିର୍ବାଚନ କମିଶନ ଏହାକୁ ଭୋଟର ତାଲିକା ଯାଞ୍ଚ୍ ବେଳେ ପରିଚୟ ପତ୍ର ଭାବେ ଗ୍ରହଣ କରିନାହିଁ। ଏ ନେଇ ପ୍ରକାଶିତ ହୋଇଥିବା ତାଲିକାରେ ଆଧାର କାର୍ଡକୁ ସାମିଲ କରାଯାଇନାହିଁ। ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛି। ଏ ନେଇ ମହୁଆ ସୁପ୍ରିମକୋର୍ଟରେ ଅନୁଚ୍ଛେଦ ୩୨ ଅନୁସାରେ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଜୁନ୍ ୨୪ରେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶକୁ ରଦ୍ଦ କରିବାକୁ ଏଥିରେ ଦାବି କରାଯାଇଛି। କମିଶନଙ୍କ ଆଦେଶ ସମ୍ବିଧାନ ଅନୁଚ୍ଛେଦର ଉଲ୍ଲଂଘନ ବୋଲି ମହୁଆ ଆବେଦନରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ଏକାଧିକ ବାର ମତଦାନ କରିଥିବା ବ୍ୟକ୍ତିଙ୍କୁ ଏଥର ନାଗରିକତା ପ୍ରମାଣ କରିବାକୁ ପରୋକ୍ଷରେ କୁହାଯାଉଛି। ତେଣେ କମିଶନ ଏହି ପ୍ରକ୍ରିୟାକୁ ଅନ୍ୟ ରାଜ୍ୟରେ ଲାଗୁ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପଶ୍ଚିମବଙ୍ଗରେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ବିରୋଧୀ ଏହି ପ୍ରକ୍ରିୟାକୁ ବନ୍ଦ କରିବାକୁ ଅଣ୍ଟା ଭିଡିଛନ୍ତି। ସେପଟେ ଆସୋସିଏସନ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ମଧ୍ୟ ଏହି ପ୍ରକ୍ରିୟାକୁ ବିରୋଧ କରି ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦ୍ୱାରାସ୍ଥ ହୋଇଛି। ଏହାଦ୍ୱାରା ବିହାରରେ ଲକ୍ଷାଧିକ ଲୋକ ମତଦାନରୁ ବଞ୍ଚିତ ହେବେ ବୋଲି ଏଡିଆର ତାର ଆବେଦନରେ ଉଲ୍ଲେଖ କରିଛି। ଏହା ମଧ୍ୟରେ ଆରଜେଡି ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆରଜେଡି ଏମ୍‌ପି ମନୋଜ ଝା କମିଶନଙ୍କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଛନ୍ତି। ପିପୁଲ୍ସ ୟୁନିଅନ ଫର ସିଭିଲି ଲିବରଟିଜ୍ (ପିୟୁସିଏଲ୍) ଭଳି ରାଜ୍ୟର ଏକାଧିକ ସିଭିଲ ସୋସାଇଟି ଗ୍ରୁପ୍ ଓ ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ମଧ୍ୟ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଯୁଦ୍ଧ ପରେ ପ୍ରଥମଥର ପାଇଁ ସାମ୍ନାକୁ ଆସିଲେ ଖାମ୍‌ନେଇ

ତେହେରାନ୍,୬।୭(ଏଜେନ୍ସି): ଇସ୍ରାଏଲ ବିପକ୍ଷ ଯୁଦ୍ଧର ପାଖାପାଖି ମାସେ ପରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମନେଇ ପ୍ରଥମଥର ପାଇଁ ସର୍ବସମ୍ମୁଖରେ ଦେଖା ଦେଇଛନ୍ତି। ରାଜଧାନୀ ତେହେରାନ୍‌ରେ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ସମସ୍ତଙ୍କ ସାମ୍ନାକୁ ଆସିଛନ୍ତି। ସେ ମୁସଲମାନଙ୍କ ସିୟା ସମ୍ପ୍ରଦାୟର ଧାର୍ମିକ କାର୍ଯ୍ୟରେ ଯୋଗ ଦେବା ସହ ସମର୍ଥକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ୮୬ ବର୍ଷୀୟ ଖାମନେଇଙ୍କୁ ନିଜ ଗହଣରେ ପାଇ ସମର୍ଥକମାନେ ବେଶ୍ ଉତ୍ସାହିତ ହେବା ସହ ତାଙ୍କ ସମର୍ଥନରେ ସ୍ଲୋଗାନମାନ ଦେଇଥିଲେ। ଆମ ଧମନୀ ତଥା ଶିରାପ୍ରସିରାରେ ଖାମନେଇଙ୍କ ପାଇଁ ରକ୍ତ ପ୍ରବାହିତ ହେଉଛି ବୋଲି ସମର୍ଥକମାନେ ସ୍ଲୋଗାନ ଦେଇ କହିଥିଲେ। ଇସ୍ରାଏଲ ଓ ଇରାନ ମଧ୍ୟରେ ୧୨ ଦିନର ଯୁଦ୍ଧ ଅବସରରେ ସେ ନିରାପଦ ସ୍ଥାନରେ ଲୁଚି ରହିଥିଲେ।

## ବ୍ରିଟିଶ୍ ଜେଟ୍‌କୁ ସଜାଡ଼ିବା ପାଇଁ ଆସିଲେ ୪୦ ଇଞ୍ଜିନିୟର

ତିରୁଅନନ୍ତପୁରମ,୬।୭(ଏଜେନ୍ସି): ବ୍ରିଟିଶ ଫାଇଟର ଜେଟ୍ ଏଫ୍-୩୫ ଠିକ୍ କରିବା ପାଇଁ ବ୍ରିଟେନରୁ ୪୦ ଇଞ୍ଜିନିୟର ରବିବାର ଭାରତ ପହଞ୍ଚିଛନ୍ତି। ବିମାନକୁ ଏଠାରେ ସଜଡ଼ାଯିବ କି ବ୍ରିଟେନ ନିଆଯିବ ସେ ନେଇ ଇଞ୍ଜିନିୟରଙ୍କ ଏହି ଦଳ ନିଷ୍ପତ୍ତି ନେବ। ଜୁଲାଇ ୨ରେ ଏହି ଦଳ ଭାରତ ଆସିବାର କାର୍ଯ୍ୟକ୍ରମ ଥିଲା। ଜୁନ୍ ୧୪ରେ ଏହି ଫାଇଟର ଜେଟ୍ କେରଳର ତିରୁଅନନ୍ତପୁରମ ବିମାନ ବନ୍ଦରରେ ଜରୁରୀ ଅବତରଣ କରିଥିଲା। ଅବତରଣ ପରେ ବିମାନରେ ବୈଷୟିକ ତ୍ରୁଟି ଦେଖିବାକୁ ମିଳିଥିଲା। ଫଳରେ ଏହି ବିମାନ ଫେରିପାରି ନଥିଲା। ଗତ ୧୩ ଦିନ ହେବ ୯୧୮ କୋଟିର ଏହି ବିମାନ ଏୟାରପୋର୍ଟରେ ଛିଡା ହୋଇଛି।

## ଦଲାଇଲାମା ଉତ୍ତରାଧିକାରୀ ଚୟନ କରିପାରିବେ ନାହିଁ: ଚୀନ୍

ନୂଆଦିଲ୍ଲୀ,୬।୭(ଏଜେନ୍ସି): ବୌଦ୍ଧ ଧର୍ମଗୁରୁ ଦଲାଇଲାମା ତାଙ୍କର ଉତ୍ତରାଧିକାରୀ ଚୟନ କରିପାରିବେ ନାହିଁ। ଏହି କଥା କହିଛନ୍ତି ଭାରତରେ ଅବସ୍ଥାପିତ ଚୀନ୍ ରାଜଦୂତ ସୁ ଫେଇହୋଙ୍ଗ୍। ସେ କହିଛନ୍ତି ଯେ, ୧୪ତମ ଦଲାଇଲାମା ଐତିହାସିକ ଓ ଧାର୍ମିକ ପରମ୍ପରାର ଅଂଶବିଶେଷ। 'ଦଲାଇଲାମାଙ୍କ ପୁନର୍ଜନ୍ମ ତାଙ୍କଠାରୁ ଆରମ୍ଭ ହୋଇ ନ ଥିଲା ବା ତାଙ୍କ ପାଇଁ ଶେଷ ମଧ୍ୟ ହୋଇପାରିବ ନାହିଁ। ପରମ୍ପରା ଜାରି ରଖିବା ବା ଶେଷ କରିବା କାର୍ଯ୍ୟ ଦଲାଇଲାମାଙ୍କ ହାତରେ ନାହିଁ। ପୁନର୍ଜନ୍ମ ପରମ୍ପରା ନେଇ ସେ ଏକା ନିଷ୍ପତ୍ତି ନେଇପାରିବେ ନାହିଁ।

## ହତ୍ୟା ମାମଲାରେ ଆପ୍ ବିଧାୟକ ଗିରଫ

ଅହମଦାବାଦ୍,୬।୭(ଏଜେନ୍ସି): ହତ୍ୟା ଉଦ୍ୟମ ମାମଲାରେ ଗୁଜରାଟର ଆପ୍ ବିଧାୟକ ଚଇତାର ଭସଭା ଗିରଫ ହୋଇଛନ୍ତି। ନର୍ମଦା ଜିଲ୍ଲାର ଦେଡିଆପଡାର ତଲୁକା ପଞ୍ଚାୟତର ଜଣେ ଅଧିକାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ତାଙ୍କୁ ପୁଲିସ ଗିରଫ କରିଛି। ଶନିବାର ସନ୍ଧ୍ୟାରେ ଏକ ବୈଠକରେ ଯୁକ୍ତିତର୍କ ତଥା କଥା କଟାକଟି ହେବା ପରେ ସେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ କୋର୍ଡିନେସନ କମିଟିରେ ତାଙ୍କ ନୋମିନିଙ୍କୁ ସ୍ଥାନ ନ ମିଳିବାରୁ ଭସଭା ଉତ୍କ୍ଷିପ୍ତ ହୋଇ ଆକ୍ରମଣ କରିଥିଲେ ବୋଲି ଏଫ୍‌ଆଇଆରରେ ଉଲ୍ଲେଖ କରାଯାଇଛି। ସେପଟେ ଏହି ଗିରଫଦାରୀକୁ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ନିନ୍ଦା କରିଛନ୍ତି।

## କ୍ରାଇମ୍ କ୍ୟାପିଟାଲରେ ପରିଣତ ହେଲାଣି ପାଟନା: ରାହୁଲ

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟା ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିହାରର ନୀତୀଶ କୁମାରଙ୍କ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି। ରାଜଧାନୀ ପାଟନା ଏବେ କ୍ରାଇମ୍ କ୍ୟାପିଟାଲରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଛି। ଏନଡିଏ ସରକାର ପାଟନାକୁ ଅପରାଧିଙ୍କ ଚରାଭୂଇଁରେ ପରିଣତ କରି ଦେଇଛନ୍ତି। ବିହାରରେ ବର୍ତ୍ତମାନ ଲୁଟ୍, ଗୁଳି ଚାଳନା, ହତ୍ୟା ସାଧାରଣ ଅପରାଧରେ ପରିଣତ ହୋଇଛି। ଅପରାଧକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ରାହୁଲ କହିଛନ୍ତି। ଉଲ୍ଲେଖଥାଉ କି, ମଗଧ ହସ୍ପିଟାଲର ମାଲିକ ଗୋପାଳ ଖେମ୍‌କାଙ୍କୁ ଶୁକ୍ରବାର ରାତି ୧୧.୪୦ରେ ନିଜ ଆପାର୍ଟମେଣ୍ଟର ଗେଟ୍ ସମ୍ମୁଖରେ ଗୁଳି କରି ହତ୍ୟା କରାଯାଇଥିଲା। ଏହାକୁ ନେଇ ବିହାରରେ ହଇଚଇ ସୃଷ୍ଟି ହୋଇଛି।



# ଟ୍ରମ୍ପଙ୍କୁ ଖୋଲା ଚ୍ୟାଲେଞ୍ଜ ଦଳ ଗଢ଼ିଲେ ଏଲନ୍ ମସ୍କ

ୱାସିଂଟନ, ୬।୭ (ଏଜେନ୍ସି): ବ୍ୟବସାୟ, ରାଜନୀତି, ନେତାଙ୍କୁ ସମର୍ଥନ, ମନ୍ତ୍ରୀପଦ, ସରକାରୀ ନିଷ୍ପତ୍ତିକୁ ବିରୋଧ, ବିବାଦ, ଇସ୍ତଫା ପରେ ପୁଣି ରାଜନୀତିରେ ସାମିଲ ହେବା ଘଟଣା ଆମେରିକାରେ ଚହଳ ପକାଇ ଦେଇଛି। ଶିଳ୍ପପତି ଏଲନ ମସ୍କଙ୍କ ସହ ଏଭଳି ଘଟଣା ଘଟିଛି। ବନ୍ଧୁତା ବଇରୀ ପାଲଟି ଯାଇଛି। ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ କରି ଆର୍ଥିକ ସହାୟତା ଦେଇଥିବା ମସ୍କ ବିବାଦ ପରେ ରାଷ୍ଟ୍ରପତିଙ୍କ ଠାରୁ ଦୂରେଇ ଯାଇଛନ୍ତି। ଶତ୍ରୁତା ଏତେ ବଢ଼ି ଯାଇଛି ଯେ ଖୋଲାଖୋଲି ଭାବେ ଟ୍ରମ୍ପଙ୍କୁ ବିରୋଧ କରି କ୍ଷମା ମାଗିବାକୁ ପଛାଇ ନାହାନ୍ତି। ଟ୍ରମ୍ପ ମଧ୍ୟ ତାଙ୍କୁ ଧମକ ଦେଇଛନ୍ତି। ଟେସ୍‌ଲା ମାଲିକଙ୍କୁ ଦକ୍ଷିଣ ଆଫ୍ରିକା ପଠାଇ ଦେବେ ବୋଲି ମଧ୍ୟ କହିଛନ୍ତି। ଏପରି ସମୟରେ ଆମେରିକା ରାଷ୍ଟ୍ରପତିଙ୍କୁ ଜବାବ ଦେବା ଲାଗି ଅରବପତି ଏଲନ ମସ୍କ ଶନିବାର ନୂଆ ରାଜନୈତିକ ଦଳ ଗଠନ କରିବାକୁ ଘୋଷଣା କରିଛନ୍ତି। ସେ ଏହାର ନାମ 'ଆମେରିକା ପାର୍ଟି' ରଖିଛନ୍ତି। ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏକ୍ସରେ ମସ୍କ ଏହି ସୂଚନା ଦେଇଛନ୍ତି।

ମସ୍କ ଏହି ଘୋଷଣା କରି ଦେଶର ବର୍ତ୍ତମାନର ରାଜନୈତିକ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ସେ ଦେଶରେ ଏକ ଦଳୀୟ ବ୍ୟବସ୍ଥା ଚାଲିଥିବା ଉଲ୍ଲେଖ କରିଛନ୍ତି। ଆମେ ଗଣତନ୍ତ୍ରରେ ନୁହେଁ, ବରଂ ଏକ ଦଳୀୟ ବ୍ୟବସ୍ଥାରେ ରହୁଛେ। ଦେଶକୁ ବର୍‌ବାଦ କରି ଦେବାଳିଆ କରିଦିଆଯାଉଛି। ଏବେ ଆମେ ଏକଦଳୀୟ ବ୍ୟବସ୍ଥାକୁ ଭାଙ୍ଗିବାକୁ ଯାଉଛୁ। ମସ୍କ ଘୋଷଣା କରିଛନ୍ତି ଯେ ଆଜି ଆମେରିକା

**ରିପବ୍ଲିକାନ୍ ଓ ଡେମୋକ୍ରାଟ୍ ଉଭୟ ଭ୍ରଷ୍ଟ**
**୨ ଦଳୀୟ ବ୍ୟବସ୍ଥାକୁ ଭାଙ୍ଗିବ ଆମେରିକା ପାର୍ଟି**

ପାର୍ଟି ଗଠନ କରାଯାଇଛି। ଲୋକଙ୍କୁ ପୁଣିଥରେ ସ୍ୱାଧୀନତା ଫେରାଇ ଦେବାକୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାକୁ ନେଇ ସେ ଏକ୍ସରେ ସର୍ଭେ ମଧ୍ୟ କରିଥିଲେ। ଏଥିରୁ ୬୬% ଲୋକ ନୂଆ ରାଜନୈତିକ ଦଳ ଚାହୁଁଥିବା ଜଣାପଡ଼ିଛି। ଏବେ ଲୋକଙ୍କ ଇଚ୍ଛା ପୂରଣ ହେବ। ରପବ୍ଲିକାନ ଏବଂ ଡେମୋକ୍ରାଟ ପାର୍ଟି ଆମେରିକାକୁ ବର୍‌ବାଦ ଏବଂ ଦୁର୍ନୀତିର ଗନ୍ତାଘର କରିଦେଇଛନ୍ତି। ଏବେ ଦେଶକୁ ଦୁଇ ଦଳୀୟ ବ୍ୟବସ୍ଥାରୁ ସ୍ୱାଧୀନତା ମିଳିବ। ଟ୍ରମ୍ପଙ୍କ ସହ ବିବାଦ ମଧ୍ୟରେ ମସ୍କ ଏଭଳି ଘୋଷଣା କରିଛନ୍ତି।

ଏହା ପୂର୍ବରୁ ଆମେରିକା ସ୍ୱାଧୀନତା ଦିବସ ଅବସରରେ ମସ୍କ ଏକ୍ସରେ ଏକ ସର୍ଭେ କରାଇ ଥିଲେ। ଏଥିରେ ଦୁଇ ଦଳୀୟ ବ୍ୟବସ୍ଥାରୁ ସ୍ୱାଧୀନତା ଚାହୁଁଛନ୍ତି କି ନାହିଁ ଏବଂ ଆମେରିକା ପାର୍ଟି ଗଠନ କରିବା ଉଚିତ କି ବୋଲି ପଚାରି ଥିଲେ। ସର୍ଭେରେ ୬୫.୪ ପ୍ରତିଶତ ଲୋକ ହଁ ଏବଂ ୩୪.୬ ପ୍ରତିଶତ ନା କହିଥିଲେ। ସୂଚନାଯୋଗ୍ୟ ଯେ ଗତ କିଛି ସପ୍ତାହ ହେଲା ଟ୍ରମ୍ପ ଏବଂ ମସ୍କଙ୍କ ମଧ୍ୟରେ ବିବାଦ ଉଗ୍ର ହୋଇଥିଲା। ଉଭୟ ଗୃହରେ ପାରିତ ଟ୍ରମ୍ପଙ୍କ ପ୍ରିୟ 'ୱାନ ବିଗ୍ ବିୟୁଟିଫୁଲ ବିଲ୍' ଏହି ନିଆଁରେ ଘିଅ ଢାଳି ଥିଲା। ଏହାକୁ ମସ୍କ ତୀବ୍ର ସମାଲୋଚନା କରିଥିଲେ। ପୂର୍ବରୁ ମସ୍କ ଟ୍ରମ୍ପଙ୍କ କ୍ୟାବିନେଟରେ ପ୍ରମୁଖ ପରାମର୍ଶଦାତା ଭାବେ କାମ କରୁଥିଲେ। 'ଡିପାର୍ଟମେଣ୍ଟ ଅଫ୍ ଗମେଣ୍ଟ ଏଫିସିଏନ୍ସି'ର ନେତୃତ୍ୱ ନେଇ ସେ ସରକାରୀ ଖର୍ଚ୍ଚ କାଟ୍ କରୁଥିଲେ। ତେବେ ଟ୍ରମ୍ପଙ୍କ ଟିକସ ଏବଂ ବ୍ୟୟ ବିଲ୍‌କୁ ସେ ବିରୋଧ କରିଥିଲେ। ଏହା ଦ୍ୱାରା ଆଗାମୀ ୧୦ ବର୍ଷରେ ଆମେରିକା ୩.୩ ଟ୍ରିଲିୟନ ଡଲାରର ଋଣ ବୃଦ୍ଧି କରିବ ବୋଲି ସେ ଆଶା କରିଥିଲେ। ବିଭିନ୍ନ ପ୍ରସଙ୍ଗରେ ମତଭେଦ ତୀବ୍ର ହେବା ପରେ ସେ ଟ୍ରମ୍ପ ପ୍ରଶାସନରୁ ଇସ୍ତଫା ଦେଇଥିଲେ।



## ମହାକାଶ ଷ୍ଟେସନ୍‌ର କପୋଲାରେ ଶୁଭାଂଶୁ

ଟେକ୍ସାସ୍, ୬।୭ (ଏଜେନ୍ସି): ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ନୂଆ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏଥିରେ ଶୁଭାଂଶୁ ଆଇଏସଏସର କପୋଲା ମଡ୍ୟୁଲୋର ଝରକାରୁ ପୃଥିବୀକୁ ଦେଖୁଥିବା ଜଣାପଡୁଛି। ଇସ୍ରୋ, କେନ୍ଦ୍ର ସରକାର ଏବଂ ଆମେରିକା ସ୍ପେସ୍ କମ୍ପାନୀ ଅକ୍ସିୟମ ପକ୍ଷରୁ ଏହି ଫଟୋ ସେୟାର କରାଯାଇଛି। କପୋଲା ମଡ୍ୟୁଲୋ ହେଉଛି ଏକ ଗୋଲାକାର ପର୍ଯ୍ୟବେକ୍ଷଣ କେନ୍ଦ୍ର। ଏଥିରେ ୭ଟି କାଚ ଝରକା ରହିଛି। ଏହା ମାଧ୍ୟମରେ ମହାକାଶ ଯାତ୍ରୀ ବାହାରର ମହାକାଶ, ପୃଥିବୀ ଏବଂ ଷ୍ଟେସନ କାର୍ଯ୍ୟକୁ ଦେଖିଥାନ୍ତି ଓ ନିୟନ୍ତ୍ରଣ କରିଥାନ୍ତି। ଏହା ପୃଥିବୀର ସବୁଠାରୁ ସୁନ୍ଦର ଚିତ୍ର ଉତ୍ତୋଳନ କରୁଥିବା ସ୍ଥାନ ପାଲଟି ଯାଇଛି। ଗତ ୨୫ ତାରିଖରେ ଶୁଭାଂଶୁଙ୍କ ସମେତ ୪ ମହାକାଶଚାରୀ ଆଇଏସଏସକୁ ଯାତ୍ରା ଆରମ୍ଭ କରି ୨୮ ଘଣ୍ଟା ପରେ ପହଞ୍ଚି ଥିଲେ। ଶୁଭାଂଶୁ ମହାକାଶରେ ଇଣ୍ଡିଆନ ଏଜୁକେଶନ ଇନଷ୍ଟିଚ୍ୟୁଟ୍‌ସର ୭ଟି ପରୀକ୍ଷଣ କରିବେ। ଏହି ଅଭିଯାନ ଭାରତର ଗଗନଯାନ ମିଶନକୁ ବଳ ଦେବ।

# ୨୪ ବର୍ଷ ପରେ ଗିରଫ ହେଲା ସିରିଏଲ୍ କିଲର୍

ନୂଆଦିଲ୍ଲୀ,୬।୭(ଏଜେନ୍ସି): ୨୪ ବର୍ଷର ତଲାଶି ପରେ ଜଣେ ସିରିଏଲ କିଲରକୁ ଗିରଫ କରାଯାଇଛି। ଅଜୟ ଲାମ୍ବା ନାମକ ଏହି ସିରିଏଲ କିଲରଙ୍କୁ ଦିଲ୍ଲୀ ପୁଲିସ କ୍ରାଇମ୍ ବ୍ରାଞ୍ଚ୍ ଗିରଫ କରିଛି। ସେ ୪ଟି ହତ୍ୟା ଓ ଡକାୟତି ମାମଲାରେ ଅଭିଯୁକ୍ତ ଥିଲେ ଓ ତାଙ୍କୁ ପୁଲିସ ଖୋଜୁଥିଲା। ପାଖାପାଖି ଅଢେଇ ଦଶନ୍ଧି ପରେ ଗିରଫ କରିବାରେ ପୁଲିସ ସଫଳ ହୋଇଛି। ଅଜୟ ଓ ତା'ର ସହଯୋଗୀଙ୍କ ଟ୍ୟାକ୍ସି ଭଡା କରି ଉତ୍ତରାଖଣ୍ଡ ଯାଉଥିଲେ। ସେଠାରେ ଚକ୍ରାନ୍ତ କରି ଟ୍ୟାକ୍ସି ଡ୍ରାଇଭରଙ୍କୁ ହତ୍ୟା କରି ଉତ୍ତରାଖଣ୍ଡର ପାହାଡୀ ଉପତ୍ୟାକାରେ ମୃତୁଦେହକୁ ଫୋପାଡି ଦେଉଥିଲେ। ଏହାପରେ ଟ୍ୟାକ୍ସି ତଥା କାରଗୁଡିକୁ ସୀମା ପାର କରି ପଡୋଶୀ ଦେଶ ନେପାଳରେ ବିକ୍ରି କରୁଥିଲେ। ୨୦୦୧ରେ ଦିଲ୍ଲୀ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡର କ୍ୟାବ ଡ୍ରାଇଭରମାନଙ୍କୁ ହତ୍ୟା କରିଥିଲେ ବୋଲି ଦିଲ୍ଲୀ ଡିସିପି ଆଦିତ୍ୟ ଗୌତମ କହିଛନ୍ତି। ଅଜୟ ଓ ତାର ସହଯୋଗୀ ଆହୁରି କେତୋଟି ହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ଏହି କ୍ରମରେ ତା'ର ଦୁଇଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରି ପଚରାଉଚରା କରୁଛି। ଦିଲ୍ଲୀ ନିବାସୀ ୪୮ ବର୍ଷୀୟ ଅଜୟ ଲାମ୍ବା ଷଷ୍ଠ ଶ୍ରେଣୀରୁ ପାଠ ପଢା ଛାଡିଥିଲେ। ଏହାପରେ ସେ ଉତ୍ତରପ୍ରଦେଶର ବରେଲି ଚାଲିଯାଇଥିଲେ। ସେଠାରେ ସେ ଧୀରେନ୍ଦ୍ର ଓ ଦିଲୀପ ନେଗୀଙ୍କ ସହ ସାଥି ହୋଇ ଅପରାଧ କରିବାକୁ ଷଡ଼ଯନ୍ତ୍ର କରୁଥିଲେ। ଅଜୟ ନାମରେ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ରଖିବାର ଅନ୍ୟ ଏକାଧିକ ମାମଲା ରହିଛି। ସେ ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ନେପାଳରେ ରହୁଥିଲା। ଏହାପରେ ସେ ପରିବାର ସହ ଡେରାଡୁନକୁ ଯାଇ ସେଠାରେ ବସବାସ କରୁଥିଲା। ସେଠାରେ ରହି ସେ ଓଡ଼ିଶାରୁ ଦେଶର ଅନ୍ୟ ରାଜ୍ୟଗୁଡିକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲା। ଗତବର୍ଷ ଓଡ଼ିଶାର ବ୍ରହ୍ମପୁରରେ ଏକ ଗହଣା ଦୋକାନ ଡକାୟତି ମାମଲାରେ ଗିରଫ ହୋଇଥିଲା ଓ ଜାମିନରେ ବାହାରିଥିଲା ବୋଲି ପୁଲିସ କହିଛି।

**ଗାଡ଼ି ଭଡ଼ା ନେଇ ଡ୍ରାଇଭରକୁ ହତ୍ୟା କରି ଲୁଟୁଥିଲା**

## ଟେକ୍ସାସ୍‌ରେ ବନ୍ୟା; ମୃତ୍ୟୁସଂଖ୍ୟା ୫୧କୁ ବୃଦ୍ଧି

ୱାଶିଂଟନ,୬।୭(ଏଜେନ୍ସି): ଆମେରିକାର ଟେକ୍ସାସ ରାଜ୍ୟରେ କ୍ରମାଗତ ବର୍ଷା ହେବା ଫଳରେ ବନ୍ୟା ସ୍ଥିତି ଆହୁରି ଉତ୍କଟ ହୋଇଛି। ଅଚାନକ ଆସିଥିବା ଏହି ବନ୍ୟାରେ ଏପର୍ଯ୍ୟନ୍ତ ୫୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ବାଳିକାମାନଙ୍କର ଏକ ସମର କ୍ୟାମ୍ପ ମଧ୍ୟ ଏଥିରେ ବୁଡି ଯାଇଥିଲା। କ୍ୟାମ୍ପରୁ ୭୫୦ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଛି। କିନ୍ତୁ ୨୭ ଜଣ ବାଳିକା ନିଖୋଜ ଅଛନ୍ତି। ଟେକ୍ସାସର ସେନ ଆଣ୍ଟୋନିଓରେ ୧୫ ଇଞ୍ଚ୍ ବର୍ଷା ହେବା ପରେ ମାତ୍ର ୪୫ ମିନିଟ୍ ମଧ୍ୟରେ ଗୁଆଡାଲୁପ୍ ନଦୀରେ ୨୬ ଫିଟ୍ ଅର୍ଥାତ ୮ ମିଟର ଉଚ୍ଚର ବନ୍ୟା ଆସିଥିଲା। ଫଳରେ ଘର ଓ ଗାଡ଼ିଗୁଡିକ ଖେଳଣା ଭଳି ଭାସି ଯାଇଥିଲା। ଉଦ୍ଧାର କାର୍ଯ୍ୟରେ ୧୪ ହଲିକପ୍ଟର, ୧୨ଟି ଡ୍ରୋନକୁ ସାମିଲ କରାଯାଇଛି। ଏପର୍ଯ୍ୟନ୍ତ ମୋଟ୍ ୮୫୦ ଲୋକଙ୍କୁ ଉଦ୍ଧାର କରାଯାଇଛି।

# ସରକାରୀ ଘର ଛାଡୁ ନାହାନ୍ତି ପୂର୍ବତନ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼

ନୂଆଦିଲ୍ଲୀ, ୬।୭ (ଏଜେନ୍ସି): ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏ ପର୍ଯ୍ୟନ୍ତ ନିଜ ସରକାରୀ ବଙ୍ଗଳା (କୃଷ୍ଣ ମେନନ ମାର୍ଗ, ୫) ଖାଲି କରିନାହାନ୍ତି। ଧାର୍ଯ୍ୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ ସେ ଏଠାରେ ରହିଲେଣି। ଏବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟ ପ୍ରଶାସନ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛି। ଖୁବ୍‌ଶୀଘ୍ର ପୂର୍ବତନ ସିଜେଆଇଙ୍କ ବଙ୍ଗଳା ଖାଲି କରି ହସ୍ତାନ୍ତର କରିବାକୁ କୁହାଯାଇଛି। ଏହା ପରେ ବଙ୍ଗଳାକୁ 'ହାଉସିଂ ପୁଲ୍' ରେ ସାମିଲ କରାଯିବ।

**● କେନ୍ଦ୍ରକୁ ଚିଠି ଲେଖିଲା ସୁପ୍ରିମକୋର୍ଟ ପ୍ରଶାସନ**
**● ଏ ପର୍ଯ୍ୟନ୍ତ ୪ ବିଚାରପତିଙ୍କୁ ବଙ୍ଗଳା ମିଳି ପାରିନାହିଁ**
**● ବ୍ୟକ୍ତିଗତ କାରଣ ପାଇଁ ଖାଲି କରିନାହିଁ: ଜଷ୍ଟିସ ଚନ୍ଦ୍ରଚୂଡ଼**

ଏବେ ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ମିଶାଇ ୩୩ ବିଚାରପତି ଅଛନ୍ତି। ଏବେ ଜଣେ ବିଚାରପତିଙ୍କ ପଦ ଖାଲି ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ୪ ବିଚାରପତିଙ୍କୁ ସରକାରୀ ବଙ୍ଗଳା ମିଳିପାରି ନାହିଁ। ରିପୋର୍ଟ ଅନୁଯାୟୀ ତିନି ଜଣ ବିଚାରପତି ସୁପ୍ରିମକୋର୍ଟର ଟ୍ରାଞ୍ଜିଟ ଆପାର୍ଟମେଣ୍ଟରେ ଏବଂ ଜଣେ ବିଚାରପତି ରାଜ୍ୟ ଅତିଥି ଭବନରେ ରହୁଛନ୍ତି। ତେଣୁ ଯେତେ ଶୀଘ୍ର ସମ୍ଭବ କୋଠା ଫେରାଇବାକୁ ଦାବି କରାଯାଇଛି।

ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ ଗତ ବର୍ଷ ନଭେମ୍ବର ୧୦ରେ ଅବସର ଗ୍ରହଣ କରିଥିଲେ। ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟରତ ପ୍ରଧାନ ବିଚାରପତିଙ୍କୁ ଅଷ୍ଟମ ଶ୍ରେଣୀର ବଙ୍ଗଳା ପ୍ରଦାନ କରାଯାଇଥାଏ। ସେ ଅବସର ନେଲା ପରେ ସପ୍ତମ ଶ୍ରେଣୀର ବଙ୍ଗଳାରେ ରହିପାରିବେ। ଏଥିପାଇଁ ୬ ମାସ ପର୍ଯ୍ୟନ୍ତ କୌଣସି ଭଡ଼ା ଦେବାକୁ ପଡ଼ିବ ନାହିଁ। କିନ୍ତୁ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ ଅବସରର ଆଠ ମାସ ପରେ ବି ବଙ୍ଗଳା ଖାଲି କରିନାହାନ୍ତି। ନିୟମ ଅନୁଯାୟୀ ସେ କେବଳ ୬ ମାସ ପର୍ଯ୍ୟନ୍ତ ଏହି ବଙ୍ଗଳାରେ ରହିପାରିବେ। ମାତ୍ର ଏହି ସମୟସୀମା ମେ' ୩୧ରୁ ଶେଷ ହେଲାଣି। ଏଥିଯୋଗୁଁ ତାଙ୍କର ଦୁଇ ଉତ୍ତରାଧିକାରୀ ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନା ଏବଂ ସିଜେଆଇ ବିଆର ଗଭାଇ କୃଷ୍ଣା ମେନନ ମାର୍ଗ ସ୍ଥିତ ବଙ୍ଗଳାକୁ ଯିବାକୁ ଉଚିତ ମଣିନାହାନ୍ତି। ସୁପ୍ରିମକୋର୍ଟ ପ୍ରଶାସନ ଗତ ୧ ତାରିଖରେ କେନ୍ଦ୍ର ଆବାସ ମନ୍ତ୍ରାଳୟକୁ ଏହି ଚିଠି ଲେଖିଥିଲା। ଏଥିରେ କୁହାଯାଇଥିଲା ଯେ ଏ ପର୍ଯ୍ୟନ୍ତ କୃଷ୍ଣ ମେନନ ସ୍ଥିତ ବଙ୍ଗଳା ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ଙ୍କ କବ୍‌ଜାରେ ରହିଛି। ବିଳମ୍ବ ନ କରି ଏହାକୁ ଖାଲି କରାଯାଉ।



ଘର ଖାଲି ନ କରିବାକୁ ନେଇ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି ଯେ ବ୍ୟକ୍ତିଗତ କାରଣ ପାଇଁ ଏପରି ହୋଇଛି। ସୁପ୍ରିମକୋର୍ଟ ପ୍ରଶାସନଙ୍କୁ ଏ ନେଇ ସୂଚନା ଦିଆଯାଇଥିଲା। ସରକାରୀ ବଙ୍ଗଳାରେ ଅଧିକ ସମୟ ପର୍ଯ୍ୟନ୍ତ ରହିବାକୁ ଚାହୁଁ ନ ଥିଲି। କିନ୍ତୁ ଝିଅଙ୍କ ଆବଶ୍ୟକତା ଲାଗି ସ୍ୱତନ୍ତ୍ର ସୁବିଧା ଥିବା ଘର ଜରୁରୀ। ଫେବୃଆରୀ ମାସଠାରୁ ଘର ଖୋଜୁଛି । ସର୍ଭିସ ଆପାର୍ଟମେଣ୍ଟ ଏବଂ ହୋଟେଲ ବି ଦେଖୁଛି, କିନ୍ତୁ ସେଠାକୁ ଯାଇପାରି ନାହିଁ। ଏପ୍ରିଲ ୨୮ରେ ଏ ନେଇ ପୂର୍ବତନ ସିଜେଆଇ ଖାନ୍ନାଙ୍କୁ ଚିଠି ଲେଖି ସୂଚନା ଦେଇଥିଲି। ଜୁନ୍ ୩୦ ପର୍ଯ୍ୟନ୍ତ ରହିବାକୁ ଅନୁମତି ମାଗିଥିଲି। ମାତ୍ର କୌଣସି ଜବାବ ମିଳି ନ ଥିଲା। ଏ ନେଇ ସିଜେଆଇ ଗଭାଇଙ୍କ ସହ ମଧ୍ୟ କଥା ହୋଇଛି। ଖୁବଶୀଘ୍ର ବଙ୍ଗଳା ଛାଡିଦେବି ବୋଲି କହିଛି।

● ବ୍ରିକ୍ସରେ ମୋଦୀ

## ବିଶ୍ୱକୁ ନୂଆ ବ୍ୟବସ୍ଥା ଆବଶ୍ୟକ

ରିଓଡି ଜାନେରିଓ, ୬।୭(ଏଜେନ୍ସି): ବ୍ରାଜିଲର ରିଓ ଡି ଜାନେରିଓରେ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଯୋଗ ଦେଇ ବର୍ତ୍ତମାନ ବିଶ୍ୱକୁ ଏକ ନୂଆ ବ୍ୟବସ୍ଥାର ଆବଶ୍ୟକତା ରହିଛି କହିଛନ୍ତି। ବିଂଶ ଶତାବ୍ଦୀରେ ଗଠନ କରାଯାଇଥିବା ବିଭିନ୍ନ ସଂସ୍ଥା ଏକବିଂଶ ଶତାବ୍ଦୀର ସମସ୍ୟା ଓ ଚ୍ୟାଲେଞ୍ଜଗୁଡିକୁ ପ୍ରତିହତ କରିବାରେ ଅକ୍ଷମ। ଏଆଇ ଯୁଗରେ ପ୍ରତି ମୁହୂର୍ତ୍ତରେ ଜ୍ଞାନକୌଶଳରେ ପରିବର୍ତ୍ତନ ହେଉଛି। କିନ୍ତୁ ୮୦ ବର୍ଷ ତଳେ ଗଠନ ହୋଇଥିବା ସଂସ୍ଥା ଗୁଡିକରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅନ୍ୟପକ୍ଷରେ ପ୍ରଥମଥର ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଏହି ସମ୍ମିଳନୀରେ ଯୋଗ ଦେଇନାହାନ୍ତି।

# ଦାନା ପାଇଁ ଟଙ୍କା ନାହିଁ କାନ୍ଧରେ ଲଙ୍ଗଳ ଟାଣିଲେ ବୃଦ୍ଧ, କଣ୍ଟି ଧରିଲେ ପତ୍ନୀ

ମୁମ୍ବାଇ, ୬।୭ (ଏଜେନ୍ସି): ପାଖରେ ଟଙ୍କା ନାହିଁ। ଖାଇବାକୁ ଦାନା ନାହିଁ। ହାତ ଥରୁଛି। ଓଜନ ଆଗରେ ପାଦ ନଇଁ ଯାଉଛି। ଖଟି ଖଟି ବେକ ଥକି ଗଲାଣି। ତଥାପି ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡୁଛି। ଟଙ୍କା ଅଭାବରୁ ବଳଦ କିଣିପାରୁ ନାହାନ୍ତି। ଭଡ଼ାରେ ଟ୍ରାକ୍ଟର କିମ୍ବା ଶ୍ରମିକ ଆଣିବାକୁ ମଧ୍ୟ ଅର୍ଥ ନାହିଁ। ଦିନକୁ ଦି ଓଳା ଖାଇବା ପାଇଁ ବୃଦ୍ଧ ଦମ୍ପତି ବିଲରେ ଖଟୁଛନ୍ତି। ୭୫ ବର୍ଷୀୟ ସ୍ୱାମୀ କାନ୍ଧରେ ଲଙ୍ଗଳ ଭିଡୁଥିବାବେଳେ ସ୍ତ୍ରୀ କଣ୍ଟି ଧରୁଛନ୍ତି। ଜୀବନର



ଅପରାହ୍ନରେ ଗରିବ ଚାଷୀ ଅମ୍ବାଦାସ ପାୱାର ଏବଂ ତାଙ୍କ ପତ୍ନୀ ମୁକ୍ତାବାଇଙ୍କ ଏହି କଠୋର ପରିଶ୍ରମର କରୁଣ ଦୃଶ୍ୟ ଖୁବ୍ ଭାଇରାଲ ହେବାରେ ଲାଗିଛି। ମହାରାଷ୍ଟ୍ର ଲାତୁର ଅନ୍ତର୍ଗତ ହାଦୋଲତି ଗ୍ରାମର ଏହି ଦମ୍ପତିଙ୍କ ଭିଡିଓ ସରକାରୀ ଯୋଜନା ଉପରେ ପ୍ରଶ୍ନ ଉଠାଇଛି।

ଜୀବନ ଆମ ପାଇଁ କୌଣସି ବିକଳ୍ପ ଦେଇ ନାହିଁ ବୋଲି ଅମ୍ବାଦାସ କ୍ଷୋଭର ସହ କହିଛନ୍ତି। ଏହି ଦମ୍ପତି କହିଛନ୍ତି ଯେ ପୁଅ ଶ୍ରମିକ ଭାବେ କାମ କରୁଛି। ତା ରୋଜଗାର ୬ ଜଣିଆ ପରିବାର ଚଳାଇବା ପାଇଁ ଯଥେଷ୍ଟ ହେଉନାହିଁ। ଗତ କିଛି ବର୍ଷ ହେଲା ବର୍ଷାରେ ମଧ୍ୟ ଫସଲ ନଷ୍ଟ ହୋଇଯାଉଛି। ଏଥିପାଇଁ କ୍ଷତି ହେଉଛି। ତଥାପି ପେଟ ପାଟଣା ଲାଗି ଫସଲ କରିବାକୁ ବାଧ୍ୟ ହେଉଛୁ। କରୋନା ସମୟରେ ସ୍ଥିତି ପୂରା ଦୋହଲି ଯାଇଥିଲା। ଏଥିପାଇଁ ଋଣ କରିବାକୁ ପଡ଼ିଥିଲା। ଫସଲ ଭଲ ନ ହେବାରୁ ଏହାକୁ ସେ ସୁଝି ପାରୁ ନାହାନ୍ତି। ପ୍ରତି ବର୍ଷ ଫସଲ ନଷ୍ଟ ହେବା ସତ୍ତ୍ୱେ ଆଶା ରଖି ନିଜର ୨.୫ ଏକର ଜମିରେ ଚାଷ କରୁଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ରାଷ୍ଟ୍ରମନ୍ତ୍ରୀ ବାଲାସାହେବ ପାଟିଲ ଶନିବାର ତାଙ୍କ ଋଣ (୪୨, ୫୦୦ ଟଙ୍କା) ଛାଡ଼ କରିଦେଇଛନ୍ତି। ସମବାୟ ସମିତିକୁ ଋଣ ପରିଶୋଧ ପ୍ରମାଣପତ୍ର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ସରକାରୀ ଯୋଜନାରେ ତାଙ୍କୁ ସାମିଲ କରିବାକୁ ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହୋଇପାରେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ।

**ବୃଷ:** କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିପାରନ୍ତି। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ବନ୍ଧୁ ଆର୍ଥିକ ସହାୟତା ଲୋଡ଼ିବେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ଚାକିରିଆଙ୍କୁ ଶୁଭ ଖବର ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇପାରନ୍ତି। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। କୋର୍ଟ କଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିପାରିବେ ନାହିଁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସଙ୍ଗୀତପ୍ରତି ରୁଚି ବଢ଼ିବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଇତିହାସ

- ୧୬୫୬- ଅଷ୍ଟମ ଶିଖ୍ ଗୁରୁ ହରକିଶନ୍‌ଙ୍କ ଜନ୍ମ।
- ୧୭୯୯- ମହାରାଜା ରଣଜିତ୍ ସିଂହ ଲାହୋର ଉପରେ କବ୍‌ଜା କଲେ।
- ୧୯୧୬- ନ୍ୟୁଜିଲ୍ୟାଣ୍ଡରେ ଲେବର ପାର୍ଟିର ଗଠନ।
- ୧୯୭୮- ସୋଲୋମୋନ ଦ୍ୱୀପ ସଂଯୁକ୍ତ ରାଷ୍ଟ୍ରରୁ ସ୍ୱାଧୀନ ହେଲା।
- ୧୯୮୦- ଇରାନ୍‌ରେ ସିରିଆ ଆଇନ ଲାଗୁ ହେଲା।
- ୨୦୧୨- ରୁଷ୍‌ରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ଯୋଗୁଁ ୧୪୦ ଲୋକ ମୃତ।

## ମଣିଷର ଭାଷା ବୁଝିପାରେ କି ଏଆଇ



ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ'ଣ ସତରେ ମଣିଷଙ୍କ ଭାଷା, ଭାବନା ଏବଂ ଶବ୍ଦ ପଛରେ ଥିବା ଅର୍ଥକୁ ବୁଝିପାରେ ? ଏ ସଂକ୍ରାନ୍ତରେ ସ୍ନାୟୁ ବିଜ୍ଞାନୀ ବୀଣା ଡି. ଦ୍ୱିବେଦୀ ମତ ରଖିଛନ୍ତି। ସେ କହିଛନ୍ତି, ଏଆଇ ଯେତେ ବିକଶିତ ହେଲେ ବି ମଣିଷ ଭଳି ଭାଷାକୁ ଗଭୀରରୁ ବୁଝିବାକୁ ସକ୍ଷମ ନୁହେଁ। ସେହିପରି ନୋବେଲ ବିଜେତା ତଥା ଏଆଇ ଗଡ୍‌ଫାଦର୍ ଜେଫ୍ରି ହିଣ୍ଟନଙ୍କ କହିବା କଥା, 'ନ୍ୟୁରଲ ନେଟ୍‌ୱର୍କ ଏତେ ପ୍ରଗତି କରିସାରିଲାଣି, ଏହା ଭାଷାର ପାଟର୍ଣ୍ଣକୁ ବୁଝିବା ଲାଗି ସକ୍ଷମ। ଏପରିକି ଏଆଇ ଏବେ କ'ଣ କହୁଛି, ସେକଥା ମଧ୍ୟ ଜାଣିପାରୁଛି। ତେବେ ଠିକ୍ ଉତ୍ତର ଦେବା ଏବଂ ଆକର୍ଷଣୀୟ ବାକ୍ୟ ଗଠନ କରିବାକୁ କ'ଣ ବୁଦ୍ଧିମତା କୁହାଯିବ। ମଣିଷ ଭାଷାକୁ କେବଳ ଶବ୍ଦରେ ନୁହେଁ, ବରଂ ଭାବନା, ଅଙ୍ଗଭଙ୍ଗୀ ଏବଂ ସନ୍ଦର୍ଭରୁ ବି ବୁଝିଥାଏ। ଏଆଇ ହେଉଛି ଏହାର ବିପରୀତ। ଏଆଇ କେବଳ ଡାଟା ପ୍ୟାଟର୍ଣ୍ଣ ଉପରେ କାମ କରେ। ଏଆଇର ନା ଭାବନା ଥାଏ ନା ବ୍ୟକ୍ତିଗତ ଅନୁଭବ।' ବୀଣା କହନ୍ତି, 'କେବଳ ଲିଖିତ ଶବ୍ଦକୁ ଭାଷା ବୋଲି ବିବେଚନା କରିବା ହେଉଛି ସବୁଠୁ ବଡ଼ ଭୁଲ। ଉଦାହରଣ ସ୍ୱରୂପ ହିନ୍ଦୀ ଓ ଉର୍ଦ୍ଦୁ କହିବାର ଶୈଳୀ ଏକାପରି ଲାଗିଲେ ବି ଏହାର ଲିପି ଅଲଗା। ଏଆଇ ପାଇଁ ଭାଷା କେବଳ ଏକ ଟେକ୍ସଟ୍ ଡାଟା ହୋଇଥିବାବେଳେ ମଣିଷ ଭାଷାକୁ ନେଇ ବଞ୍ଚେ।' ସେହିପରି ମହାନ ଭାଷାବିଦ୍ ନୋଆମ ଚମସ୍କି କହିଥିଲେ, 'ମଣିଷ ପାଖରେ ଭାଷା ଶିଖିବାର ଜନ୍ମଜାତ କ୍ଷମତା ଅଛି। ଏହା ହେଉଛି ଏମିତି ଏକ ମାନସିକ ଶକ୍ତି, ଯାହାକୁ ବିଜ୍ଞାନ ସମ୍ପୂର୍ଣ୍ଣ ବୁଝିପାରି ନାହିଁ। ଅନ୍ୟପକ୍ଷରେ ଏଆଇର ନ୍ୟୁରଲ ନେଟୱାର୍କ କେବଳ ଗଣନା ଏବଂ ଆଲଗରଦିମ୍‌ର ଏକ ମାୟାଜାଲ। ଏଥିରେ ବୁଝିବାର ଶକ୍ତି କିମ୍ବା ଅନୁଭବ କରିବାର କ୍ଷମତା ନାହିଁ।' ଏଥିରୁ ନିଷ୍କର୍ଷ ଏୟା ବାହାରିଲା ଯେ, ଏଆଇ ଅନେକ କିଛି କହୁଥିଲେ ସୁଦ୍ଧା ମଣିଷର ଭାଷାକୁ ସମ୍ପୂର୍ଣ୍ଣ ଭାବେ ବୁଝିପାରେ ନାହିଁ। ଏଆଇ ମଣିଷର ଶବ୍ଦ ପଛର ଭାବ, ସନ୍ଦର୍ଭ, ଜଟିଳ ମାନବୀୟ ଅନୁଭବଠାରୁ ଏବେ ଅନେକ ଦୂରରେ ରହିଛି। ମଣିଷର ଭାଷା କେବଳ ଶବ୍ଦର ଖେଳ ନୁହେଁ, ଏହା ସମ୍ବେଦନା, ସଂସ୍କୃତି, ଅନୁଭବର ଏକ ଜଟିଳ ମିଶ୍ରଣ। ଯାହାକୁ ବୁଝିବା ପାଇଁ ଏଆଇକୁ ଆହୁରି ଦୀର୍ଘ ପଥ ଅତିକ୍ରମ କରିବାକୁ ହେବ।

## 'ଦ ରାଜା ସାବ୍'ରେ କରିନା



ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍ ଅନେକ ଦିନରୁ ସାଉଥ୍ ଇଣ୍ଡଷ୍ଟ୍ରୀରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଛି। ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍'ରେ କରିନା, ପ୍ରଭାସଙ୍କ ବିପକ୍ଷରେ ଦେଖାଯିବେ ବୋଲି ପୂର୍ବରୁ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଶେଷରେ ଏଥିରେ ତ୍ରିପ୍ତି ଦିମ୍‌ରିଙ୍କୁ ଫାଇନାଲ କରାଯାଇଥିଲା। ଏବେ 'ଦ ରାଜା ସାବ୍' ଫିଲ୍ମରେ କରିନା ନଜର ଆସିବେ ବୋଲି ଜଣାପଡ଼ିଛି। ତେବେ ସେ ଏଥିରେ ଲିଡ୍ ରୋଲରେ ନଜର ଆସିବେ ନାହିଁ। ଏଥିରେ କେବଳ ତାଙ୍କର ଏକ ଆଇଟମ୍ ନମ୍ବର ରହିଛି। ଏଥିପାଇଁ କରିନାଙ୍କୁ ବେଶ୍ ମୋଟା ଅଙ୍କର ଅର୍ଥ ମିଳିଥିବା ଚର୍ଚ୍ଚା ହେଉଛି। ମାରୁତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଭାସଙ୍କ ସହ ତିନି ଜଣ ଅଭିନେତ୍ରୀ( ମାଳବିକା ମୋହନନ୍, ନିଦ୍ଧି ଅଗ୍ରୱାଲ ଓ ରିଦ୍ଧି କୁମାର) ନଜର ଆସିବେ। ଏହା ୫ ଡିସେମ୍ବର, ୨୦୨୫ରେ ମୁକ୍ତିଲାଭ କରିବ। ତେବେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ାଇବା ପାଇଁ କରିନାଙ୍କର ଏହି ଡ୍ୟାନ୍ସ ନମ୍ବର ରଖାଯାଇଥିବା କୁହାଯାଉଛି। ଏଥିରେ ନୟନତାରାଙ୍କର ମଧ୍ୟ ଏକ ଡ୍ୟାନ୍ସ ନମ୍ବର ରହିଛି।

## କାଚ ବୋତଲରେ ମାଇକ୍ରୋପ୍ଲାଷ୍ଟିକ୍ ଅଧିକ

ପ୍ଲାଷ୍ଟିକ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ସମସ୍ତେ ଜାଣନ୍ତି। ତେଣୁ ଏବେ ସୁଦ୍ଧା କାଚ ବୋତଲକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ବୋଲି କୁହାଯାଉଥିଲା। ହେଲେ ଏଭଳି ଭାବିବା ଭୁଲ। କାଚ ବୋତଲରେ ବିକ୍ରି ହେଉଥିବା ଲେମ୍ବୁ ପାଣି, ସୋଡ଼ା ଆଦି ଅନ୍ୟ ପାନୀୟରେ ମାଇକ୍ରୋପ୍ଲାଷ୍ଟିକ୍‌ର ମାତ୍ରା ପ୍ଲାଷ୍ଟିକ୍ ବୋତଲ ତୁଳନାରେ ଅଧିକ ଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଫ୍ରାନ୍ସର ଖାଦ୍ୟ ସୁରକ୍ଷା ଏଜେନ୍ସି ଆନ୍ସେସ୍‌ର



ଅଧ୍ୟୟନକାରୀମାନେ କରିଥିବା ଅଧ୍ୟୟନରୁ ଏଭଳି କିଛି ଜାଣିବାକୁ ପାଇଛନ୍ତି। ତେବେ ସେମାନଙ୍କର ଆଶା ଥିଲା ଯେ, ପ୍ଲାଷ୍ଟିକ୍ ବୋତଲ ତୁଳନାରେ କାଚ ବୋତଲ ଅପେକ୍ଷାକୃତ ସୁରକ୍ଷିତ ରହିବ। ହେଲେ ସେମାନଙ୍କୁ ଏହାର ଓଲଟା ପରିଣାମ ଦେଖିବାକୁ ମିଳିଲା। ତେବେ କାଚ ବୋତଲ ଠିପିରେ ଲାଗିଥିବା ରଙ୍ଗ ଏହା ଲାଗି ଦାୟୀ ବୋଲି କୁହାଯାଉଛି। କାରଣ ବୋତଲ ଠିପିରେ ଲାଗିଥିବା ପ୍ଲାଷ୍ଟିକ୍‌ର ଏହି କଣିକା ପାନୀୟ ପଦାର୍ଥରେ ମିଶିଯାଏ। ଏହିପ୍ରକାରେ ପାନୀୟ ପଦାର୍ଥ ମାଧ୍ୟମରେ ଶରୀରକୁ ମାଇକ୍ରୋପ୍ଲାଷ୍ଟିକ୍ ଯାଏ। ଗବେଷଣାନୁସାରେ, କୋଲ୍ଡଡ୍ରିଙ୍କସ୍, ଲେମ୍ବୁ ପାଣି, ବିୟର କାଚ ବୋତଲରେ ପ୍ରତି ଲିଟରରେ ପ୍ରାୟ ୧୦୦ ମାଇକ୍ରୋପ୍ଲାଷ୍ଟିକ୍ କଣିକା ଅଛି। ଯାହାକି ପ୍ଲାଷ୍ଟିକ୍ କିମ୍ବା ଧାତୁ କଣ୍ଟେନର ତୁଳନାରେ ୫୦ ଗୁଣ ଅଧିକ। ସେହିପରି ସମସ୍ତ ବୋତଲ ତୁଳନାରେ ବିୟର ବୋତଲରେ ଅଧିକ ମାଇକ୍ରୋପ୍ଲାଷ୍ଟିକ୍ ଥିବା ଜଣାପଡ଼ିଛି। ଏଥିରେ ପ୍ରତି ଲିଟର ପିଛା ପ୍ରାୟ ୬୦ ପ୍ଲାଷ୍ଟିକ୍ କଣିକା ଥିଲା। ଏହାପରେ ଲେମ୍ବୁ ପାଣିରେ ପ୍ରାୟ ୪୦ ପ୍ରତିଶତ ପ୍ଲାଷ୍ଟିକ୍ କଣିକା ଥିଲା। ମଦକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପାନୀୟ ପାଇଁ ଅନ୍ୟ ପ୍ୟାକେଜିଂ ତୁଳନାରେ କାଚ କଣ୍ଟେନର୍ ଅଧିକ ଦୂଷିତ ଥିଲା। ଅନ୍ୟପକ୍ଷରେ ଏହି ଅଧ୍ୟୟନର ରିପୋର୍ଟ 'ଜର୍ଣ୍ଣାଲ ଅଫ୍ ଫୁଡ୍ କମ୍ପୋଜିସନ ଏବଂ ଆନାଲିସ୍'ରେ ପ୍ରକାଶିତ।



## ଅଧରପଣା

**ଆଜି ତିନି ରଥ ଉପରେ ଅଧରପଣା ନୀତି ସମ୍ପନ୍ନ ହେବ। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ରଥ ଉପରେ ଅନୁଷ୍ଠିତ ଅଧରପଣା ହେଉଛି ସର୍ବବୃହତ୍ ପଣାଭୋଗ। ରଥରେ ଥିବା ପାର୍ଶ୍ୱଦେବ ଦେବୀ, ଚଣ୍ଡିଚାମୁଣ୍ଡା, ଅଶରୀରୀମାନଙ୍କୁ ତୃପ୍ତ କରିବା ପାଇଁ ଏହି ନୀତି ପାଳନ କରାଯାଏ।**

ଅଧରପଣା ନୀତି ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏବଂ ସନ୍ଧ୍ୟା ଆଳତି ପୂର୍ବରୁ ଅନୁଷ୍ଠିତ ହୋଇଥାଏ। ଏହା ଲାଗି ସ୍ୱତନ୍ତ୍ର ଅଧରହାଣ୍ଡି ତିଆରି କରାଯାଏ। ଶ୍ରୀବିଗ୍ରହମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉ ତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ମାଟିହାଣ୍ଡିରେ ପଣାକୁ ରଥ ଉପରେ ରଖାଯାଏ। ପ୍ରତି ରଥରେ ତିନି ହାଣ୍ଡି ହିସାବରେ ମୋଟ ୯ଟି ହାଣ୍ଡି ଅଧରପଣା ଭୋଗ କରାଯାଇ ଥାଏ। ପୂଜାପଣ୍ଡା ସେବକମାନେ ପଞ୍ଚୋପଚାର ପଦ୍ଧତିରେ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରାଯାଏ। ଭୋଗ ହେବା ପରେ ପଣା ଥିବା ହାଣ୍ଡି ଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହାକୁ ରଥରେ ଥିବା ପାର୍ଶ୍ୱ ଦେବଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନଙ୍କୁ ତୃପ୍ତ କରିବା ଲାଗି ଏହି ହାଣ୍ଡି ରଥ ଉପରେ ଭଙ୍ଗା ଯିବାର ବିଧି ଅଛି। ପଣା ହାଣ୍ଡି ଭାଙ୍ଗିଲେ ଏହା ରଥ ତଳକୁ ବୋହିଯାଏ। ଏହି ପଣାକୁ କ୍ଷୀର, ସର, ଛେନା, କର୍ପୂର, ନବାତ, ଗୋଲମରିଚ, ଅଳେଇଚ ଏବଂ ପାଚିଲା କଦଳୀ ଆଦିରେ ପ୍ରସ୍ତୁତ କରାଯାଏ। ଦୁଇଟି ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ନୀତି ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଏ।

## ନୀଳାଦ୍ରି ବିଜେ

**ରଥଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରି ବିଜେ। ଏହିଦିନ ତିନି ଠାକୁର ରତ୍ନ ସିଂହାସନରେ ବିଜେ କରନ୍ତି। ତେବେ ଅଧରପଣା ପରଦିନ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ 'ନୀଳଦ୍ରି ବିଜେ' ବା 'ନୀଳାଦ୍ରି ବିଜୟ' କୁହାଯାଏ। ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ଶ୍ରୀବିଗ୍ରହମାନେ ନିଳାଦ୍ରି ବିଜେ କରନ୍ତି। ଏହିଦିନ ମହାପ୍ରଭୁଙ୍କ ପାଖରେ ରସଗୋଲା ଭୋଗ ଲାଗି କରାଯାଏ।**

ଗୋଟି ପହଣ୍ଡିରେ ବିଜେ କରନ୍ତି: ଏହିଦିନ ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହା ପରେ ବିଜେ କାହାଳୀ ବାଜେ। ତା'ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ତେବେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଏ। ଏହା ପରେ ଗୋଟି ପହଣ୍ଡିରେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରତ୍ନସିଂହାସନକୁ ବିଜେ କରନ୍ତି। ଏହି ସମୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟି, ଶଙ୍ଖ ନାଦରେ ସିଂହଦ୍ୱାର ପ୍ରକମ୍ପିତ ହୁଏ।

**ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ ବଚନିକା:** ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀଙ୍କ ଭେଟ ହୁଏ। ପରମ୍ପରା ଅନୁସାରେ, ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ହୋଇଥାଏ। ତା'ସହ ଏହା କିଛି କ୍ଷଣ ପରେ ଖୋଲି ଯାଏ। ପୁଣି ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଆଉ ଥରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଏ। ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଳି ହୋଇଥାଏ। ଶ୍ରୀଜଗନ୍ନାଥ ବଡ଼ ଭାଇ ଓ ସାନ ଭଉଣୀଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯାତ୍ରା କରିଥିଲେ। ସାଙ୍ଗରେ ଲକ୍ଷ୍ମୀ ମା' ଯାଇ ନ ଥିବାରୁ ସେ ଅଭିମାନ କରିଥିଲେ। ତେଣୁ ମହାପ୍ରଭୁ ଲକ୍ଷ୍ମୀ ମା'ଙ୍କ ମାନଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ସହଚର ଓ ମା' ଲକ୍ଷ୍ମୀଠାକୁରାଣୀଙ୍କ ସହଚରୀଙ୍କ ମଧ୍ୟରେ ଲୋକ ପାରମ୍ପରିକ ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲେ।



**ରସଗୋଲାରେ ମାନ ଭଞ୍ଜନ:** ନୀଳାଦ୍ରି ବିଜେର ଅନ୍ୟତମ ବିଶେଷତ୍ୱ ହେଲା ରସଗୋଲା ଭୋଗ। ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଦାମ୍ପତ୍ୟ ଭାବନାର ଏହା ଅନନ୍ୟ ନିଦର୍ଶନ। ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରି ବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଅନ୍ୟପଟେ ଏହିଦିନକୁ ରସଗୋଲା ଦିବସ ଭାବେ ମଧ୍ୟ ପାଳନ କରାଯାଏ।

## ସ୍ୱସ୍ତି

## ହରିଶୟନ ଏକାଦଶୀରୁ ମାଙ୍ଗଳିକ କାର୍ଯ୍ୟ ମନା



ଆଷାଢ଼ ଶୁକ୍ଳ ଏକାଦଶୀରୁ ଆରମ୍ଭ ହୋଇଛି 'ଦେବଶୟନ' ବା 'ହରିଶୟନ' ଏକାଦଶୀ। ଏହି ଦିନରୁ ଭଗବାନ ବିଷ୍ଣୁ ଚାରି ମାସ ପର୍ଯ୍ୟନ୍ତ ଯୋଗନିଦ୍ରାକୁ ଯାଆନ୍ତି। ତେଣୁ ଏହି ସମୟ ମଧ୍ୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ କରାଯାଇ ନ ଥାଏ। ସେହିପରି ଏହିଦିନରୁ ଚତୁର୍ମାସ ପ୍ରାରମ୍ଭ ହୋଇଥାଏ। ଏହା ଚାରିମାସ ଧରି ବଳବତ୍ତର ରହିବ।

ଏହି ସମୟ ମଧ୍ୟରେ ବିବାହ, ମୁଣ୍ଡନ, ଗୃହପ୍ରବେଶ ଭଳି କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ନାହିଁ। କାର୍ତ୍ତିକ ଶୁକ୍ଳ ଦେବୋତ୍‌ଥାପନ ଏକାଦଶୀ ପରେ ସବୁପ୍ରକାର ଶୁଭକାର୍ଯ୍ୟ ଆରମ୍ଭ ହୋଇଥାଏ। ଅନ୍ୟପଟେ ଚତୁର୍ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାକୁ ଯାଉଥିବାରୁ ଭଗବାନ ଶିବଙ୍କ ପୂଜା ଏହି ମାସଯାକ ଗୁରୁତ୍ୱ ବହନ କରେ। ଶ୍ରାବଣ ମାସରେ ଭଗବାନ ଶିବଙ୍କ ବିଧିବିଧାନ ପୂର୍ବକ ପୂଜାର୍ଚ୍ଚନା କରିବା ଦ୍ୱାରା ସମସ୍ତ ଦୁଃଖ ଓ କଷ୍ଟ ଦୂର ହୋଇଥାଏ। ଏହି ସମୟରେ ଚତୁର୍ମାସ ବ୍ରତ କରିବା ପାଇଁ ସନାତନ ଶାସ୍ତ୍ରରେ ଉଲ୍ଲେଖ ରହିଛି।

## ଶବ୍ଦ ଜ୍ଞାନ

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି 'ଭଅଣ୍ଡ'। ଭୋଗ ମଣ୍ଡପରେ ଠାକୁରମାନଙ୍କୁ ଅର୍ପଣ କରାଯାଉଥିବା ଭୋଗ ସାମଗ୍ରୀ ଓ ସେଥି ନିମନ୍ତେ ଅନୁଷ୍ଠିତ ଧୂପକୁ ଭଅଣ୍ଡ କୁହାଯାଏ। ଠାକୁରଙ୍କ କୋଠଭୋଗ ଏହି ଭୋଗ ମଣ୍ଡପରେ ବଢ଼ା ଯାଇ ଅର୍ପଣ କରାଯାଏ। ସେହିପରି ଅଧିକ ଗହଳି ହେଲେ ଅଧିକ ଭୋଗ ରଖାଯାଏ। ଏହାକୁ ଅତିରିକ୍ତ ଭୋଗ ଭାବେ ଭୋଗ ମଣ୍ଡପରେ ଅବସ୍ଥାପିତ କରାଯାଇ ଠାକୁରଙ୍କୁ ଭୋଗ ଲାଗି କରାଯାଏ। ଏହା ଭଅଣ୍ଡ ନାମରେ ଜଣାଶୁଣା।

ଗିଲ୍‌ଙ୍କ ରେକର୍ଡ ରନ୍; ଆକାଶଦୀପ ଓ ସିରାଜଙ୍କ ଘାତକ ବୋଲିଂ

# ଏଜ୍‌ବାଷ୍ଟନରେ ଭାରତର ସ୍ମରଣୀୟ ବିଜୟ

ଏଜ୍‌ବାଷ୍ଟନ, ୬।୭ (ଏଜେନ୍ସି)

ଅଧିନାୟକ ଶୁବମନ ଗିଲ୍ (୨୬୯ ଓ ୧୬୧)ଙ୍କ ଦମ୍‌ଦାର ବ୍ୟାଟିଂ, ଆକାଶଦୀପ (୧୦ ୱିକେଟ) ଓ ମହମ୍ମଦ୍ ସିରାଜ (୭ୱିକେଟ)ଙ୍କ ଘାତକ ବୋଲିଂ ବଳରେ ଭାରତ ୩୩୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ଦଳ ଏହି ଭେନ୍ୟୁରେ ୯ମ ମୁକାବିଲାରୁ ଓ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ପ୍ରଥମ ବିଜୟ ହାସଲ କରିଛି। ପ୍ରଥମ ଟେଷ୍ଟରେ ପରାଜିତ ହୋଇଥିବା ଭାରତ ଏଠାରେ ମ୍ୟାଚ୍ ଜିତିବା ଫଳରେ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଜବରଦସ୍ତ ବ୍ୟାଟିଂ କରି ୪୩୦ ରନ୍ କରିଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହା ପରେ ଚଳିତ ସିରିଜ୍‌ର ତୃତୀୟ ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ ୧୪ ତାରିଖଯାଏ ଖେଳାଯିବ।



ଏହି ମ୍ୟାଚ୍‌ରେ ବ୍ୟାଟରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ପ୍ରଥମ ଇନିଂସରେ ୧୮୦ ରନ୍‌ରେ ଆଗୁଆ ରହିବା ପରେ ୬ ୱିକେଟରେ ୪୨୭ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଏହା ଫଳରେ ଭାରତ ଘରୋଇ ଇଂଲଣ୍ଡ ଆଗରେ ୬୦୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ବିଜୟ ଲକ୍ଷ୍ୟକୁ ପିଛା କରି ମ୍ୟାଚ୍‌ର ପଞ୍ଚମ ତଥା ଶେଷ ଦିନ ଖେଳରେ ୨୭୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜେମି ସ୍ମିଥ୍ ସର୍ବାଧିକ ୮୮, ବ୍ରାଇଡନ କାର୍ସ ୩୮, ବେନ୍ ଷ୍ଟୋକ୍ସ ୩୩, ବେନ୍ ଡକେଟ ୨୫, ଓଲି ପୋପ୍ ୨୪, ହ୍ୟାରୀ ବ୍ରୁକ୍ ୨୩ ଓ ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ମାତ୍ର ୬ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ଖେଳୁଥିବା ଆକାଶଦୀପ ସର୍ବାଧିକ ୬ଟି ୱିକେଟ ପାଇଥିଲେ।

ପୂର୍ବରୁ ୫ମ ତଥା ଶେଷ ଦିନ ଖେଳ ଆରମ୍ଭ ପୂର୍ବରୁ ଏଠାରେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଓ ଓଦା ପଡ଼ିଆ ଯୋଗୁ ଖେଳ ୧୦୦ ମିନିଟ୍ ବନ୍ଦ ରହିଥିଲା। ଫଳରେ ଆଜି ଖେଳାଯିବାକୁ ଥିବା ୯୦ ଓଭରରୁ ୧୦ ଓଭର କାଟିଦିଆଯାଇଥିଲା। ଖେଳ ଆରମ୍ଭ ହେବାର ଅଳ୍ପ ସମୟ ମଧ୍ୟରେ ଗତକାଲିର ଦୁଇ ଅପରାଜିତ ବ୍ୟାଟର ଓଲି ପୋପ୍ (୨୪) ଓ ହ୍ୟାରୀ ବ୍ରୁକ୍ (୨୩)ଙ୍କୁ ଭାରତୀୟ ଫାଷ୍ଟ ବୋଲର ଆକାଶଦୀପ ଚମତ୍କାର ବୋଲିଂ କରି ଆଉଟ କରିଥିଲେ। ୮୩ ରନ୍‌ରେ ୫ମ ୱିକେଟ ଅକ୍ତିଆର କରିବା ପରେ ଭାରତୀୟ ବୋଲର ଉତ୍ସାହିତ ହୋଇଥିଲେ। କିନ୍ତୁ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ପ୍ରଥମ ଇନିଂସ ହିରୋ ଜେମି ସ୍ମିଥ୍ ଧୈର୍ଯ୍ୟର ସହ ମୁକାବିଲା କରିଥିଲେ। ଲଞ୍ଚ୍ ପୂର୍ବରୁ ବ୍ୟକ୍ତିଗତଭାବେ ମାତ୍ର ଦ୍ୱିତୀୟ ଓଭର ବୋଲିଂ କରିଥିବା ୱାଶିଂଟନ ସୁନ୍ଦର ଡିଆର୍‌ଏସ୍ ସହାୟତାରେ ଷ୍ଟୋକ୍‌ସ (୭୩ ବଲ୍‌ରେ ୩୩ରନ୍)ଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ଭାରତୀୟ ଶିବିରରରେ ଆନନ୍ଦ ଖେଳାଇଦେଇଥିଲେ। ଲଞ୍ଚ୍ ବେଳକୁ ଇଂଲଣ୍ଡ ୧୫୩ ରନ୍‌ରେ ୬ଷ୍ଠ ୱିକେଟ ହରାଇ ବିପଦରେ ପଡ଼ିଥିଲା।

ଏହି ମ୍ୟାଚ୍‌ରେ ଉଭୟ ଦଳ ପକ୍ଷରୁ ଏକାଧିକ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ଦେଖିବାକୁ ମିଳିଛି। ବିଶେଷ କରି ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପ୍ରଥମ ଇନିଂସରେ ୨୬୯ ଓ ଦ୍ୱିତୀୟ ଇନିଂସରେ ୧୬୧ ରନ୍ କରି ଏକାଧିକ ରେକର୍ଡ କରିବା ସହ ସ୍ମରଣୀୟ ପରିପାରିଛନ୍ତି। ସେହିପରି ଇଂଲଣ୍ଡ ଇନିଂସ୍‌ରେ ଜାମି ସ୍ମିଥଙ୍କ କାଉଣ୍ଟରଆଟାକ ବା ପ୍ରତ୍ୟାକ୍ରମଣ ବେଶ ଉପଭୋଗ୍ୟ ହୋଇଥିଲା। ସେ ଅପରାଜିତ ୧୮୪ ଏବଂ ହ୍ୟାରୀ ବ୍ରୁକ୍ ୧୫୮ ରନ୍ କରିଥିଲେ। ଏହି ଇନିଂସରେ ଭାରତ ପକ୍ଷରୁ ମହମ୍ମଦ ସିରାଜ ୬ଟି ୱିକେଟ ନେଇ ଇଂଲଣ୍ଡରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ : ୫୮୭/୧୦, ୧୫୩ ଓଭର** (ଗିଲ-୨୬୯, ଜାଡେଜା-୮୯, ଜୟସ୍ୱାଲ-୮୭, ବସିର-୩/୧୬୭, ଓକ୍ସ-୨/୮୧, ଟଙ୍ଗ୍-୨/୧୧୯)।

**ଇଂଲଣ୍ଡ ପ୍ରଥମ ଇନିଂସ: ୪୦୭/୧୦, ୮୯.୩ ଓଭର** (ସ୍ମିଥ-୧୮୪*, ବ୍ରୁକ୍-୧୫୮, ସିରାଜ-୬/୭୦, ଆକାଶ ଦୀପ-୪/୮୮)।

**ଭାରତ ଦ୍ୱିତୀୟ ଇନିଂସ : ୪୨୭/୬, ୮୩ ଓଭର ପାଳି ଘୋଷିତ** (ଗିଲ-୧୬୧, ଜାଡେଜା-୬୯*, ପନ୍ତ-୬୫, ରାହୁଲ-୫୫, ଟଙ୍ଗ-୨/୯୩, ବସିର-୨/୧୧୯)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭୧/୧୦, ୬୮.୧ ଓଭର** (ସ୍ମିଥ୍-୮୮, ଷ୍ଟୋକ୍ସ-୩୩, ଡକେଟ-୨୫, ରୁଟ-୬, ବ୍ରୁକ୍-୨୩, କାର୍ସ-୩୮, ଆକାଶଦୀପ-୬/୯୯, ସିରାଜ-୧/୫୭, ସୁନ୍ଦର-୧/୨୮)।

ୱିମ୍ବଲଡନ ୭ମ ଦିବସ

## ଫ୍ରିଜ୍-ଖାଚାନୋଭ କ୍ୱାର୍ଟର ଲଢ଼େଇ

ଲଣ୍ଡନ, ୬।୭ (ଏଜେନ୍ସି): ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ୭ମ ଦିବସ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସରେ ୫ମ ସିଡ୍ ଆମେରିକାର ଟେଲର୍ ଫ୍ରିଜ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆର ଅଣସିଡେଡ୍ ଖେଳାଳି ଜୋର୍ଡାନ ଥମ୍ପସନ ଆଘାତ ହୋଇ ମ୍ୟାଚ୍ ଅଧାରୁ ରିଟାୟର୍ଡ ହଟ୍ ହୋଇଯିବାରୁ ଫ୍ରିଜଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ଏହି ସମୟରେ ଫ୍ରିଜ ୬-୧, ୩-୦ରେ ଅଗ୍ରଣୀ ରହିଥିଲେ। ଗତ ୪ ବର୍ଷ ମଧ୍ୟରେ ଫ୍ରିଜ ୩ୟଥର ଲାଗି ୱିମ୍ବଲଡନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟରରେ ଫ୍ରିଜ୍ ୧୭ତମ ସିଡ୍ ରୁଷିଆର କରନ ଖାଚାନୋଭାଙ୍କୁ ଭେଟିବେ। ଅନ୍ୟ ଏକ ପୁରୁଷ ପ୍ରି-କ୍ୱାର୍ଟର ଫାଇନାଲରେ କରନ ୬-୪, ୬-୨, ୬-୩ ସିଧାସଳଖ ସେଟ୍‌ରେ ପୋଲାଣ୍ଡର କାମିଲ ମାଜଚରଜାକଙ୍କୁ ସହଜରେ ହରାଇ ଅନ୍ତିମ-୮ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅପରପକ୍ଷରେ ଶନିବାର ରାତିରେ ୭ଥରର ଚାମ୍ପିଅନ ସର୍ବିଆର ନୋଭାକ ଜୋକୋଭିଚ୍ ଏକ ବଡ଼ ବିଜୟ ହାସଲ କରିଛନ୍ତି। ତୃତୀୟ ରାଉଣ୍ଡ ମୁକାବିଲାରେ ସେ ନିଜ ଦେଶର ମିଓମିର୍ କେମାନୋଭିଚ୍‌ଙ୍କୁ ୬-୩, ୬-୦, ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏଥିସହ ସେ ସ୍ଥାନୀୟ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ଅର୍ଥାତ୍ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟରେ କ୍ୟାରିୟରର ୧୦୦ତମ ବିଜୟ ଲାଭ କରିଥିଲେ। ବିଶ୍ୱର ୩ୟ ଖେଳାଳି ଭାବେ ସେ ୱିମ୍ବଲଡନରେ ୧୦୦ଟି ମ୍ୟାଚ୍ ଜିତିବାର କୀର୍ତ୍ତିମାନ କରିଥିଲେ। ତାଙ୍କ ପୂର୍ବରୁ ମାର୍ଟିନା ନାଭ୍ରାତିଲୋଭା ଓ ରୋଜର ଫେଡେରର୍ ଏହି କ୍ଲବରେ ସାମିଲ ହୋଇଥିଲେ। ରବିବାର ରାତିରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ଆନ୍ଦ୍ରେ ରୁବଲେଭଙ୍କ ମଧ୍ୟରେ ପ୍ରି-କ୍ୱାର୍ଟର ମ୍ୟାଚ୍ ଜାରି ରହିଛି।


ଟେଲର୍ ଫ୍ରିଜ୍

ଏଏଫ୍‌ସି ମହିଳା ଏସିଆ କପ୍

## ଭାରତ ସମେତ ୧୧ ଦେଶକୁ ଯୋଗ୍ୟତା

ବ୍ୟାଙ୍କକ୍,୬।୭ (ଏଜେନ୍ସି): ଅଷ୍ଟ୍ରେଲିଆରେ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଏଏଫ୍‌ସି ମହିଳା ଏସିଆ କପ୍ ଫୁଟବଲରେ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏଥିଲାଗି ଅନୁଷ୍ଠିତ ବିଭିନ୍ନ ପ୍ରକାର ଟୁର୍ଣ୍ଣାମେଣ୍ଟରୁ ୧୧ଟି ଦେଶ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଗତକାଲି ନିଜଠାରୁ ଅଧିକ ମାନ୍ୟତାପ୍ରାପ୍ତ ଟିମ୍ ଥାଇଲାଣ୍ଡକୁ ପରାସ୍ତ କରି ଭାରତ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟ ଦେଶ ଗୁଡ଼ିକ ହେଲା ଅଷ୍ଟ୍ରେଲିଆ, ଜାପାନ, ଉତ୍ତରକୋରିଆ, ଚୀନ୍, ଦକ୍ଷିଣ କୋରିଆ, ଭିଏତନାମ୍, ଫିଲିପାଇନ୍ସ, ଚାଇନିଜ୍ ତାଇପେଇ, ଉଜ୍‌ବେକିସ୍ତାନ ଓ ବାଂଲାଦେଶ। ଜୁଲାଇ ୭ରୁ ୧୯ ମଧ୍ୟରେ ଖେଳାଯିବାକୁ ଥିବା ଗ୍ରୁପ୍-ଏ'ର ବିଜେତା ଶେଷ ଦଳ ଭାବେ ଯୋଗ୍ୟତା ଅର୍ଜନ କରିବ। ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳ ୨୦୨୭ ଫିଫା ମହିଳା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ଲାଗି ଯୋଗ୍ୟତା ଅର୍ଜନ କରିବେ। ଏଥିଲାଗି ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବଢ଼ିଯାଇଛି। ଥାଇଲାଣ୍ଡରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସଙ୍ଗୀତା ବାସ୍‌ଫୋରଙ୍କ ଡବଲ ଗୋଲ ବଳରେ ଭାରତ ୨-୧ ଗୋଲରେ ଆୟୋଜକ ଥାଇଲାଣ୍ଡକୁ ହରାଇ ଏଏଫ୍‌ସି ମହିଳା ଏସିଆ କପ୍-୨୦୨୬କୁ ଯୋଗ୍ୟତା ଅର୍ଜନ କରିଥିଲା।

## ଏସିଆନ୍ ପାରା ଆର୍ଚେରୀରେ ହରବିନ୍ଦରଙ୍କୁ ସ୍ୱର୍ଣ୍ଣ ପଦକ



ବେଜିଂ, ୬।୭ (ଏଜେନ୍ସି): ପାରାଅଲିମ୍ପିକ ଚାମ୍ପିଅନ ହରବିନ୍ଦର ସିଂହ ଚାଇନାରେ ଚାଲିଥିବା ଏସିଆନ୍ ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଓପନ୍ ଇଣ୍ଡିଭିଜୁଆଲ୍ ଇଭେଣ୍ଟର ଫାଇନାଲରେ ହରବିନ୍ଦର ୭-୧ (୨୮-୨୪, ୩୦-୨୮, ୨୬-୨୬, ୩୦-୨୮)ରେ ଥାଇଲାଣ୍ଡର ହାନରେଉଟାଇ ସେତସିରିଙ୍କୁ ପରାସ୍ତ କରିଥିଲେ। ସେହିଭଳି ମହିଳା କମ୍ପାଉଣ୍ଡରେ ଜ୍ୟୋତି ୧୪୪-୧୩୩ରେ ଇଣ୍ଡୋନେସିଆର ଅଡି ଆୟୁଡିଆଙ୍କୁ ହରାଇ କାଂସ୍ୟ ପଦକ ଜିତିଛନ୍ତି।

## ନେତୃତ୍ୱ ପଦାର୍ପଣରେ ମୁଲ୍‌ଡର୍‌ଙ୍କ ଦ୍ୱିଶତକ

ବୁଲାୱାୟୋ, ୬।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ରବିବାରଠାରୁ ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବରେ ଆରମ୍ଭ ହୋଇଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା କାମଚଳା ଅଧିନାୟକ ୱିଆନ ମୁଲ୍‌ଡର୍‌ଙ୍କ ଦମ୍‌ଦାର ଦ୍ୱିଶତକ ବଳରେ ଷ୍ଟମ୍ପ ସୁଦ୍ଧା ୮୮ ଓଭରରେ ୪ ୱିକେଟ୍ ହରାଇ ୪୬୫ ରନ ସଂଗ୍ରହ କରିଛି। ଏହି ସମୟରେ ଅଧିନାୟକ ମୁଲଡର୍ ୨୬୪ ଓ ଡେୱାଲ୍ଡ ବ୍ରେଭିସ ୧୫ ରନ କରି ଅପରାଜିତ ରହିଛନ୍ତି। ଦ୍ରୁତ ବ୍ୟାଟିଂ କରିଥିବା ମୁଲଡର୍ ୨୫୯ ବଲ୍‌ର ଏହି ପାଳିରେ ୩୪ ଚୌକା ଓ ୩ ଛକା ମାରିଥିଲେ। ଏହି ଦ୍ୱିଶତକୀୟ ପାଳି ଅବସରରେ ମୁଲ୍‌ଡର୍ ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ବିଶ୍ୱର ୩ୟ ଖେଳାଳି ଭାବେ ନେତୃତ୍ୱ ନେବାର ପ୍ରଥମ ପାଳିରେ ଦ୍ୱିଶତକ ହାସଲ କରିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କ ପୂର୍ବରୁ ନ୍ୟୁଜିଲାଣ୍ଡର ଗ୍ରାହମ ଡୋଲିଙ୍ଗ୍ (୧୯୬୮ରେ ଭାରତ ବିପକ୍ଷରେ) ଓ ୱେଷ୍ଟଇଣ୍ଡିଜର ଶିବନାରାୟଣ ଚନ୍ଦ୍ରପଲ୍ (୨୦୦୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ) ଏହି ସଫଳତା ପାଇଥିଲେ।

ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ୍

## ରିଅଲ୍-ପିଏସ୍‌ଜି ସେମିଫାଇନାଲ


ଲିଙ୍କନ୍, ୬।୭ (ଏଜେନ୍ସି): ସ୍ପେନ୍‌ର ରିଅଲ ମାଦ୍ରିଦ୍ ଓ ଫ୍ରାନ୍ସର ପ୍ୟାରିସ୍ ସେଣ୍ଟ ଜର୍ମେନ (ପିଏସ୍‌ଜି)ର କ୍ୱାର୍ଟର ଫାଇନାଲ ବିଜୟ ସହ ଏଠାରେ ଚାଲିଥିବା କ୍ଲବ୍ ବିଶ୍ୱକପ୍ ଫୁଟବଲର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଜୁଲାଇ ୮ରେ ହେବାକୁ ଥିବା ପ୍ରଥମ ସେମିଫାଇନାଲରେ ଇଂଲଣ୍ଡର ଚାମ୍ପିଅନ କ୍ଲବ୍ ଚେଲସୀ ସହ ବ୍ରାଜିଲର ଟାଣୁଆ ଟିମ୍ ଫ୍ଲୁମିନେନ୍ସ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିପରି ଜୁଲାଇ ୯ରେ ରିଅଲ ମାଦ୍ରିଦ୍ ଓ ପିଏସ୍‌ଜି ଦ୍ୱିତୀୟ ସେମିଫାଇନାଲରେ ପରସ୍ପର ସହ ମୁକାବିଲା କରିବେ। ଦୁଇ ସେମିଫାଇନାଲ ବିଜେତାଙ୍କ ମଧ୍ୟରେ ଫାଇନାଲ ମୁକାବିଲା ଜୁଲାଇ ୧୩ରେ ହେବ।

ଦ୍ୱିତୀୟ ଟେଷ୍ଟ

## ୱେଷ୍ଟଇଣ୍ଡିଜ ସାମ୍ନାରେ ୨୭୭ ରନ ଟାର୍ଗେଟ୍

ସେଣ୍ଟ ଜର୍ଜ୍ସ, ୬।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୨୭୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ରବିବାର ଶେଷ ଖବର ସୁଦ୍ଧା ୧୩ ଓଭରରେ ୪ ୱିକେଟ୍ ହରାଇ ୩୩ ରନ ସଂଗ୍ରହ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଜିତି ଭ୍ରମଣକାରୀ ଅଷ୍ଟ୍ରେଲିଆ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ଏହି ଦ୍ୱିତୀୟ ଟେଷ୍ଟକୁ ଜିତି ଅଷ୍ଟ୍ରେଲିଆ ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି।

ଏହି ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୮୬ ରନ କରିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୨୫୩ ରନରେ ପ୍ରଥମ ପାଳିରେ ସୀମିତ ରହିଥିଲା। ଫଳରେ ୩୬ ରନରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶନିବାର ଷ୍ଟମ୍ପ ସୁଦ୍ଧା ୭ ୱିକେଟ୍‌ରେ ୨୨୧ ରନ କରିଥିବା ଅଷ୍ଟ୍ରେଲିଆ ଦଳ ୪ର୍ଥ ଦିବସରେ ରବିବାର ସକାଳେ ଆଉ ୨୨ ରନ ଯୋଡ଼ି ବଳକା ୩ ୱିକେଟ୍ ହରାଇଥିଲା। ଦ୍ୱିତୀୟ ପାଳିରେ ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟିଭେନ ସ୍ମିଥ ସର୍ବାଧିକ ୭୧, କାମେରନ ଗ୍ରୀନ ୫୨, ଟ୍ରାଭିସ ହେଡ୍ ୩୯, ଆଲେକ୍ସ କେରୀ ୩୦, ଅଧିନାୟକ ପ୍ୟାଟ୍ କମିନ୍ସ ୪, ମିଚେଲ ଷ୍ଟାର୍କ ଅପରାଜିତ ୧୩ ରନ କରିଥିଲେ। ୱେଷ୍ଟଇଣ୍ଡିଜ ପାଇଁ ସାମାର ଜୋସେଫ ସବୁଠୁ ସଫଳ ବୋଲର ରହିଥିଲେ। ସେ ୪ଜଣ ଅଷ୍ଟ୍ରେଲୀୟ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିବାବେଳେ ଜାଡେନ ସେଲ୍ସ, ଅଲ୍‌ଜାରୀ ଜୋସେଫ୍ ଓ ଜଷ୍ଟିନ ଗ୍ରେଭିସ ବଳକା ୬ଟି ୱିକେଟ୍‌କୁ ବାଣ୍ଟି ନେଇଥିଲେ।



## କନ୍ଦନ ମୁର୍ମୁ ହେଲେ ବିଶ୍ୱ ଜୁଡୋ ରେଫରୀ



ଭୁବନେଶ୍ୱର,୬।୭ (ସମିସ): ଓଡ଼ିଶା ଜୁଡୋର ଜଣାଶୁଣା ଚେହେରା କନ୍ଦନ ଓରଫ ମନୋଜ ମୁର୍ମୁଙ୍କୁ ମିଳିଛି ଏକ ବଡ଼ ସଫଳତା। କାଜାଖସ୍ତାନରେ ଅନୁଷ୍ଠିତ ବିଶ୍ୱ ଜୁଡୋ ରେଫରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ରାଜ୍ୟର ପ୍ରଥମ ବିଶ୍ୱ ଜୁଡୋ ରେଫରୀ ହୋଇଛନ୍ତି। ଏହା ଫଳରେ ଏବେ ସେ ବିଶ୍ୱର ସମସ୍ତ ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କାଜାଖସ୍ତାନର ଆଲମାଟିରେ ଜୁଲାଇ ୨ରୁ ୪ ଯାଏ ଅନୁଷ୍ଠିତ ଏହି ପରୀକ୍ଷାରେ ୧୧ଟି ଦେଶରୁ ୧୯ ଜଣ ଅନ୍ତର୍ଜାତୀୟ ରେଫରୀ ଯୋଗଦେଇଥିଲେ। ଏଥିରେ ଲିଖିତ, ମୌଖିକ ଓ ପ୍ରାକ୍ଟିକାଲ ପରୀକ୍ଷା ହୋଇଥିଲା। କନ୍ଦନ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ବିଶ୍ୱ ଜୁଡୋ ରେଫରୀ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ମୂଳ ବାସିନ୍ଦା କନ୍ଦନ ବିଜେବି କଲେଜ୍‌ରେ ପଢୁଥିଲାବେଳେ କୋଚ୍ ସ୍ୱର୍ଗତଃ ବିରଞ୍ଚି ଦାସଙ୍କଠାରୁ ଜୁଡୋ ଶିଖିଥିଲେ। ଏହା ପରେ ସେ ଗୋଟିକ ପରେ ଗୋଟିଏ ରେଫରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏବେ ବିଶ୍ୱରେ ପରିଚିତ ହୋଇଛନ୍ତି। ଏବେ କିସ୍ ୟୁନିଭର୍ସିଟିରେ ଜୁଡୋ କୋଚ୍ ରହିବା ସହ ଓଡ଼ିଶା ଜୁଡୋ ସଂଘର ଟେକ୍ନିକାଲ ଚେୟାରମ୍ୟାନ ଦାୟିତ୍ୱ ତୁଲାଉଛନ୍ତି। ଏହି ସଫଳତା ଲାଗି ସେ ଓଡ଼ିଶା ଜୁଡୋ ସଂଘ, କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ପତ୍ନୀ ରୋଜାଲିନ୍‌ଙ୍କ ସହ ପରିବାରର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆୟାବନ୍ତ ଜିତିଲେ ରାଜ୍ୟ ସ୍କୁଲ ଓପନ ଚେସ୍



ଭୁବନେଶ୍ୱର,୬।୭ (ସମିସ): ନାରାୟଣ ଇ ଟେକ୍ନୋ ସ୍କୁଲର ଆୟାବନ୍ତ ମହାନ୍ତି ପୋଖରୀପୁଟ ଡିଏଭି ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ ହୋଇଛନ୍ତି। ରବିବାର ସ୍କୁଲ ପରିସରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆୟାବନ୍ତ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରିଥିଲେ। ଆୟୋଜକ ସ୍କୁଲ୍‌ର ଶ୍ରେୟସ କୁମାର ବେହୁରିଆ ୪.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ ୩ଜଣ ଖେଳାଳି ଯଥା ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ରେୟାଂଶ ପରାଶର ଓ ପୋଖରୀପୁଟ ଡିଏଭିର ସାଇସ୍ୱାଗତ ପରିଜା ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ପୋଖରୀପୁଟ ଡିଏଭି ସ୍କୁଲ ଅଧକ୍ଷ ବିପିନ କୁମାର ସାହୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ମୁଖ୍ୟ ଖେଳ ଶିକ୍ଷକ ନବକିଶୋର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷକ ଦୀପକ କୁମାର ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

## ସେପ୍ଟେମ୍ବରରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

- ଭାଗ ନେବେ ୬ଟି ଦଳ
- ଡ୍ରାଫ୍ଟରେ ଖେଳାଳି କିଣା



କଟକ,୬।୭ (ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏକ ନୂଆ ଢ଼ାଞ୍ଚାରେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବାକୁ ଯାଉଛି। ଏରିଭା ସ୍ପୋର୍ଟସ ସହଭାଗିତାରେ ଆସନ୍ତା ସେପ୍ଟେମ୍ବରରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଓଡ଼ିଶା ପ୍ରୋ ଟି-୨୦ ଲିଗ(ଓପିଟିଏଲ)। ଯେଉଁଥିରେ ୬ଟି ଦଳ ଭାଗ ନେବା ସହ ରାଜ୍ୟର ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କ୍ରୟ କରାଯିବ। ଓସିଏର ଗତ ଆପେକ୍ସ କାଉନସିଲ ବୈଠକରେ ଲିଗ୍ ବାବଦରେ ଆଲୋଚନା ହୋଇଥିବା ଆଜି ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ସୋମବାର ଠାରୁ ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ ରହିବ।

ବିଗତ ଦିନରେ ଓଡ଼ିଶା ପ୍ରିମିୟର ଲିଗ(ଓପିଏଲ) ଏବଂ ଓଡ଼ିଶା କ୍ରିକେଟ ଲିଗ(ଓସିଏଲ)ର ସଫଳତା ପରେ ରାଜ୍ୟ କ୍ରିକେଟ ସଂଘ ଏବେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ନୂତନ ରୂପରେଖ ଦେବାକୁ ଯାଉଛି। ବେଙ୍ଗଲ, ବିଦର୍ଭ, ସୌରାଷ୍ଟ୍ରରେ ଲିଗ୍ ଆୟୋଜନ କରିଥିବା ଏରିଭା ସ୍ପୋର୍ଟସ ଚଳିତବର୍ଷ ଠାରୁ ଓଡ଼ିଶାରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଦାୟିତ୍ୱ ସମ୍ଭାଳିବ। ରାଜ୍ୟର ବିଭିନ୍ନ ଅଞ୍ଚଳକୁ ନେଇ ୬ଟି ଦଳ ଗଠନ ହେବ। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ରାଜ୍ୟରେ କ୍ରିକେଟର ଧାରାକୁ ବଦଳାଇବା କ୍ଷେତ୍ରରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ସହାୟକ ହେବ। ପ୍ରତିଭାବାନ ଖେଳାଳିଙ୍କୁ ନେଇ ପେଶାଦାର ଢ଼ାଞ୍ଚାରେ ଲିଗ୍ ଖେଳାଯିବ। ଓଡ଼ିଶାରେ ଅନ୍ୟ କ୍ରୀଡ଼ା ଗୁଡିକର ଦୃଷ୍ଟାନ୍ତମୂଳକ ବିକାଶ ଘଟୁଛି, ଏବେ କ୍ରିକେଟର ପାଳି ବୋଲି ସଞ୍ଜୟ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ସହଯୋଗରେ ଉକ୍ତ ଲିଗ୍ ଆୟୋଜନ ନେଇ ଉତ୍ସାହିତ ଥିବା କହିଛନ୍ତି ଏରିଭା ସ୍ପୋର୍ଟସର କୋ-ଫାଉଣ୍ଡର ରଜନୀଶ ଚୋପ୍ରା। ସେ ଏହା ମଧ୍ୟ କହିଥିଲେ ଯେ, ଓପିଟିଏଲ କେବଳ କ୍ରୀଡା ଭିତ୍ତିକ ମନୋରଞ୍ଜନ ଯୋଗାଇବ ନାହିଁ, ବରଂ ଓଡ଼ିଶାରେ ତୃଣମୂଳ ସ୍ତରରୁ କ୍ରିକେଟର ବିକାଶ ଦିଗରେ କାର୍ଯ୍ୟ କରିବ। ରାଜ୍ୟର କୋଣ ଅନୁକୋଣରୁ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସାମ୍ନାକୁ ଆଣିବା ପାଇଁ ଉଦ୍ୟମ ହେବ ବୋଲି ରଜନୀଶ କହିଛନ୍ତି। ଇଓଆଇ ତଥା ଦି ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ ଡକ୍ୟୁମେଣ୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଓସିଏର ୱେବସାଇଟରେ ଉପଲବ୍ଧ କରାଯିବ। କ୍ରିକେଟ ପ୍ରତି ପ୍ରତିବଦ୍ଧତା ଏବଂ ଦୀର୍ଘମିଆଦି ଦୃଷ୍ଟିକୋଣରୁ ଫ୍ରାଞ୍ଚାଇଜ ଚୟନ ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଓସିଏର ଆପେକ୍ସ କାଉନସିଲ ବୈଠକରେ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି ଓ ଗୀତା ସାମନ୍ତରାୟ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS